

ସୁଗ୍ରୀବ ଭୂମିକାରେ
ଅମିତ
▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-59 ◆SATURDAY ◆23 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୯ ◆ଶନିବାର ◆୨୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେ ଗିରଫ



■ **କଲମ୍ବୋ, ୨୨।୮ (ଏଜେନ୍ସି):** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେଙ୍କୁ ଶୁକ୍ରବାର ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ବାଟମାରଣ ଓ ଦୁର୍ନୀତି ଅଭିଯୋଗରେ ଶ୍ରୀଲଙ୍କା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲା ୨୦୨୩ର। ସେ ରାଷ୍ଟ୍ରପତି ଥିବା ବେଳେ ଏହି ସମୟରେ ପତ୍ନୀ ତଥା ପ୍ରଫେସର ମୈତ୍ରୀ ବିକ୍ରମାସିଂଘେଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଲଣ୍ଡନ ଯାଇଥିଲେ। ଦୁହେଁ ଉଲଭରହାମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେ ସିଧା ଶ୍ରୀଲଙ୍କାରୁ ଲଣ୍ଡନ ଯାଇ ନ ଥିଲେ। ସେ ହାଭାନାରେ ଜି-୭୭ ସମ୍ମିଳନୀରେ ଯୋଗ ଦେଇ ଲଣ୍ଡନ ବାଟେ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ବ୍ୟକ୍ତିଗତ ଗସ୍ତ ଥିଲା। ମାତ୍ର ସେ ଏଥିରେ ସରକାରୀ ଅର୍ଥର ଅପବ୍ୟବହାର କରିଥିଲେ। ଏହା ଛଡା ସେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ସରକାରୀ ପାଣ୍ଠିରୁ ଦରମା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

ଶୁକ୍ରବାର ସକାଳେ ରାନିଲଙ୍କୁ ଆର୍ଥିକ ଅପରାଧ ଯାଞ୍ଚ ବିଭାଗ (ଏଫ୍‌ସିଆଇଡି)ରେ ହାଜର କରାଯାଇଥିଲା। ତାଙ୍କୁ ଦୀର୍ଘ ୪ ଘଣ୍ଟାର ଧରି ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ୭୬ ବର୍ଷୀୟ ରାନିଲ ଶ୍ରୀଲଙ୍କାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ▸ପୃଷ୍ଠା-୭

## ୧୨ ହଜାର ଫୁଟ ଉଚ୍ଚରେ ଭାଙ୍ଗିଲା ବୋଇଂ ବିମାନ ଡେଣା

### ୬୨ ଯାତ୍ରୀଙ୍କ ସହ ଟେକ୍ସାସରେ ସୁରକ୍ଷିତ ଅବତରଣ

■ **ୱାଶିଂଟନ, ୨୨।୮ (ଏଜେନ୍ସି):** ଆମେରିକାରେ ଡେଲ୍ଟା ଏୟାର ଲାଇନ୍ସର ଏକ ବୋଇଂ ୭୩୭ ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଗତ ୧୯ ତାରିଖରେ ବିମାନ ୧୨,୦୦୦ ଫୁଟ ଉଚ୍ଚରେ ଉଡୁ ଥିବାବେଳେ ଏହାର ବାମପଟ ଡେଣା ଭାଙ୍ଗି ଅଲଗା ହୋଇ ଯାଇଥିଲା। ଏହାପରେ ବିମାନକୁ ଟେକ୍ସାସର ଅଷ୍ଟିନ୍-ବେର୍ଗଷ୍ଟ୍ରମ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ଏହି ବିମାନ ଫ୍ଲୋରିଡାର ଅର୍ଲାଣ୍ଡୋ ବିମାନ ବନ୍ଦରରୁ ଟେକ୍ସାସକୁ ଯାଉଥିଲା। ଏଥିରେ ୬୨ ଯାତ୍ରୀଙ୍କ ସହ ୬ ଜଣ କ୍ରୁ ମେମ୍ବର ଥିଲେ। ଡେଣା ଭାଙ୍ଗିବା ପରେ ବିମାନ ଜୋରରେ ଦୋହଲିବାରେ ଲାଗିଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ। ଜଣେ ଯାତ୍ରୀ ଡେଣା ଭାଙ୍ଗିବା ଘଟଣାର ଫୁଟେଜ ରେକର୍ଡ କରିଥିଲେ। ଅବତରଣ ପରେ ଡେଲ୍ଟା ଏୟାର ଲାଇନ୍ସ ଯାତ୍ରୀମାନଙ୍କୁ କ୍ଷମା ମାଗିଛି। ଏହି କମ୍ପାନୀ ଆମେରିକାର ଏକ ବହୁ ପୁରୁଣା ଏୟାର ଲାଇନ୍ସ ଓ ଏହାକୁ ୧୯୨୫ରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଡେଲ୍ଟା ଏୟାର ଲାଇନ୍ସର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଗତ ଫେବୃଆରୀରେ କାନାଡାର ଟରଣ୍ଟୋରେ ଏହି କମ୍ପାନୀର ଏକ ବିମାନ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୧ ଜଣ ଆହତ ହୋଇଥିଲେ।

### ୧୨ ଦିନ ହେଲା ଆନ୍ଦୋଳନରେ ୧୦ ହଜାର ରାଜସ୍ୱ ଅମଲା

# ସରକାର ବେଫିକର; ସଂଘ ଅଟଳ

■ **ଭୁବନେଶ୍ୱର, ୨୨।୮ (ସମିସ):** ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଶନିବାର ଓ ରବିବାରକୁ ମିଶାଇଲେ ଏହା ୧୪ ଦିନ ହେବ। ଏତେ ଦିନ ହେବ ନିଜ ଜିଦ୍‌ରେ ଅଟଳ ଥିବା ଅମଲା ସଂଘ ସରକାରଙ୍କ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛି। ଖରା ବର୍ଷାରେ ରାଜସ୍ୱ ଅମଲାମାନେ ନିଜ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଛକୁ ହଟିବାର ପ୍ରଶ୍ନ ଉଠୁନି ବୋଲି ସଂଘ କହିଛି। ଅନ୍ୟପଟେ ଆନ୍ଦୋଳନକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ସେମାନଙ୍କ ଦାବି ପୂରଣ କରିବା ଦୂରର କଥା, ସେମାନଙ୍କ ସହ କୌଣସି ଆଲୋଚନା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରି ନାହାନ୍ତି। ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ସକାରୀ ସେବା ପାଇବାରୁ ବଞ୍ଚିତ ହେଉଥିବା ସତ୍ତ୍ୱେ ସରକାର କାହିଁକି

### ▸▸ ସାରା ରାଜ୍ୟରେ ରାଜସ୍ୱ ସେବା ଅଚଳ

### ▸▸ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଆଲୋଚନା ପାଇଁ ସଂଘକୁ ଡାକୁ ନାହାନ୍ତି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଆଦିରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ମୁଖ୍ୟତଃ ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ, ଜମିଜମା ପଟ୍ଟା ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଲାଙ୍କ ଦାବି ପୁରଣ କିମ୍ବା ସେମାନଙ୍କୁ ଆନ୍ଦୋଳନରୁ ଓହରିବା ନେଇ ପ୍ରକ୍ରିୟା ନ କରାଇଲେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ି ବଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ସରକାର ଏହି ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ରାଜସ୍ୱ ଅମଲାଙ୍କୁ ଡରାଇବା ସାଧାରଣ ଲୋକଙ୍କ ପାଇଁ ଆହୁରି ସମସ୍ୟା ବଢ଼ାଇଛି। ସରକାର ▸ପୃଷ୍ଠା-୭

### କୁକୁର ପ୍ରେମୀଙ୍କ ପାଇଁ ନିଷ୍ପତ୍ତି ବଦଳାଇଲେ ସୁପ୍ରିମକୋର୍ଟ

## ବନ୍ଧ୍ୟାକରଣ କରି ଛାଡ଼; ହିଂସ୍ରଙ୍କୁ ରଖ



- ସାର୍ବଜନୀନ ସ୍ଥାନରେ ଖାଦ୍ୟ ଦେବା ମନା
- ଦିଲ୍ଲୀ ସମେତ ସାରା ଦେଶରେ ଲାଗୁ ହେବ
- କୁକୁର ପ୍ରେମୀଙ୍କୁ ୨୫ ହଜାର, ଏନ୍‌ଜିଓଙ୍କୁ ୨ ଲକ୍ଷ ଦେବାକୁ ନିର୍ଦ୍ଦେଶ
- ଜାତୀୟସ୍ତରୀୟ ନୀତି ପ୍ରସ୍ତୁତି କରିବା ଜରୁରୀ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** କୁକୁର ପ୍ରେମୀଙ୍କ ପାଇଁ ସୁପ୍ରିମକୋର୍ଟ ନିଜ ରାୟ ପରିବର୍ତ୍ତନ କରିଛନ୍ତି। ଗତ ୧୧ ତାରିଖରେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସେଲିବ୍ରିଟିଙ୍କଠାରୁ ନେଇ ପୂର୍ବତନ ସାଂସଦ, ବିରୋଧୀ ଦଳ ନେତା, ଏନ୍‌ଜିଓ, କିଛି ସାଧାରଣ ଲୋକେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି କୁକୁର ପ୍ରେମୀ ଗିରଫ ମଧ୍ୟ ହୋଇଥିଲେ। ପରେ ରାୟର ସମୀକ୍ଷା ଆବେଦନକୁ ସିଜେଆଇ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଜଷ୍ଟିସ ବିକ୍ରମ ନାଥଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବ ନିର୍ଦ୍ଦେଶକୁ ଅତ୍ୟନ୍ତ କଠୋର କହି ଏହାକୁ ବଦଳାଇ ଦେଇଛନ୍ତି। ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ବୁଲା କୁକୁରଙ୍କୁ ଛାଡ଼ିଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ତେବେ ହିଂସ୍ର ଏବଂ ରେବିଜ୍ ସଂକ୍ରମିତ କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ▸ପୃଷ୍ଠା-୭

### ବିହାର ଏସ୍‌ଆଇଆର ମାମଲା

## ଆଧାର କାର୍ଡକୁ ବୈଧ କହିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସଆଇଆର)କୁ ନେଇ ହଙ୍ଗାମା ଜାରି ରହିଛି। ବିରୋଧୀ ଏହାକୁ ପ୍ରତ୍ୟାହାର ଦାବି କରୁଥିବାବେଳେ ଚିଠା ଭୋଟର ତାଲିକାରୁ ଅନେକ ଲୋକ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି।


### ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ

### ରାଜନୈତିକ ଦଳଙ୍କୁ ଭର୍ତ୍ସନା କଲେ ସର୍ବୋଚ୍ଚ ନ୍ୟାୟାଳୟ

ପରିଚୟପ୍ରମାଣ ଭାବେ ଆଧାର କାର୍ଡକୁ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଅନ୍ୟ ପ୍ରମାଣପତ୍ର ସହ ଆଧାରକୁ ସାମିଲ କରିବାକୁ ସରକାରଙ୍କୁ କହିଛନ୍ତି। ଏହା ସହିତ ହଟିଥିବା ନାମକୁ ତାଲିକାରେ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଚୁପ୍ ରହିବାକୁ ନେଇ ସୁପ୍ରିମକୋର୍ଟ ରାଜନୈତିକ ଦଳଙ୍କୁ ଭର୍ତ୍ସନା କରିଛନ୍ତି। ▸ପୃଷ୍ଠା-୭

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ



■ **ଭୁବନେଶ୍ୱର, ୨୨।୮ (ସମିସ):** ଡିହାଇଡ୍ରେସନ୍ ଜନିତ ଅସୁସ୍ଥତାରୁ ମୁକ୍ତ ହୋଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାସଭବନକୁ ଫେରିବା ପରେ ପୁଣି ନବୀନ ନିବାସରେ ଆରମ୍ଭ ହୋଇଛି ଗହଳି। ଦଳର ବରିଷ୍ଠ ନେତାମାନେ ନବୀନଙ୍କୁ ଭେଟିଥିବାବେଳେ ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକ ଆଜି ନବୀନ ନିବାସରେ ପହଞ୍ଚିଛନ୍ତି। ସେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓ ଚିକିତ୍ସା କରୁଥିବା ଡାକ୍ତର ପ୍ରଫେସର ସମୀର ସାହୁ ଓ ଡାକ୍ତର ଅଲୋକ କୁମାର ପାଣିଗ୍ରାହୀଙ୍କ ସହ ମଧ୍ୟ ▸ପୃଷ୍ଠା-୭

### ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ



- ନିମ୍ନମାନର କାମ ପାଇଁ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

■ **ଭୁବନେଶ୍ୱର, ୨୨।୮ (ସମିସ):** ବିଭିନ୍ନ ଯୋଜନା ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ ପାଇଁ ଆସନ୍ତା ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ହେବ। ଶୁକ୍ରବାର ▸ପୃଷ୍ଠା-୭

# ସରକାରଙ୍କ ଗଳାରେ 'ଏନ୍‌ଏସି' କଣ୍ଟା

### ୧୨କୁ ମିଳିଛି ମାନ୍ୟତା, ଆଉ ୯ ପାଇଁ ପ୍ରକ୍ରିୟା ଜାରି

- ୫୭ ନୂଆ ଏନ୍‌ଏସି ଘୋଷଣା କରିଥିଲେ ପୂର୍ବ ସରକାର
- ବାକି ଜିଲ୍ଲାରେ ବିକ୍ଷୋଭ ପ୍ରତିବାଦ ସହ ତେଜୁଛି ଅସନ୍ତୋଷ
- ଏନ୍‌ଏସିରୁ ମ୍ୟୁନିସିପାଲିଟି ମାନ୍ୟତା ବି ଶୀତଳଭଣ୍ଡାରରେ

■ **ଭୁବନେଶ୍ୱର, ୨୨।୮ (ସମିସ):** ନିକଟରେ ରାଜ୍ୟ ସରକାର ୧୨ ଟି ସହରାଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ଦେଇଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତଶାସନ ଦିବସରେ ଆଉ ୯ ସହରାଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ କଥା ସତ ହେଲେ ରାଜ୍ୟରେ ମୋଟ ୨୧ଟି ନୂଆ ସହରାଞ୍ଚଳ ଏନ୍‌ଏସି ମାନ୍ୟତା ପାଇବ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୧ଟି ନୂଆ ଏନ୍‌ଏସି ଘୋଷଣା ସରକାରଙ୍କ ପାଇଁ ପରୋକ୍ଷରେ ବୁମେରାଂ ପାଲଟିଛି । ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ୫୭ ଟି ନୂଆ ଏନ୍‌ଏସି ନେଇ ଘୋଷଣା ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସହରଗୁଡ଼ିକ ସାମିଲ ରହିଥିଲା। ମାତ୍ର ବିଜେପି ସରକାର ଏହି ସଂଖ୍ୟାକୁ ହ୍ରାସ କରିବା ଯୋଗୁଁ ଅବଶିଷ୍ଟ ୩୬ଟି ସହରାଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ଏକାଧିକ ସ୍ଥାନ ଯଥା ବେଗୁନିଆ, ଚଣ୍ଡିଖୋଲ୍ ଓ ଜୟପାଟଣା ଆଦିରେ ଏନ୍‌ଏସି ମାନ୍ୟତା ଦାବି କରି ଧାରଣା ଓ ବନ୍ଦ ଡାକରା ଦିଆଯାଇଛି। ଏଠାରେ ସ୍ଥାନୀୟ ବାସିନ୍ଦା ପୂର୍ବ ସରକାରଙ୍କ ଘୋଷଣାକୁ ମନେ ପକାଇ ସେମାନଙ୍କୁ କାହିଁକି ଏନ୍‌ଏସି ମାନ୍ୟତାରୁ ବାଦ୍ ଦିଆଗଲା ବୋଲି ଡବଲ ଇଂଜିନ ସରକାରକୁ ପ୍ରଶ୍ନ କରିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫୭ ଟି ନୂତନ ଏନ୍‌ଏସି ଘୋଷଣା କରିବା ପରେ ସଂପୃକ୍ତ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ସହରକୁ ଏନଏସି ମାନ୍ୟତା ମିଳିବା ପରେ ଦୀର୍ଘ ବର୍ଷ ଧରି ହେଉଥିବା ଦାବି ସାକାର ହୋଇଥିଲା। ▸ପୃଷ୍ଠା-୭








## ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର!




ମୁମ୍ବାଇ, ୨୨।୮ (ଏଜେନ୍ସି): ଦୀର୍ଘ ଦିନ ଧରି ବି-ଟାଉନରେ ଚାଲିଥିବା ଚର୍ଚ୍ଚା ସତ ହୋଇଛି। ଶେଷରେ ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର ହେବାକୁ ଯାଉଛି। ପତ୍ନୀ ସୁନିତା ଏହି ଅଭିନେତାଙ୍କ ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ବାନ୍ଦ୍ରା ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଆଉ ସ୍ୱାମୀ ଗୋବିନ୍ଦାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଗୋବିନ୍ଦା ଅନ୍ୟ ମହିଳାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଏବଂ ନିଷ୍ଠୁରତାର ଅଭିଯୋଗ ଲଗାଇ ସୁନିତା ଏହି ଆବେଦନ କରିଥିବା ସୂଚନା ମିଳିଛି। ତେବେ ଗୋବିନ୍ଦାଙ୍କ କିଛି ଘନିଷ୍ଠ ଏହି ଖବରକୁ ଭ୍ରମାତ୍ମକ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପରିବାର କୋର୍ଟ ଏ ନେଇ ଗତ ମେ' ୨୫ ତାରିଖରେ ଗୋବିନ୍ଦାଙ୍କୁ ସମନ ଜାରି କରିଥିଲେ। ପରେ ଜୁନ୍‌ରୁ ଉଭୟେ ମାମଲାର ସମାଧାନ ଲାଗି ପ୍ରୟାସ କରୁଛନ୍ତି। ସୁନିତା ଶୁଣାଣି ସମୟରେ କୋର୍ଟରେ ହାଜର ହେଉଥିବାବେଳେ ଗୋବିନ୍ଦା ଉପସ୍ଥିତ ହୋଇନାହାନ୍ତି। ପୂର୍ବରୁ ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କ ନାମ ଯୋଡ଼ା ଯାଉଥିଲା।

## ୨.୨ କୋଟି କ୍ୟାସ୍ ଦେଇ ତେଲ ପକାଇଥିଲେ ପୁଟିନ



ମସ୍କୋ, ୨୨।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଲାସ୍କା ଗସ୍ତକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚର୍ଚ୍ଚା କରିବାକୁ ଗତ ୧୫ ତାରିଖରେ ଯାଇଥିବା ପୁଟିନ ନଗଦ ୨.୨ କୋଟି ଟଙ୍କା ଦେଇ ନିଜ ବିମାନଗୁଡ଼ିକରେ ତେଲ ପକାଇ ଥିଲେ। ଆମେରିକା ସଚିବ ମାର୍କୋ ରୁବିଓ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲାସ୍କାରେ ଅବତରଣ କରିବା ପରେ ପୁଟିନଙ୍କ ବିମାନକୁ ଇନ୍ଧନ ଆବଶ୍ୟକ ଥିଲା। ଆମେରିକା କଟକଣା ଯୋଗୁଁ ବ୍ୟାଙ୍କିଂ ସିଷ୍ଟମ ବ୍ୟବହାର ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଏଥିପାଇଁ ପୁଟିନଙ୍କୁ ନଗଦ ଅର୍ଥ ଦେବାକୁ ପଡ଼ିଥିଲା। ରୁଷ୍ ଉପରେ ଲାଗିଥିବା କଟକଣା ଏବେ ବି ବଳବତ୍ତର ରହିଛି। ଏହାର ପ୍ରଭାବ ମଧ୍ୟ ମସ୍କୋ ଭୋଗୁଛି। ତେବେ ୟୁକ୍ରେନ ଯୁଦ୍ଧ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ।

## ଟ୍ରମ୍ପଙ୍କ ପୂର୍ବ ସହଯୋଗୀ ବୋଲ୍ଟନଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମାଲୋଚନାକୁ ସହି ପାରୁନାହାନ୍ତି। ଦ୍ୱିତୀୟ ଥର ହ୍ୱାଇଟ ହାଉସରେ କାର୍ଯ୍ୟାରମ୍ଭ କରିବା ପରଠାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି। ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କୁ ମଧ୍ୟ ସେ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏମିତିକି ସମ୍ପର୍କ ଖରାପ କରି ସିଧା ଧମକ ଦେଲେ। କାରଣ ପ୍ରବାସୀ ନିଯୁକ୍ତି ବିଲ୍‌କୁ ନେଇ ମସ୍କଙ୍କ ସହ ତାଙ୍କର ମତଭେଦ ହୋଇଥିଲା। ଆଉ ଏବେ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ସମାଲୋଚନା ପାଇଁ ନିଜ ପ୍ରଥମ କାର୍ଯ୍ୟକାଳରେ ଏନ୍‌ଏସ୍‌ଏ ଥିବା ଜନ୍ ବୋଲ୍ଟନଙ୍କ ପଛରେ ଟ୍ରମ୍ପ ଏଫ୍‌ବିଆଇ ଲଗାଇଛନ୍ତି। ମେରିଲାଣ୍ଡ ସ୍ଥିତି ବୋଲ୍ଟନଙ୍କ ଘରେ ଆଜି ଏଜେନ୍ସି ଚଢ଼ଉ କରିଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବୋଲ୍ଟନ ଗୋପନୀୟ ରିପୋର୍ଟକୁ ୨୦୨୦ରେ ପ୍ରକାଶିତ ନିଜ ପୁସ୍ତକରେ ସାମିଲ କରିଥିବା ଅଭିଯୋଗ ଲାଗିଛି। ତେବେ ଏହି ମାମଲା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ଆରମ୍ଭ ହୋଇଥିଲା। ରାଜନୈତିକ କାରଣ ଯୋଗୁଁ ସେ ଏହାକୁ ଅଟକାଇ ଦେଇଥିଲେ।

## ଏୟାରବେସ୍ ନିକଟରେ ବିସ୍ଫୋରଣ: ୧୮ ମୃତ

ବୋଗୋଟା, ୨୨।୮ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଗୁରୁବାର ଦୁଇଟି ଭିନ୍ନ ଭିନ୍ନ ଆକ୍ରମଣରେ ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସହର ସ୍ଥିତ ଏୟାରବେସ୍ ନିକଟରେ ଥିବା ଏକ ଟ୍ରକ୍‌ରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୧ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ବିସ୍ଫୋରଣ ମାର୍କୋ ଫିଡେଲ ସୁଆରେଜ ମିଲିଟାରୀ ଆଭିଏସନ ସ୍କୁଲ୍ ନିକଟରେ ହୋଇଥିଲା। ସେହିପରି ଏହାର କିଛି ଘଣ୍ଟା ପୂର୍ବରୁ ଅନ୍ୟଏକ ଘଟଣାରେ କୋକେନ ଚାଷକୁ ନଷ୍ଟ କରିବାକୁ ନିଶା ପଦାର୍ଥ



ବିରୋଧୀ ଅଭିଯାନରେ ବାହାରିଥିବା ପୁଲିସଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ଉପରକୁ ଡ୍ରୋନ ମାଡ଼ କରି ଆକ୍ରମଣ କରାଯାଇଥିଲା। ଏଥିରେ ୧୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଆକ୍ରମଣ ପଛରେ ବିଦ୍ରୋହୀ ସଂଗଠନ ଏଫ୍‌ଏଆରସିର ଏକ ଗୋଷ୍ଠୀର ହାତ ଅଛି ବୋଲି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି। କଲମ୍ବିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଏଫ୍‌ଏଆରସିର ମୂଳ ଲକ୍ଷ୍ୟ ରହିଆସିଛି।

## ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ୍ ଲଗାଇଲା ଆମେରିକା

ଅମୃତସର, ୨୨।୮ (ଏଜେନ୍ସି): ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ଆମେରିକା ରୋକ ଲଗାଇ ଦେଇଛି। ଗତ ୧୩ ତାରିଖରେ ଫ୍ଲୋରିଡା ରାଜ୍ୟରେ ପଞ୍ଜାବର ଜଣେ ଟ୍ରକ ଡ୍ରାଇଭରଙ୍କ ତ୍ରୁଟିପୂର୍ଣ୍ଣ ୟୁଟର୍ଣ୍ଣ ଯୋଗୁଁ ୨ ଜଣ ଆମେରିକୀୟ ପ୍ରାଣ ହରାଇବା ପରେ ନୂଆ ଭିସା ଉପରେ ଏହି କଟକଣା ଲଗାଯାଇଛି। କିନ୍ତୁ ପୁରୁଣା ଡ୍ରାଇଭରଙ୍କ ଭିସାକୁ ରଦ୍ଦ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ନାଗରିକଙ୍କ ଜୀବନ ବିପଦରେ ପଡ଼ିଛି। ଆମେରିକୀୟ ଡ୍ରାଇଭରଙ୍କ ଆୟ ମଧ୍ୟ ପ୍ରଭାବିତ ହେଉଛି। ବର୍ତ୍ତମାନ ଆମେରିକା ଟ୍ରାନ୍ସପୋର୍ଟ ଶିଳ୍ପରେ ଦେଢ଼ ଲକ୍ଷ ପଞ୍ଜାବୀ ଡ୍ରାଇଭର ନିୟୋଜିତ ଅଛନ୍ତି।

### ପୁଣି ସଂସଦ ଭବନ ସୁରକ୍ଷାରେ ଅବହେଳା

## ପାଚେରୀ ଡେଇଁ ପରିସରରେ ପହଞ୍ଚିଲେ ବ୍ୟକ୍ତି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୁଣିଥରେ ସଂସଦ ଭବନ ସୁରକ୍ଷାରେ ଅବହେଳା ହୋଇଛି। ଜଣେ ବ୍ୟକ୍ତି ସୁରକ୍ଷା ବଳୟ ଭେଦି ପାଚେରୀ ଡେଇଁ ସଂସଦ ପରିସରରେ ପ୍ରବେଶ କରି ଗରୁଡ ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀ ତାଙ୍କୁ ତୁରନ୍ତ ଧରି ନେଇଛନ୍ତି। ତାଙ୍କୁ ଏବେ ପଚରାଉଚରା କରାଯାଉଛି। ରିପୋର୍ଟ ଅନୁସାରେ ଏହି ବ୍ୟକ୍ତିଜଣକ ଗୁରୁବାର ସକାଳ ୬.୩୦ରେ ରେଳଭବନ ନିକଟରେ ଥିବା ଗଛ ଚଢ଼ି ଭିତରକୁ ଡେଇଁବା ସହ ପାଚେରୀ ପାର କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଏହି ସମୟରେ ସଂସଦରେ କୌଣସି ସାଂସଦ ନ ଥିଲେ। ସଂସଦର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଥିଲା। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଗୋଟିଏ ବର୍ଷ ପୂର୍ବେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ୨୦୨୪ ଅଗଷ୍ଟ ୧୬ରେ ଜଣେ ଯୁବକ ଦ୍ୱିପହରରେ ପାଚେରୀ ଡେଇଁ ସଂସଦ ପରିସରରେ ପ୍ରବେଶ କରିଥିଲା। କିନ୍ତୁ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାକୁ ଧରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। କିନ୍ତୁ ଏହି ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିଲା ବୋଲି ପରେ ଜଣାପଡ଼ିଥିଲା।

## ଦ.ଆମେରିକା ଉପକୂଳରେ ୭.୫ ତୀବ୍ରତାର ଭୂକମ୍ପ

ସାଣ୍ଟିଆଗୋ, ୨୨।୮ (ଏଜେନ୍ସି): ଦକ୍ଷିଣଆମେରିକା ନିକଟସ୍ଥ ସମୁଦ୍ରରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିଚର ସ୍କେଲରେ ଏହାର ତ୍ରୀବ୍ରତା ୭.୫ ଥିଲା। ଅବଶ୍ୟ ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଭୂକମ୍ପର କେନ୍ଦ୍ର ଆର୍ଜେଣ୍ଟିନାର ଦକ୍ଷିଣରେ ଥିବା ଡ୍ରେକ ପ୍ୟାସେଜ (ସାମୁଦ୍ରିକ ପଥ)ରେ ୧୧ କିମି ଗଭୀରରେ କେନ୍ଦ୍ରୀଭୂତ ହୋଇଥିଲା। ଏହି ଭୂକମ୍ପର ପ୍ରଭାବରେ ପୂରା ଆଣ୍ଟାର୍କଟିକାରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲା। କିନ୍ତୁ ଏହାକୁ ପରେ ହଟାଇ ନିଆଯାଇଥିଲା।

### ବେଙ୍ଗାଲୁରୁ ଦଳାଚକଟାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ

# ସରକାର ନୁହେଁ; ସ୍ଥିତି ଦାୟୀ



ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁରେ ଆରସିବି ବିଜୟ ଶୋଭାଯାତ୍ରାରେ ହୋଇଥିବା ଦଳାଚକଟାକୁ ନେଇ ବିଧାନସଭାରେ ଶୁକ୍ରବାର ଖାମଖିଆଲ ଟିପ୍ପଣୀ ଦେଇଛନ୍ତି। ଏଭଳି ଘଟଣା ପାଇଁ କର୍ଣ୍ଣାଟକ ସରକାର ନୁହଁନ୍ତି, ବରଂ ସ୍ଥିତି ଦାୟୀ ବୋଲି କହିଛନ୍ତି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏଭଳି ଅନେକ ଘଟଣା ଘଟୁଛି। ଗତ ୧୦ ବର୍ଷରେ ବିଜେପି ଶାସିତ ରାଜ୍ୟମାନଙ୍କରେ ୨୦ଟି ଦଳାଚକଟା ଘଟଣା ଘଟିଥିଲା। ସିଦ୍ଧରମୈୟାଙ୍କ ଅନୁଯାୟୀ ଆର୍‌ସିବି ଶୋଭାଯାତ୍ରାରେ ଦଳାଚକଟା ପାଇଁ କଂଗ୍ରେସ ସରକାର ଦାୟୀ ନୁହଁନ୍ତି। ଲୋକେ ନିୟନ୍ତ୍ରଣ ବାହାରକୁ ଗଲା ପରେ ଏଭଳି ଘଟଣା ଘଟିଥାଏ। ବେଙ୍ଗାଲୁରୁର ଲୋକେ ଆରସିବି ବିଜୟକୁ ନିଜ ବିଜୟ ମାନିଥିଲେ। ଏଥିପାଇଁ ନିୟନ୍ତ୍ରଣ ବିଗିଡ଼ି ଯାଇଥିଲା ଏବଂ ଦୁର୍ଘଟଣା ଘଟିଥିଲା। ସରକାର ମାମଲାର ଯାଞ୍ଚ କରିଥିଲେ। ଘଟଣା ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ପଦକ୍ଷେପ ନେଇଥିଲେ। ସେ ବିଜେପିର ଅଭିଯୋଗକୁ ନେଇ କହିଛନ୍ତି ଯେ ଯେତେବେଳେ କରୋନା ସମୟରେ ଚାମରାଜନଗରରେ ଅମ୍ଳଜାନ ଅଭାବରୁ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ବିଜେପି କ'ଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୋମାଇଙ୍କୁ ଦୋଷୀ କହିଥିଲା କି? ଏଭଳି ବଡ଼ ଘଟଣାକୁ ନେଇ ସିଦ୍ଧରମୈୟାଙ୍କ ଏପରି ଟିପ୍ପଣୀକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି।

### ଆରସିବି ବିଜୟକୁ ନିଜ ବିଜୟ ମାନିଲେ ପ୍ରଶଂସକ

### ସାରା ବିଶ୍ୱରେ ଏଭଳି ଅଘଟଣ ଘଟୁଛି

ସୂଚନା ଅନୁଯାୟୀ ଜୁଲାଇ ୪ରେ ଆଇପିଏଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପ୍ରଥମ ଟାଇଟଲ ବିଜୟର ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟି ୧୧ ଜଣ ପ୍ରାଣ ହରାଇଥିବାବେଳେ ୫୦ ରୁ ଅଧିକ ଆହତ ହୋଇଥିଲେ। ଏହା ଉପରେ ଆଲୋଚନା କରି ସିଦ୍ଧରମୈୟା ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଦଳାଚକଟା ହୋଇଥିବା ତାଲିକା ଦେଇଥିଲେ। ସେ କହିଥିଲେ ଯେ ବିଜେପି କ୍ଷମତାରେ ଥିବା ସମୟରେ ୨୦୦୮ ଅଗଷ୍ଟରେ ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିର,୨୦୦୮ ରେ ଯୋଧପୁର, ୨୦୧୩ରେ ରତନଗଡ଼, ୨୦୨୧ରେ ହରିଦ୍ୱାର, ୨୦୨୩ରେ ମଧ୍ୟପ୍ରଦେଶର ସିହୋର ଏବଂ ୨୦୨୪ରେ ଉତ୍ତର ପ୍ରଦେଶର ହାଥରସରେ ଦଳାଚକଟା ହୋଇଥିଲା। ଜାନୁଆରୀରେ ପ୍ରୟାଗରାଜ କୁମ୍ଭମେଳା ସମୟରେ ଦଳାଚକଟା ଯୋଗୁଁ ୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଗୁଜରାଟ ମୋରବି ସେତୁ ଦୁର୍ଘଟଣାରେ ୧୩୫ ଜଣଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

ସିଦ୍ଧରମୈୟା କହିଥିଲେ ଯେ ମୋର ୪୨ ବର୍ଷର ରାଜନୈତିକ ଜୀବନରେ ଏପରି ଅଘଟଣ କେବେ ଘଟିନାହିଁ। ଦଳାଚକଟାରେ ମୁଁ କେବେ ୧୧ ଜଣଙ୍କ ମୃତ୍ୟୁ ଦେଖିନାହିଁ। ଏହାକୁ ନେଇ ବହୁତ ଦୁଃଖିତ ଥିଲି। ସେହି ଦିନ ଶୋକ ମଧ୍ୟ ପ୍ରକାଶ କରିଥିଲି।

## ବେଗୁସରାୟରେ ୬ ଲେନ୍ ପୋଲ ଉଦ୍‌ଘାଟନ କଲେ ମୋଦୀ



ପାଟଣା, ୨୨।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବିହାରର ବେଗୁସରାୟରେ ୬ ଲେନ୍ ବିଶିଷ୍ଟ ଅଣ୍ଟା- ସିମାରିଆ ପୋଲ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ତାଙ୍କ ସହ ପୋଲ ଉପରେ ବୁଲି ଦେଖିଥିଲେ। ଗାମୁଛା ବାହାର କରି ହଲାଇବା ସହ ମୋଦୀ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୋଲ ତଳେ ଥିବା ଘାଟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୋଦୀ ୩୭ ମିନିଟ୍ ପୋଲ ଉପରେ ରହିଥିଲେ। ଏଥିସହ ମୋଦୀ ଗୟାଜୀରେ ୧୩, ୦୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ।

### ୫୨୦୦ କୋଟି ଟଙ୍କା ଯୋଜନାର ଶୁଭାରମ୍ଭ

ବିହାର ପରେ ପଶ୍ଚିମବଙ୍ଗ ଗସ୍ତ କରି ମୋଦୀ ୫୨୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ରଖିବା ସହ ଉଦ୍‌ଘାଟନ କରିଥିଲେ। ସେ ୧୩.୬୨ କିମି ଦୀର୍ଘ ୩ଟି ନୂଆ ମେଟ୍ରୋ ରୁଟ୍ ଉଦ୍‌ଘାଟନ କରିଥିଲେ। ସେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଲେନ୍‌ର ୭.୨ କିମି ବିଶିଷ୍ଟ ଦୀର୍ଘ ଏକ୍ସପ୍ରେସ୍‌ୱେର ଅଧାରଶୀଳା ରଖିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ ଯୋଗ ଦେଇ ନ ଥିଲେ। ଏହାପରେ ଏକ ଜନସଭାରେ ଯୋଗ ଦେଇ ମୋଦୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଭାରତର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଟିଏମ୍‌ସି, କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଦଳଗୁଡିକ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ବିଧାନସଭାରେ ଆରଏସ୍‌ଏସ୍ ଗୀତ ଗାଇଲେ ଶିବକୁମାର

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ସମସ୍ତଙ୍କୁ ଚକିତ କରି କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ବିଧାନସଭାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଗୀତ 'ନମସ୍ତେ ସଦା ବତ୍ସଲେ ମାତୃଭୂମି'ର ଦୁଇଧାଡି ଗାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଦଳ ଆରସିବିର ଉତ୍ସବ ବେଳେ ହୋଇଥିବା ଦଳଚକଟା ପାଇଁ କର୍ଣ୍ଣାଟକ ସରକାର ନିଜ ଦାୟୀ କରିବାକୁ ଉଚିତ ବୋଲି ଜଣେ ବିଜେପି ବିଧାୟକ କହିଥିଲେ। ଏହାକୁ ସେ ବିରୋଧ କରି ବିଜେପିର ସବୁ ଚାଲ୍ ମତେ ଜଣା ବୋଲି କହିଥିଲେ। ଜବାବରେ ଶିବ୍‌କୁମାର ଏହି ଗୀତ ଗାଇଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଆକଳନ କରାଯାଇଛି। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି ଓ ନିଜକୁ ଜଣେ ଜନ୍ମଗତ କଂଗ୍ରେସି ବୋଲି କହିଛନ୍ତି।

## ଜାତିସଂଘର ଘୋଷଣା: ଗାଜାରେ ଅକାଳ

ୱାଶିଂଟନ, ୨୨।୮ (ଏଜେନ୍ସି): ଜାତିସଂଘ ଶୁକ୍ରବାର ଆନୁଷ୍ଠାନିକ ଭାବେ ଗାଜାରେ ଅକାଳ ଘୋଷଣା କରିଛି। ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଜାତିସଂଘ ପ୍ରଥମଥର ପାଇଁ ଏପରି ଘୋଷଣା କରିଛି। ଗାଜାରେ ୫ ଲକ୍ଷ ଲୋକ ଏବେ ଭୟଙ୍କର କ୍ଷୁଧାର ଶିକାର ହୋଇଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହାକୁ ମିଥ୍ୟା ବୋଲି କହିଛନ୍ତି। ଜାତିସଂଘ ସମର୍ଥିତ ଏହି ରିପୋର୍ଟର କୌଣସି ଆଧାର ନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ କ୍ଷୁଧାରେ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି। ଏଠାରେ ଯୁଦ୍ଧ ଆରମ୍ଭ ହେବା ପରେ ୧୧୨ ଜଣ ଛୋଟ ପିଲା ସମେତ ୨୭୧ ଜଣ ଲୋକ କ୍ଷୁଧା ଓ କୁପୋଷଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏବେ ସମାନ କାରଣ ଯୋଗୁଁ ୨୦୨୬ ଜୁନ ସୁଦ୍ଧା ୧୩୨, ୦୦୦ ୫ ବର୍ଷରୁ କମ୍ ଛୋଟ ପିଲା ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଗାଜା ସିଟି ସମ୍ପୂର୍ଣ୍ଣ ରୁପେ ଧ୍ୱଂସ କରିଦେବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଜ ଇସ୍ରାଏଲ ଧମକ ଦେଇଛନ୍ତି। ଯଦି ହମାସ ଇସ୍ରାଏଲର ସର୍ତ୍ତ ନ ମାନେ ତେବେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ସେ ସତର୍କ କରାଇଛନ୍ତି। ଗାଜା ସହର କବ୍‌ଜା କରିବାକୁ ଇସ୍ରାଏଲ ସେନାକୁ ଅନୁମତି ଦେବାର ଗୋଟିଏ ଦିନ ପରେ ସେ ଏହି ଧମକ ଦେଇଛନ୍ତି। ରାଫା ଓ ବେତ ହନୁନ ସହର ଭଳି ଗାଜାର ମଧ୍ୟ ସମାନ ସ୍ଥିତି ହେବ। ଏହି ଦୁଇଟି ସହର ଏବେ ଆବର୍ଜନାରେ ପରିଣତ ହୋଇଛି। ତେଣୁ ଗାଜାର ମଧ୍ୟ ସମାନସ୍ଥିତି ହେବ ବୋଲି ସେ ଏକ୍ସରେ ପୋଷ୍ଟ କରି ସତର୍କ କରାଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଇସ୍ରାଏଲ ମଧ୍ୟ ୫ଟି ସର୍ତ୍ତ ରଖିଛି। ହମାସ ସବୁ ଇସ୍ରାଏଲ ବନ୍ଦୀଙ୍କୁ ଏକାସାଥିରେ ମୁକ୍ତ କରିବା ସହ ସମ୍ପୂର୍ଣ୍ଣ ଭବେ ଅସ୍ତ୍ର ସମର୍ପଣ କରିବାକୁ ଇସ୍ରାଏଲ କହିଛି। ଏବେ ଗାଜାର ୭୫ ପ୍ରତିଶତ ଅଞ୍ଚଳ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଗାଜାରେ ଦୀର୍ଘଦିନର ଯୁଦ୍ଧ କାରଣରୁ ଭୟଙ୍କର ମାନବୀୟ ସଂକଟ ଦେଖାଦେଇଛି ଓ ଏପର୍ଯ୍ୟନ୍ତ ୬୦ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।

### ଏଡିଆର ରିପୋର୍ଟ

## ଦେଶର ୪୦% ମୁଖ୍ୟମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତର ୪୦ ପ୍ରତିଶତ ଅର୍ଥାତ୍ ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ୩୩ ପ୍ରତିଶତଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ ଏବଂ ଲାଞ୍ଚ ଭଳି ଗୁରୁତର ମାମଲା ରହିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ସର୍ବାଧିକ ୮୯ ମାମଲା ରହିଛି। ନିର୍ବାଚନରେ ସୁଧାର ଆଣିବାକୁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ପର୍ଯ୍ୟନ୍ତ ହେପାଜତରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କୁ ହଟାଇବା ପାଇଁ ସରକାର ସଂସଦରେ ତିନି ବିଲ୍ ଉପସ୍ଥାପନ କରିଥିବାବେଳେ ଏହି ରିପୋର୍ଟ ସାମ୍ନାକୁ ଆସିଛି।


ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସବୁ ମୁଖ୍ୟମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ୪୭, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଉପରେ ୧୯, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ସିଦ୍ଧରମୈୟାଙ୍କ ବିରୋଧରେ ୧୩, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ୫, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ବିରୋଧରେ ୪, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସୁଖୁଙ୍କ ଉପରେ ୪ଟି, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଉପରେ ୨ଟି ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ବିରୋଧରେ ଗୋଟିଏ ମାମଲା ରହିଛି।

## ଭାରତୀୟ ମହାକାଶ ଷ୍ଟେସନର ମଡେଲ ଜାରିକଲା ଇସ୍ରୋ




ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ପ୍ରଥମ ଥର ପାଇଁ ଭାରତୀୟ ମହାକାଶ ଷ୍ଟେସନ (ବିଏଏସ)ର ମଡେଲର ଫଟୋ ଜାର କରିଛି। ଜାତୀୟ ମହାକାଶ ଦିବସର ଦିନକ ପୂର୍ବରୁ ଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଏହାର ମଡେଲ୍‌କୁ ପ୍ରଦର୍ଶିତ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ବିଏଏସର ପ୍ରଥମ ମଡ୍ୟୁଲୋ ଉତ୍କ୍ଷେପଣ କରିବାକୁ ଯୋଜନା କରୁଛି। ଏହା ସହିତ, ଭାରତ ମହାକାଶରେ ଏକ ପ୍ରୟୋଗଶାଳା ଅର୍ଥାତ୍ ଅର୍ବିଟାଲ ଲାବୋରାଟୋରି ଥିବା ଦେଶମାନଙ୍କ ତାଲିକାରେ ସାମିଲ ହେବ। ବର୍ତ୍ତମାନ ମହାକାଶରେ ଏଭଳି ଦୁଇଟି ମଡ୍ୟୁଲୋ ରହିଛି।

# ମିଛୁଆ ଟ୍ରମ୍ପ; ସାମ୍ନାକୁ ଆସିଲା ସତ



ୱାସିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପୁଣି ଥରେ ଧରା ପଡ଼ି ଯାଇଛି। ସତ ସାମ୍ନାକୁ ଆସିବା ପରେ ଟ୍ରମ୍ପଙ୍କ ଦାବିକୁ ନେଇ ପ୍ରଶ୍ନ ଉଠୁଛି। ଭାରତର ନିର୍ବାଚନରେ ମତଦାନ ସଂଖ୍ୟା ବା ପ୍ରତିଶତ ବୃଦ୍ଧି କରିବାକୁ ଆମେରିକାର ଜଣାଶୁଣା ଏଜେନ୍ସି ୟୁଏସ୍‌ଏଆଇଡି ୧୮୨ କୋଟି ଟଙ୍କା ଦେଇଥିଲା ବୋଲି ସେ ଗତ ଫେବୃଆରୀରେ କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଦାବି ମିଥ୍ୟା ସାବ୍ୟସ୍ତ ହୋଇଛି। ଟ୍ରମ୍ପଙ୍କ ଏହି ବିବାଦୀୟ ଦାବି ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଦୂତାବାସକୁ ଗତ ୧୦ ବର୍ଷର ତଥ୍ୟ ମାଗିଥିଲା। ଏହା ଜବାବରେ ଦୂତାବାସ ଜୁଲାଇ ୨ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ଦୂତାବାସ କୌଣସି ପାଣ୍ଠି ଦେଇ ନ ଥିବା କଥା ସ୍ପଷ୍ଟ କରିଛି। ନା କିଛି ପାଣ୍ଠି ମିଳିଥିଲା, ନା କାହାକୁ ଦିଆଯାଇଥିଲା ବୋଲି ଦୂତାବାସ ତରଫରୁ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏଥିରେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଆମେରିକା ପ୍ରଦାନ କରିଥିବା ସବୁ ଆର୍ଥିକ ସହାୟତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ଭାରତକୁ ନିର୍ବାଚନ ପ୍ରକ୍ରିୟାରେ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛି। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଟ୍ରମ୍ପ କହିଥିଲେ ଯେ, 'ଭାରତ ପାଖରେ ବହୁତ ପଇସା ଅଛି, ଭାରତ ସବୁଠାରୁ ଅଧିକ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଖାସ କରି ଆମେରିକା ଉପରେ, ମୁଁ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ କରୁଛି, କିନ୍ତୁ ୧୮୨ କୋଟି ଟଙ୍କା କାହିଁକି?'। ପୁଣି କିଛିଦିନ ପରେ ଟ୍ରମ୍ପ ଏହି ପାଣ୍ଠି ଦେବା ନେଇ ତାଙ୍କ ମନ୍ତବ୍ୟକୁ ଦୋହରାଇଥିଲେ। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଉଲ୍ଲେଖ କରିଥିଲେ। ଫେବୃଆରୀ ୨୧ରେ ସେ କହିଥିଲେ ଯେ, ଭାରତରେ ଭୋଟ୍ ପ୍ରତିଶତ ବୃଦ୍ଧି କରିବାକୁ ପାଣ୍ଠି ଦିଆଯାଇଛି। କେବଳ ଭାରତ ନୁହେଁ, ଟ୍ରମ୍ପ ମୋଲଡୋଭାକୁ ୧୯୦ କୋଟି ଓ ବାଂଲାଦେଶକୁ ୨୫୧ କୋଟି ଟଙ୍କା ଏବଂ ତିବ୍ବତରେ ଶିକ୍ଷାର ବିକାଶ ପାଇଁ ଆମେରିକା ୨୫୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଥିଲା। ଆଗାମୀ ସେପ୍ଟେମ୍ବର ୨ରୁ ଆମେରିକାର ସବୁ ଅନୁଦାନ (ୟୁଏସ୍‌ଏଆଇଡି) ବନ୍ଦ ହେବ ବୋଲି ଆମେରିକା ଦୂତାବାସ କହିସାରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁଏସ୍‌ଏଆଇଡିର ୮୩ ପ୍ରତିଶତ କର୍ଯ୍ୟକ୍ରମ ଆମେରିକା ବନ୍ଦ କରିସାରିଛି। ଆମେରିକା ତା'ର ୯୪ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି।

# ଭିଜିଲାନ୍ସ ଜାଲରେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

**୨ଟି କୋଠା ସହ ୧୯ଟି ମୂଲ୍ୟବାନ ପ୍ଲଟ ଠାବ**

**ଅଢ଼େଇ ଏକରରେ କରିଛନ୍ତି କୁକୁଡ଼ା ଫାର୍ମ**

**୧.୨୪ କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ**

**ବିନା ବଦଳିରେ ୨୪ବର୍ଷ ଧରି ହସପିଟାଲରେ କାର୍ଯ୍ୟରତ ଥିଲେ**



କଟକ, ୨୨।୮ (ସମିସ): କଟକ ସିଟି ହସପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ତାଜୁବ ହୋଇଛି ଭିଜିଲାନ୍ସ। ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ସରକାରୀ ଅର୍ଥ ତୋଷରପାତ ସହ ଶ୍ରୀ ସାହାଣୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଚଢ଼ଉରୁ ଜଣାପଡ଼ିଛି।

ଚଢ଼ଉ ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା, ସୁନାଗହଣା ମିଳିଥିବା ବେଳେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଶ୍ରୀ ସାହାଣୀ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରେ କଟକ ବଦାଳ ଅଞ୍ଚଳରେ ୩ଟି, ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୧୨ଟି, ଯୋବ୍ରାରେ ଦୁଇଟି, ଜଟଣୀରେ ଗୋଟିଏ ଓ ସାଲେପୁର ଅଞ୍ଚଳରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରେ କଟକ ଯୋବ୍ରା ଅଞ୍ଚଳରେ ଅଢ଼େଇ ହଜାର ବର୍ଗଫୁଟ୍ ପରିମିତ ୩ ମହଲା ବିଶିଷ୍ଟ କୋଠା, ଚୌଦ୍ୱାର ପଧାନିଆରେ ଅଢ଼େଇ ଏକର ପରିମିତ ଅଞ୍ଚଳରେ ଏକ କୋଠା ସହ କୁକୁଡ଼ା ଫାର୍ମ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବାଦ୍ ତାଙ୍କ ଘରୁ ନଗଦ ୩ ଲକ୍ଷ ୩୦ ହଜାର ୮୦୦ଟଙ୍କା , ୧୩୫ଗ୍ରାମ ଓଜନର ସୁନା ଗହଣା ସହ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର ଓ ୩ଟି ବାଇକ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ତାଙ୍କର ୫୫ଲକ୍ଷ ୪୮ ହଜାର ୪୦୬ଟଙ୍କାର ଜମା ରାଶି ରହିଥିବା ଜଣାପଡ଼ିଛି।

ଶ୍ରୀ ସାହାଣୀ ୧କୋଟି ୨୪ଲକ୍ଷ ୫୮୫୪ଟଙ୍କାର ସରକାରୀ ଅର୍ଥର ଦୁରୁପଯୋଗ କରିଥିବା ନେଇ ଭିଜିଲାନ୍ସ ହାତରେ ଅନେକ ପ୍ରାଥମିକ ତଥ୍ୟ ଲାଗିଛି। ସିଟି ହସପିଟାଲରେ ଶ୍ରୀ ସାହାଣୀ ତାଙ୍କର ଦୀର୍ଘବର୍ଷର କାର୍ଯ୍ୟକାଳ ସମୟରେ ସରକାରୀ ଅର୍ଥକୁ ସରକାରୀ ବ୍ୟାଙ୍କ ଜମାଖାତାରେ ସେ ଜମା କରିନଥିଲେ। ଏପରିକି, ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ବ୍ୟକ୍ତିଗତ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେଆଇନ ଭାବେ ଟଙ୍କା ଟ୍ରାନ୍ସଫର କରି ଚାଲିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୯୭ ଜାନୁଆରି ୭ତାରିଖରେ ମାହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନୁକମ୍ପା ନିଯୁକ୍ତି ଯୋଜନାରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଶ୍ରୀ ସାହାଣୀ ନିଯୁକ୍ତି ପାଇଥିଲେ। ବଦଳି ହୋଇ ବାଙ୍କୀରେ କିଛି ଦିନ କାର୍ଯ୍ୟ କରିବା ପରେ ଗତ ୨୦୦୧ ଏପ୍ରିଲ୧୬ରେ ସିଟି ହସପିଟାଲ ତଥା ସିଡିଏମଓଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଭାବେ ଯୋଗ ଦେଇଥିଲେ। ୨୦୧୬ ଡିସେମ୍ବର ୧ରୁ ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଏହିଠାରେ ଅବସ୍ଥାପିତ ହୋଇଥିଲେ। ବିନା ବଦଳିରେ ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ (ପ୍ରାୟ ୨୪ବର୍ଷ) ଧରି ସେ ଏଠାରେ ନିଜର ଦବଦବା ଜାହିର କରି ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉରେ ୯ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍ ଓ ୭ଜଣ ଏଏସ୍ଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

■ ବିବାହ ଆଳରେ ଯୁବତୀଙ୍କୁ ଦୁଷ୍କର୍ମ

# ସୁନ୍ଦରଗଡ଼ରୁ ଏଏସ୍ଓ ଗିରଫ



ଭୁବନେଶ୍ୱର, ୨୨।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର(ଏଏସ୍ଓ)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ନୂଆପଲ୍ଲୀ ରେଣ୍ଟାଲ କଲୋନୀରେ ରହୁଥିବା ଯାଜପୁର ଟାଉନ୍ ଥାନା କପିଳେଶ୍ୱର ଗାଁର ସୁଶାନ୍ତ କୁମାର ଜେନା (୩୩)। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ତାକୁ ଗିରଫ କରିଛି।

ପୁଲିସ ସୂଚନା ମୁତାବକ, ୨୦୨୩ ନଭେମ୍ବର ମାସରେ ଚାକିରି ଅନ୍ୱେଷଣରେ ଭୁବନେଶ୍ୱର ଆସିଥିବା ଯୁବତୀଜଣଙ୍କ ୨୦୨୪ ମସିହା ପରଠାରୁ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାରେ ଚାକିରି କରୁଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ଏଏସ୍ଓ ସୁଶାନ୍ତଙ୍କ ସହ ତାଙ୍କର ଉତ୍ତମ ବନ୍ଧୁତା ହୋଇଥିଲା। ପରେ ସୁଶାନ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିଥିଲା। ଏଥିସହ ଯୁବତୀଙ୍କ ଅଗୋଚରରେ ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରିନେଇଥିଲା। ଏହାର କିଛି ଦିନ ପରେ ସୁଶାନ୍ତ ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲା। ଉଭୟଙ୍କ ସମ୍ପର୍କକୁ ବାହାରେ ପ୍ରଘଟ କଲେ ଫଟୋ ଓ ଭିଡିଓଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏଥିସହ ତାଙ୍କୁ ବିବାହ କରିବା ଲାଗି ରୋକଠୋକ ମନା କରିଦେଇଥିଲା। ପୀଡ଼ିତାଙ୍କ ପରିବାରଲୋକେ ସୁଶାନ୍ତଙ୍କ ପରିବାରକୁ ଭେଟି ଉଭୟଙ୍କ ବିବାହ ଲାଗି ଅନୁରୋଧ କରିଥିଲେ। ସେମାନେ ରାଜି ହେବା ପରିବର୍ତ୍ତେ ଘଟଣା ସମ୍ପର୍କରେ ଅଭିଯୋଗ କଲେ ସେ ପୀଡ଼ିତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଶେଷରେ ନିରାଶ ହୋଇ ପୀଡ଼ିତା ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ**

# ଯୋଗ ଦେଇପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବ। ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇପାରନ୍ତି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବ ବର୍ଷ ମେଡିଏସନ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟ ପ୍ରଧାନବିଚାର ପତିଙ୍କ ସମେତ ସମସ୍ତ ରାଜ୍ୟର ଆଡଭୋକେଟ୍ ଜେନେରାଲ ମାନେ ଉପସ୍ଥିତ ଥିଲେ। ଆଇନ ପ୍ରଣୟନ ସହ ସମ୍ପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସଚିବ ସ୍ତରୀୟ ବୈଠକ ସହ ହାଇକୋର୍ଟ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତା ସହ ଏହା ଯେମିତି ଅନୁଷ୍ଠିତ ହେବ, ସେଥିପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନବିଚାରପତିଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମୁଖ୍ୟବିଚାରପତି ଓ ବିଚାରପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ମେଡିଏସନର କେମିତି ପ୍ରକ୍ରିୟା ରହିଛି ସେହିସବୁ ବିଷୟରେ ଆଲୋଚନା ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ କେଶ୍‌ରେ ଲିଟିଗେସନ କମିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି ଏହି ମେଡିଏସନ ଆମକୁ ନୂଆ ରାସ୍ତା ଦେଖାଇବ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ଆସିବା ପାଇଁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୋଧ ପତ୍ର ପଠାଇଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାଖାପାଖି ୨୦୦ ପ୍ରତିନିଧି ଏଥିରେ ଯୋଗ ଦେବେ।

**ରାଜ୍ୟରେ ଏଚ୍ଆଇଭି ସଂକ୍ରମଣକୁ ନେଇ ତନାଘନା**

# ଯୁବପିଢ଼ିଙ୍କୁ ସଚେତନ କରିବାକୁ ଯୁବସେବା ବିଭାଗକୁ ଚିଠି

ଭୁବନେଶ୍ୱର, ୨୨।୮ (ସମିସ): ରାଜ୍ୟରେ ଏଚ୍ଆଇଭି ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଓ ଚାରି ହଜାର ସଂକ୍ରମିତ ନିଖୋଜକୁ ନେଇ ଚିନ୍ତାବ୍ୟକ୍ତ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଯୁବଗୋଷ୍ଠୀ ମଧ୍ୟରେ ଏଚ୍ଆଇଭି ବ୍ୟାପୁଥିବା ସଂକ୍ରାନ୍ତରେ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ସହ କ୍ରୀଡ଼ା ଓ ଯୁବସେବା ବିଭାଗକୁ ସଚେତନତା ସୃଷ୍ଟି ନିମନ୍ତେ ଚିଠି ଲେଖିଛି ।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବ ଗୋଷ୍ଠୀ। ସେପଟେ ପଞ୍ଜିକୃତ ଏଡସ୍ ରୋଗୀଙ୍କ ଭିତରୁ ପ୍ରାୟ ହଜାରରୁ ଅଧିକ ଲୋକଙ୍କ ପତ୍ତା ନ ମିଳୁଥିବାରୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ଏହି ଭୟକୁ ଅଧିକ ବଢ଼ାଇଛି। ଏପରିକି ୧୭ରୁ ୩୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କଠାରୁ ସଂଗୃହୀତ ନମୁନାର ୪୧ % ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଭୟାବହ ସ୍ଥିତିକୁ ଦର୍ଶାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି ବା କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରିଛି ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି । ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତନାଘନା ଆରମ୍ଭ କରିଛି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ ଚିଠି ଲେଖିଛି।

ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ପ୍ରୟାସର ପ୍ରସାର ଏବଂ ପ୍ରଭାବକୁ ବୃଦ୍ଧି କରିବା ପାଇଁ କ୍ରୀଡା, ଯୁବ ସେବା ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ସ୍ଥାନ, ଛାତ୍ରାବାସରେ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପଦକ୍ଷେପ ନିଆଯାଉଛି। ଏଥିସହ ମିନି ମାରାଥନ, ମହୋତ୍ସବ, ଭାବ ବିନିମୟ କାର୍ଯ୍ୟକ୍ରମ, ଶିବିର ଏବଂ ଅନ୍ୟାନ୍ୟ ଜାତୀୟ/ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସେହିଭଳି ରେଡ ରିବନ୍ କ୍ୟାପ ପିନ୍ଧିବା ଏବଂ ରେଡ ରିବନ ପତାକା ପ୍ରଦର୍ଶନ କରିବା ଆଦି ସଚେତନତା ଅଭିଯାନ ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ କ୍ରୀଡା ବିଭାଗ ଦ୍ୱାରା ପ୍ରଖ୍ୟାତ କ୍ରୀଡାବିତ୍‌ମାନଙ୍କର ମନୋନୟନ କରିବାକୁ କୁହାଯାଇଛି। ବିଶ୍ୱ ଏଡସ୍ ଦିବସ ପାଳନର ଅଂଶ ଭାବରେ କ୍ରୀଡା-ଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କୁହାଯାଇଛି।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟେମ୍ବର ୧୫ରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। ପାଖାପାଖି ଏକ ବର୍ଷ ହେବ ଧାଡ଼ି ଦର୍ଶନ ନେଇ ଯୋଜନା ହେଉଥିବେବେଳେ, ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇପାରିବ, ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ। ୩ରୁ ୪ ଦିନ ଭିତରେ ପରିଚାଳନା କମିଟି ଗଠନ ହେବ। ପ୍ରଥମ ବୈଠକରେ ହୁଣ୍ଡି ସିଫ୍ଟ ନେଇ ନିଷ୍ପତ୍ତି ହେବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ବ୍ୟାରିକେଡ୍‌ରେ ଯାଇ ରାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ। ଫଳରେ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି। ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧି ପ୍ରସଙ୍ଗ**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୨।୮ (ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ବା ଏମ୍‌ବିବିଏସ୍ ପାଠ୍ୟକ୍ରମ ଫି' ଅହେତୁକ ବୃଦ୍ଧି ନେଇ ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ଅଗଷ୍ଟ ୧୬ର ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ, ଜାତୀୟ ମେଡିକାଲ କମିସନ, ଡିଏମଇଟିଙ୍କୁ ନୋଟିସ୍ ଜାରି କରିଛନ୍ତି। ଫି' ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ବିଚାରାଧୀନ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ସଂଗ୍ରାମ ରାଉତ, ଚୌଧୁରୀ ଆକାଶ କୁମାର ବେହେରା, ସୀତାଂଶୁ ପାଣି ଓ ଅନ୍ୟମାନଙ୍କ ତରଫରୁ ଦାୟର ତିନି ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଗଷ୍ଟ ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୩ଟି ମେଡିକାଲ କଲେଜ ଯଥା ହାଇକେଟ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ଏମବିବିଏସ ପାଠ୍ୟକ୍ରମ ଫି' ବୃଦ୍ଧି କରାଯାଇଥିଲା। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଜେଇଇ କର୍ତ୍ତୃପକ୍ଷ ଫି' ବୃଦ୍ଧି ନେଇ ବିଜ୍ଞପ୍ତି ଜାରି କରିଥିଲେ। ୨୦୨୫-୨୬ବର୍ଷ ପାଇଁ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ଫି' ବୃଦ୍ଧି ହଠାତ୍ କରାଯିବା ଦ୍ୱାରା ଆଶାୟୀ ଛାତ୍ରଛାତ୍ରୀ ସମସ୍ୟାରେ ପଡ଼ିଛନ୍ତି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପ୍ଳବ ବାହାଲି, ସୌରଭ ଦାସ, ରଜତ କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

**ପାର୍ବଣ ପାଇଁ ପୁଲିସର ପ୍ରସ୍ତୁତି**

# ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ

କଟକ, ୨୨।୮ (ସମିସ): ପାର୍ବଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ। ଏହାସହ ବେଆଇନ ଗୋ-ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କହିଛନ୍ତି। ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ନିର୍ଦ୍ଦିଷ୍ଟ କେତୋଟି ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୋସିଆଲ ମିଡିଆରେ ଗୁଜବ ପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଥିଲା।

ବୈଠକରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍ଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ସଫିନ ଅହମ୍ମଦ, ଡଃ ସାର୍ଥକ ଷଡ଼ଙ୍ଗୀ, ଚରଣସିଂ ମିନା, ଯୁଗଳ କିଶୋର କୁମାର ବନୋଥ, କଟକ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମିକାର ତଣ୍ଟି କାଟି ବିଷ ପିଇଲେ ଯୁବକ

ବଲାଙ୍ଗିର, ୨୨।୮ (ସମିସ): ପ୍ରେମିକାର ତଣ୍ଟି କାଟିବା ପରେ ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ। ଏଭଳି ଏକ ଅଭାବନୀୟ ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁର ସୁକାନ୍ତୀ ବରିହା ଓ ଲରମ୍ବା ଥାନା ପଣ୍ଡରିପାଣି ଗାଁର ହଳଧର ବରିହା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏହି ଅଘଟଣ ଘଟିଛି, ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ଗୁରୁବାର ହଳଧର ତାଙ୍କ ସଂପର୍କୀୟ ମାୟାବର୍ହା ଗାଁର ରତ୍ନ ବରିହାଙ୍କ ଘରକୁ ଆସିଥିଲେ। ସେଠାରେ ସେ ରତ୍ନଙ୍କ ଝିଅ ସୁକାନ୍ତୀଙ୍କୁ ବିବାହ କରିବେ ବୋଲି ତାଙ୍କ ଘରଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପରିବାରଲୋକଙ୍କୁ ସାଙ୍ଗରେ ଆଣି ଏ ସଂପର୍କରେ କଥା ହେବା ପାଇଁ ହଳଧରଙ୍କୁ ରତ୍ନ ପରାମର୍ଶ ଦେଇଥିଲେ। ପରେ ଖାଇପିଇ ସମସ୍ତେ ଶୋଇଥିଲେ। ହଳଧର ମଧ୍ୟ ସେଠାରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ହଳଧର ଘରକୁ ଯିବା ପାଇଁ ବାହାରିବା ପୂର୍ବରୁ ସୁକାନ୍ତୀଙ୍କ ମା'ଙ୍କୁ ପାଣି ମାଗିଥିଲେ। ଏହି ସମୟରେ ସୁକାନ୍ତୀଙ୍କୁ ଏକୁଟିଆ ପାଇ ହଳଧର ତାଙ୍କ ତଣ୍ଟି କାଟି ଫେରାର୍ ହୋଇଯାଇଥିଲା। ପରିବାରଲୋକେ ସୁକାନ୍ତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ହଳଧର ନିଜ ଘରକୁ ଆସି ବିଷ ପିଇ ଦେଇଥିଲେ। ପରିବାରଲୋକ ତାଙ୍କୁ ପ୍ରଥମେ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୁକାନ୍ତୀଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରୁଛି। କେବଳ ପ୍ରେମ ସଂପର୍କ ନା ଅନ୍ୟ କେଉଁ କାରଣରୁ ଏହି ଘଟଣା ଘଟିଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

**ଅସୁରକ୍ଷିତ ବଡ଼ଦେଉଳ**

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ, ୨୨।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଆଜି ପୁଣି ଜଣେ ଶ୍ରଦ୍ଧାଳୁ ଚଢ଼ିବାକୁ ଚେଷ୍ଟା କରିଛନ୍ତି। ବେହେରଣ ଦ୍ୱାର ଦେଇ ସେ ପାଖାପାଖି ୫ ଫୁଟ୍ ଉପରକୁ ଉଠିଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ବ୍ୟକ୍ତିଜଣଙ୍କ ହେଲେ, ଉତ୍ତରପ୍ରଦେଶର ମନୋଜ ସିଂ। ପୁଲିସ୍ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ମାନସିକ ପୂରଣ ହୋଇଥିବାରୁ ସେ ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ଆଗରେ କହିଛନ୍ତି। ତେବେ ମନ୍ଦିର ଉପରକୁ ଶ୍ରଦ୍ଧାଳୁ ଚଢ଼ିବା, ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ତାହାର ସମୀକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି। ଏଥିପାଇଁ କ'ଣ କ'ଣ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ତାହା ମଧ୍ୟ ସ୍ଥିର କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ଓଡ଼ିଶା ପୁଲିସ, ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜେଟିପିଙ୍କ ଭଳି ମାଳମାଳ ସୁରକ୍ଷାକର୍ମୀ ନିୟୋଜିତ ଥିବା ବେଳେ ବିଭିନ୍ନ ଜାଗାରେ ସିସିଟିଭି ଲାଗିଛି। ଏହା ସତ୍ତ୍ୱେ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢ଼ିଯାଉଛନ୍ତି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ବୋଲି କିଛି ସଚେତନ ନାଗରିକ କହିଛନ୍ତି। ଯଦି ସମ୍ପୃକ୍ତର ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥା'ନ୍ତା, ସେଥିପାଇଁ କି'ଏ ଦାୟୀ ରହିଥାନ୍ତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

**ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା**

**ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ ଓ ଏସ୍‌ପି**

**ସଚେତନତା ପାଇଁ ମନ୍ଦିର ବାହାରେ ଲାଗିବ ସାଇନବୋର୍ଡ**

**ଆନନ୍ଦ ବଜାରରେ ହେବ ସ୍ୱତନ୍ତ୍ର ସିସିଟିଭି କଣ୍ଟ୍ରୋଲ ରୁମ୍**

ଅନ୍ୟପକ୍ଷରେ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଏସ୍‌ପି ପିନାକ ମିଶ୍ର ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆନନ୍ଦବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ୍ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି।

ଅପରପକ୍ଷେ, ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀମନ୍ଦିରରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି, ଯେଉଁ ବାଟଦେଇ ଭକ୍ତମାନେ ଅତି ସହଜରେ ମନ୍ଦିର ଉପରକୁ ଚଢ଼ିପାରୁଛନ୍ତି। ସେହିସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବେ। ଏଥିସହ ଶ୍ରୀମନ୍ଦିର ଭିତରେ ପୁଲିସ ଆଉଟ୍‌ପୋଷ୍ଟ କରିବା ନେଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ସାଇନ୍ ବୋର୍ଡ ଲଗାଯିବ। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ବିଭିନ୍ନ କଟକଣା ବାବଦରେ ଅବଗତ ହୋଇପାରିବେ। ଏସବୁ କାମ ପାଇଁ ଏଏସ୍ଆଇକୁ ମଧ୍ୟ ଅବଗତ କରାଯିବ। ମନ୍ଦିର ଭିତରେ ଲାଗିଥିବା ସିସିଟିଭିଗୁଡ଼ିକୁ ଆନନ୍ଦବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖାଯିବ।

■ ବଢୁଛି ହୀରାକୁଦ ଜଳସ୍ତର

# ପୁଣି ଖୋଲିବ ଗେଟ୍

ସମ୍ବଲପୁର, ୨୨।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର କ୍ରମାଗତ ଫୁଲିବାରେ ଲାଗିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୮.୩୯ ଫୁଟ୍ ରହିଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ହୀରାକୁଦର ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୫,୮୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୬୪୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୫୬୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୮୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ନଦୀବନ୍ଧର ଉପରମୁଣ୍ଡରେ ୧୬.୪୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୦.୮୯ ଫୁଟ୍ ରହିଥିଲା।

# ପାଣି ପାଇଁ ବାଲଟି ଧରି 'ରାଜେନ୍ଦ୍ର' ଛାତ୍ରଙ୍କ ପ୍ରତିବାଦ



ବଲାଙ୍ଗିର,୨୨।୮(ସମିସ): ନ୍ୟାସନାଲ୍ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ବଲାଙ୍ଗିରର ସଦସ୍ୟମାନେ ଶୁକ୍ରବାର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଭିତରେ ପାଣି ଯୋଗାଣ ଦାବିରେ ଏକ ଅଭିନବ ଉପାୟରେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାବି ଜଣାଇଛନ୍ତି।

ଛାତ୍ର ନେତା ଏବଂ ସଦସ୍ୟମାନେ ବାଲ୍ଟି ଧରି କଲେଜ ଛକରେ ଥିବା ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେମାନେ କ୍ୟାମ୍ପସ୍‌ରେ ପାଣି ସମସ୍ୟା ପ୍ରତି ସ୍ୱର ଉଠାଇଥିଲେ। ପରେ ସେମାନେ ଏକ ସ୍ମାରକପତ୍ର ଦେଇ ନୂଆ ଟାଙ୍କିରୁ ଶିଘ୍ର ପାଣି ଯୋଗାଣ କରିବାକୁ ଦାବି କରିଥିଲେ। ବିଶ୍ୱ ବିଦ୍ୟାଳୟ ପ୍ରାଙ୍ଗଣରେ ନୂଆ ଟାଙ୍କି ନିର୍ମାଣ ହୋଇଛି। ଏଥିରୁ କିନ୍ତୁ ପାଣି ଯୋଗାଣ ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ଏହାଫଳରେ ଛାତ୍ର ଓ ଅଧ୍ୟାପକମାନେ ଭୂତଳ ପାଣି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏନ୍‌ଏସ୍‌ୟୁଆଇ ଜିଲ୍ଲା ଅଧ୍ୟକ୍ଷ ଚିନ୍ମୟ ବେହେରା କହିଥିଲେ ବର୍ତ୍ତମାନ ପାଣି ପିଇବା ଯୋଗ୍ୟ ନୁହେଁ। ଏଥିରୁ ଚର୍ମ ରୋଗ ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। କର୍ତ୍ତୃପକ୍ଷଙ୍କୁ ନୂଆ ଟାଙ୍କିରୁ ପାଣି ଯୋଗାଣ କରିବାକୁ ପଡିବ। ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ, ରାଜ୍ୟ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ନୀତିଶ ପଧାନ, ସତ୍ୟଦେବ ସ୍ୱାଇଁ, ଚନ୍ଦନ ସାହୁ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନେ ପ୍ରମୁଖ ଥିଲେ।

## ବର୍ଷା ଭଳି ସାର ଚିନ୍ତାରେ ଚାଷୀ

# ଆବଶ୍ୟକତାର ଫାଇଦା ନେଉଛନ୍ତି ସାର ଦୋକାନୀ

- ଚଢାଦରରେ କିଣିବାକୁ ବାଧ୍ୟ ହେଉଛନ୍ତି ଚାଷୀ
- ସରକାରୀ ଦରରୁ ଅଧିକ ଦରରେ ବିକ୍ରି ଅଭିଯୋଗ
- ପ୍ରତିବାଦ କଲେ ସାର ନ ଦେବାକୁ ଧମକ
- ସବୁ ଜାଣି ମଧ୍ୟ ଶୋଇଛି କୃଷି ବିଭାଗ

ବଲାଙ୍ଗିର,୨୨।୮(ସମିସ): ବଲାଙ୍ଗିର ଜିଲ୍ଲା ବର୍ଷାଭାବ ଯୋଗୁ ଫସଲ ନଷ୍ଟ ହେବାକୁ ବସିଛି। ଏବେ ଚାଷୀଙ୍କ ପାଇଁ ସାର ମୁଣ୍ଡବ୍ୟଥା ବଢାଇଛି। ଯେଉଁ ସମୟରେ ଚାଷୀକୁ ସାରର ନିହାତି ଆବଶ୍ୟକତା ରହିଛି ସେହି ସମୟରେ ଚାଷୀ ପାଖରେ ସାର ନାହିଁ। ପେକ୍ସଗୁଡ଼ିକରେ ସାର ମହଜୁଦ ନ ଥିବା ବେଳେ ସାର ଦୋକାନରେ ଚଢା ଦରରେ ବିକ୍ରି ହେଉଛି। ଏମିତିରେ କୃଷିମନ୍ତ୍ରୀଙ୍କ ଜିଲ୍ଲାର ସାରର ଏହିଭଳି ଅଭାବ ଓ କଳାବଜାର ସମସ୍ତଙ୍କୁ ଚକିତ କରିଛି। ବର୍ତ୍ତମାନ ଜିଲ୍ଲାରେ ଚାଷୀଙ୍କୁ ୟୁରିଆ ଓ ଗ୍ରୋମୋର ସାରର ଆବଶ୍ୟକତା ଅଧିକ ପରିମାଣରର ରହିଥିବା ବେଳେ ସାର ମହଜୁଦ ଥିବା ଦେଖାଇ କୃଷି ବିଭାଗ ପ୍ରଶ୍ନ ଏଡାଇଯାଉଛି; କିନ୍ତୁ ବାସ୍ତବିକ ଚିତ୍ର ସଂପୂର୍ଣ୍ଣ ଭାବେ ଭିନ୍ନ ରହିଛି। ଲାଇସେନ୍ସପ୍ରାପ୍ତ ସାର ଦୋକାନୀ ଦୁଇ ଗୁଣା ଦରରେ ବିକ୍ରି କରୁଥିବା ବେଳେ ଏଥିପାଇଁ କୌଣସି ବିଲ୍ ମଧ୍ୟ ଦେଉ ନ ଥିବା ଜଣାପଡିଛି। ଏପରିକି ପେକ୍ସରେ ମଧ୍ୟ ସାରର କଳାବଜାର ଚାଲିଥିବା ଅଭିଯୋଗ ହୋଇଥିଲା।

ଗତ କିଛି ଦିନ ତଳେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ଏକ ପେକ୍ସରେ କିଭଳି କର୍ମଚାରୀଙ୍କ ଅନୁପସ୍ଥିତିରେ ଜଣେ ଦୋକାନୀ ସାର ବିକ୍ରି କରୁଥିଲେ ତାହା ଧରାପଡିଥିଲା। ଏହି ଘଟଣାକୁ ସମବାୟ ବିଭାଗ ଚପାଇଦେଇଥିଲା। ତେବେ ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାରେ ସାରକୁ ନେଇ ଅଭାବି ପରିସ୍ଥିତି ସୃଷ୍ଟି ହୋଇଛି। ପେକ୍ସରେ ସାର ନ ଥିବା ବେଳେ ସାର ଦୋକାନୀ ଖୋଲାଖୋଲି ପ୍ରଶାସନ ଆଖି ଆଗରେ ଚଢାଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲାରେ ଖରିଫ ସମୟରେ ପ୍ରାୟ ୧ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥାଏ।

ଜଳସେଚନର ଅଭାବ, ବର୍ଷା ପାଣିରେ ଚାଷ ହେଉଥିବାରୁ ସ୍ଥାନୀୟ ପାଗ ଅନୁସାରେ ଧାନଚାଷ କରିବା ପାଇଁ ଆବଶ୍ୟକ ପରିମାଣର ସାରର ଆବଶ୍ୟକତା ରହିଛି। ଏକ ଏକର ଜମି ପାଇଁ ପଲହା ରୁଆ ସମୟରେ ୩୦ କେଜି ଗ୍ରୋମର ଓ ୧୬ କେଜି ପଟାସର ମିଶ୍ରଣ ଦେବାକୁ ପଡିଥାଏ। ଏହାର ମାସକ ପରେ ୩୦ କେଜି ୟୁରିଆ ଓ କିଛି ଦିନ ପରେ ପୁଣି ୧୫ କେଜି ୟୁରିଆ ଓ ୧୫ କେଜି ପଟାସ ଦେବାକୁ ପଡିଥାଏ। ଏହା ସହିତ ଚାଷୀ ଭଲ ଅମଳ ପାଇଁ ବିଭିନ୍ନ ପ୍ରକାର ଭିଟାମିନ ମଧ୍ୟ ପ୍ରୟୋଗ କରିଥାନ୍ତି। ତେବେ ଏକର ପ୍ରତି ଚାଷୀକୁ ୪୫ କେଜି ୟୁରିଆ, ୩୦ କେଜି ଗ୍ରୋମର ୨୮.୨୮.୦ ବା ଡିଏପି ଓ ୩୦ କେଜି ପଟାସର ଆବଶ୍ୟକତା ପଡିଥାଏ। ତେବେ ଅଭିଯୋଗ ଅନୁସାରେ ଜିଲ୍ଲାରେ ଗ୍ରୋମର (୨୮.୨୮.୦) ବସ୍ତାପ୍ରତି ୨୦୦୦ରୁ ୨୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସରକାରୀ ଦର ପାଖାପାଖି ୩୦୦ ଟଙ୍କା କମ୍ ରହିଛି। ସେହିପରି ୟୁରିଆ ୪୫ କେଜି ବସ୍ତାପ୍ରତି ୫୦ ୦ରୁ ୬୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏହାର ଦର ୨୬୬ ଟଙ୍କା ରହିଛି। ପଟାସ ୫୦ କେଜି ବସ୍ତା ପ୍ରତି ଦୁଇ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ ଏହାର ଦର ମଧ୍ୟ ସରକାରୀ ଦରରୁ ଅଧିକ ୪୦୦ ଟଙ୍କାରେ ସାର ଦୋକାନୀ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେହିପରି ଜିଲ୍ଲାରେ ସମୁଦାୟ ୯୦୨ ସାର ଡିଲର ପଏଣ୍ଟ ରହିଛି। ଯେଉଁମାନଙ୍କ ଭିତରେ ୩୨ ଜଣ ହୋଲସେଲର, ୭୦୨ ଜଣ ରିଟେଲର ଓ ୧୬୮ ପେକ୍ସରୁ ସାର ଯୋଗାଇବା ବ୍ୟବସ୍ଥା କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ସବୁ ସାର ଲାଇସେନ୍ସପ୍ରାପ୍ତ ଦୋକାନରେ କମ୍ ଘରୋଇ ସାର ଦୋକାନରେ ଅଧିକ ଗଚ୍ଛିତ ରହିଛି। ଏହି ସବୁ ସାର କିଣିବା ସମୟରେ ବିଲ୍ ବାଧ୍ୟତାମୂଳକ କରାଯାଇଥିବା ବେଳେ ତାହା ଦୋକାନୀମାନେ ଚାଷୀଙ୍କୁ ଦେଉ ନ ଥିବା ଦେଖିବାକୁ ମିଳିଛି। ବିଲ୍ ମାଗିଲେ ଦୋକାନୀ ଚାଷୀକୁ ସାର ଦେଉ ନ ଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏହି ସବୁ କାରବାର ରାଜ୍ୟ କୃଷିମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରାଯାଇଛି। ଚାଷୀ କୌଣସି ପ୍ରକାର ଅଭିଯୋଗ କରୁ ନ ଥିବା କହି ଅଭିଯୋଗକୁ ଅସ୍ୱୀକାର କରୁଥିବା ବେଳେ ବିଭାଗ ପକ୍ଷରୁ କୌଣସି ବି ଅଧିକାରୀ ନିଜଆଡୁ ସାର ଦୋକାନକୁ ଯାଇ ଯାଞ୍ଚ କରିନାହାନ୍ତି କି ଗୋଟିଏ ବି ଡିଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜଣାପଡିଛି। ତେବେ ଏନେଇ ରିଟେଲରମାନଙ୍କୁ ପଚାରିଲେ ହୋଲସେଲର ଅଧିକ ଦରରେ ଦେଲେ ଆମେ କେମିତି କରିବୁ? ବାଧ୍ୟ ହୋଇ ଆମେ ମଧ୍ୟ ଅଧିକ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛୁ ବୋଲି କହିଛନ୍ତି।

ଏଭଳି ସ୍ଥିତିରେ ଚାଷୀ ଚାଷ ଚିନ୍ତା କରିବ ନା ସାର କଥା ଚିନ୍ତା କରିବ ତାହା ଅନୁମାନ କରାଯାଇପାରେ। ତେବେ ସାରର ବଡ କଳାବଜାର ଜିଲ୍ଲାରେ ଚାଲିଥିବା ବେଳେ ଏଥର ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖିଲାପ କରୁଥିବା ହୋଲସେଲର ଓ ରିଟେଲରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ଖପ୍ରାଖୋଲ ବ୍ଲକ୍‌ସ୍ତରୀୟ କୌଶଳ ବିକାଶ ପରାମର୍ଶ ଶିବିର



ଖପ୍ରାଖୋଲ,୨୨।୮(ସମିସ): ସ୍ଥାନୀୟ ଖପ୍ରାଖୋଲ ବ୍ଲକ୍ ସମ୍ମିଳନୀ କକ୍ଷରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଦକ୍ଷତା ବିକାଶ ପରାମର୍ଶ ଶିବିର ଜିଲ୍ଲା ପ୍ରଶାସନ ଓ ଓରମାସର ମିଳିତ ଉଦ୍ୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ବିପିଏମ୍ ପଙ୍କଜିନି ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ରୂପେ ପଦ୍ମ କୁମାର ସିଂ ବରିହା, ସମ୍ମାନୀତ ଅତିଥି ରୂପେ ମିଶନ ଶକ୍ତି ବିପିସି ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପଢ଼ିବାକୁ ଆଗ୍ରହ ବାଢୁଛନ୍ତି ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ



ବେଲପଡ଼ା,୨୨।୮(ସମିସ): ବେଲପଡ଼ା ବ୍ଲକରେ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ବିଇଓ ଏବଂ ସିଆରସିସିମାନଙ୍କ ପ୍ରଚେଷ୍ଟା ଫଳରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ପୁଣି ପାଠ ପଢିବାକୁ ମନ ବୋଲାଇଛନ୍ତି। ବେଲପଡା ବ୍ଲକରେ ଗତ ୧୬ ତାରିଖରୁ ବ୍ଲକର ବିଭିନ୍ନ ସ୍କୁଲରେ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମ ଦ୍ୱାରା ଅଧାରୁ ପାଠ ଛାଡିଥିବା, କେବେ ସ୍କୁଲ୍ ଯାଇ ନ ଥିବା ପିଲାଙ୍କୁ ଭେଟି ତାଙ୍କ ପିତାମାତାଙ୍କ ସହ ଆଲୋଚନା ପରେ ପୁଣି କେମିତି ସେମାନେ ପାଠ ପଢ଼ିବେ ସେନେଇ ଏକ ଅଭିଯାନ ଆରମ୍ଭ ହୋଇଥିଲା। ସେମାନଙ୍କୁ ବେଲପଡ଼ା ଦିନରଘୁ ବିଦ୍ୟାଳୟରେ ଖୋଲା ଯାଇଥିବା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ପାଠ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମରେ ଥୁଡ଼ିବାହାଲ ଗାଁର ୭ଜଣ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ିବାକୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଯାଇଛି। ସମସ୍ତ ଛାତ୍ର ଛାତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଅଫିସରେ ଅଭିନନ୍ଦନ ଜଣାଇଛନ୍ତି।

## ଲୋକଙ୍କ ଲାଗି ଚିନ୍ତାର କାରଣ ପାଲଟିଛି ଦେଶୀ ମଦ ଭାଟି

ବଙ୍ଗୋମୁଣ୍ଡା,୨୨।୮(ସମିସ): ବଙ୍ଗୋମୁଣ୍ଡାରେ ଥିବା ଏକ ଦେଶୀ ମଦ ଭାଟି ଲୋକଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ଦେଶୀ ମଦ ଭାଟିରୁ ନିର୍ଗତ ରାସାୟନିକ ପାଣି ରାସ୍ତା ପାର୍ଶ୍ୱରେ ଖୋଲାଖୋଲି ପଡୁଛି। ଏହି ରାସ୍ତା ଅନେକ ଗାଁକୁ ସଂଯୋଗ କରୁଛି। ଅନେକ ଯାତ୍ରୀ ଓ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ମଦ ତିଆରି ପାଇଁ ବ୍ୟବହୃତ ଦ୍ରବ୍ୟ ସିଧାସଳଖ ରାସ୍ତା ପାର୍ଶ୍ୱରେ ଫିଙ୍ଗା ଯାଉଛି। ଅନେକ ସମୟରେ ଏ ସବୁକୁ ଗାଈଗୋରୁ ଖାଇ ରାସ୍ତାରେ ମାତାଲ୍ ଅବସ୍ଥାରେ ଶୋଇ ରହୁଛନ୍ତି। ତେବେ ଏ ବିଷୟରେ ଅନେକ ଥର ଲୋକେ ଅବକାରୀ ବିଭାଗକୁ ସୂଚନା ଦେଇଛନ୍ତି; କିନ୍ତୁ ପଦକ୍ଷେପ ନିଆଯାଇନାହିଁ। ଏହି ମଦ ଭାଟିଟି ଏଠାର ଏଭଳି ଭାବେ ଅବ୍ୟବସ୍ଥିତ ଭାବରେ ଚାଲୁଛି। ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି। ପରିବେଶ ଦୂଷିତ କରୁଛି। ପଶୁସମ୍ପଦ ପାଇଁ ବିପଦ ସାଜିଛି।

## ଦେଓଗାଁ କଲୋନୀପଡ଼ାରେ ପାନୀୟଜଳ ସମସ୍ୟା

# ଜନପ୍ରତିନିଧିଙ୍କୁ ପଞ୍ଚାୟତ ଅଫିସରେ ତାଲା ପକାଇଦେଲେ ପଡ଼ାବାସୀ

ଦେଓଗାଁ,୨୨।୮(ସମିସ): ବଲାଙ୍ଗିରଜିଲ୍ଲା ଦେଓଗାଁବ୍ଲକ୍‌ଦେଓଗାଁ ମୁଖ୍ୟାଳୟର କେତେକ ପଡାରେ ପାନୀୟଜଳ ସମସ୍ୟା ଏବେ ଦ୍ୱିଗୁଣିତ ହେବାରେ ଲାଗିଛି। ଏନେଇ ଦେଓଗାଁର କଲୋନୀପଡା ଓ ଭଞ୍ଜପଡାର ପଡାବାସୀ ବାରମ୍ବାର ସରପଞ୍ଚଙ୍କଠୁ ଆରମ୍ଭ କରି ଜଳଯୋଗାଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଆସୁଛନ୍ତି; ହେଲେ ଏ ଦିଗରେ କେହି କର୍ଣ୍ଣପାତ କରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମାସିକ ବୈଠକ ଚାଲିଥିବା ବେଳେ ସ୍ଥାନୀୟ କଲୋନୀପଡାର ଜନସାଧାରଣ ପଞ୍ଚାୟତକୁ ଆସି ପାନୀୟଜଳ ସମସ୍ୟାର ସମାଧାନପାଇଁ ଅଭିଯୋଗ କରିବା ସହ ହୋହାଲ୍ଲା କରିଥିଲେ। ପଞ୍ଚାୟତ କର୍ତ୍ତୃପକ୍ଷ ସନ୍ତୋଷଜନକ ଉତ୍ତର ନ ଦେବାରୁ ଉତ୍ତ୍ୟକ୍ତ ଜନସାଧାରଣ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇ ପ୍ରତିବାଦ କରିଥିଲେ। ସଭାକକ୍ଷରେ ସରପଞ୍ଚ ନିନା ଛତ୍ରିଆଙ୍କ ସମେତ ୬ଜଣ ୱାର୍ଡସଭ୍ୟାସଭ୍ୟ ଓ ଅଧିକାରୀ ଗୃହବନ୍ଦୀ ହୋଇରହିଥିଲେ। ପୁଲିସକୁ ଖବର ଦେବାପରେ ଥାନା ଅଧିକାରୀ ବୁଲୁ ମୁଣ୍ଡା ଘଟଣାସ୍ଥଳକୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାସହ ସଭାକକ୍ଷରେ ରହିଥିବା ଜନପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ନିନା ଛତ୍ରିଆଙ୍କୁ ପଚାରିବାରୁ ପାନୀୟଜଳ ସମସ୍ୟା ରହିଛି। କେମିତି ତାହାର ସ୍ଥାୟୀ ସମାଧାନ ହୋଇପାରିବ ସେନେଇ ଜଳଯୋଗାଣ ବିଭାଗ ସହ ଆଲୋଚନା କରିଛୁ ବୋଲି କହିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷା ସଭା



ନୂଆପଡ଼ା,୨୨।୮(ସମିସ): ସିଆରସିସି କମଳାକାନ୍ତ ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ କୁରୁମପୁରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୁରୁମପୁରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ "ଶିକ୍ଷା ସଭା" ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲାପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ।

ପିରାମଲ ଫାଉଣ୍ଡେସନର କୋଡିନେଟର ନାର୍ଗିଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁରୁମପୁରୀ ଉଚ୍ଚ ପ୍ରଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶୁଭ୍ରତା ହୋତା ମଞ୍ଚ ପରିଚାଳନା କରିଥିଲେ। ସଭାରେ ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ସାଧନକେନ୍ଦ୍ର ଅଧିନସ୍ଥ ଅଧାରୁ ପାଠ ଛାଡିଥିବା ଓ ନାମ ଲେଖାଇନଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ବିଦାୟଳୟ ଭୁକ୍ତ କରାଇବାପାଇଁ ଉପସ୍ଥିତ ଅଭିଭାବକଙ୍କୁ ନିବେଦନ କରଯାଇଥିଲା। ସଭାରେ ବିଭିନ୍ନ ବିଦ୍ୟାଳୟରୁ ଅଭିଭାବକଙ୍କ ସହ ବିଦ୍ୟାଳୟ ଗୁଡିକର ପ୍ରଧାନଶିକ୍ଷକଙ୍କ ମଧ୍ୟରେ ବିଶ୍ୱଦେବ ପଣ୍ଡା , ପ୍ରେମଲାଲ ସତନାମୀ,ହେମନ୍ତ ଯୋଷୀ,ଶଙ୍କର ମାଝି,କେଶରଞ୍ଜନ ରଣା,ଗୌତମ ମାଝୀ, ରୁକସିଙ୍ଗମାଝୀ, ମୁକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସିନାପାଲିରୁ ଖଡ଼ିଆଳକୁ ସନ୍ଧ୍ୟାକାଳୀନ ବସ୍‌ସେବା ଦାବି

ନୂଆପଡା,୨୨।୮(ସମିସ): ଜିଲ୍ଲାର ଉପାନ୍ତ ସିନାପାଲି ବ୍ଲକ୍ ଅଞ୍ଚଳକୁ ବସ୍ ଗମନାଗମନ ସେବା ନିଶ୍ଚିତ ହୋଇପାରୁନାହିଁ। ବିଶେଷ କରି ସନ୍ଧ୍ୟା ସମୟରେ ସିନାପାଲିରୁ ଖଡ଼ିଆଳ ଦେଇ ନୂଆପଡା ଜିଲ୍ଲା ସଦର ମହକୁମାକୁ ଆସିବାକୁ ବସ୍ ସେବା ନଥିବାରୁ ସରକାରୀ ,ବେସରକାରୀ ଲୋକେ ବହୁ ହଇରାଣ ହେଉଥିବାରୁ ଏହା ଉପରେ ଖଡ଼ିଆଳ, ସିନାପାଲି ବିକାଶ ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉପରୋକ୍ତ ଅଞ୍ଚଳର ଲୋକମାନେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ ରେଫରାଲ ରୋଗୀଙ୍କ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ ଏବଂ ସନ୍ଧ୍ୟା ସମୟରେ ସେହି ସ୍ଥାନକୁ ଯୋଗାଯୋଗ ନାହିଁ। ଅନୁନ୍ନତ ଅଞ୍ଚଳ ପାଇଁ କାର୍ଯ୍ୟ କରୁଥିବା ଅନେକ ଏନଜିଓ କର୍ମୀ ଏବଂ ସାଧାରଣ ସୁବିଧା ପାଇଁ ବିଶେଷକରି ମହିଳାମାନେ ଗସ୍ତରେ ଆସୁଥିବା ଅଧିକାରୀମାନେ ସିନାପାଲି କିମ୍ବା ଖଡ଼ିଆଳରେ ରହିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ବିଭିନ୍ନ ନର୍ସିଂ ସ୍କୁଲ, ଏକଲବ୍ୟ ମଡେଲ ସ୍କୁଲ, ଏମଆଇଏମଟିଏସ, ଦାର୍ଲିମୁଣ୍ଡା, +୨ କଲେଜ ଧର୍ମବନ୍ଧା ଏବଂ ଅନ୍ୟାନ୍ୟ ସମାନ ପ୍ରତିଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଯୋଗଦେବା ପାଇଁ ରାତି ପୂର୍ବରୁ ଯାତ୍ରା ପାଇଁ କୌଣସି ସୁବିଧା ନାହିଁ। ତେଣୁ ଅନୁନ୍ନତ ଅଞ୍ଚଳର ଲୋକଙ୍କ ପାଇଁ ସରକାରୀ ବସ୍ ସେବା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ସାଲେଭଟା ମାଁ ପାଟଣେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ବୈଠକ



ବଲାଙ୍ଗିର,୨୨।୮(ସମିସ): ସାଲେଭଟା ମାଁ ପାଟଣେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ମନ୍ଦିର କମିଟି ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ସଂପାଦକ ଜିତୁ ମେହେର, କୋଷାଧ୍ୟକ୍ଷ ପଙ୍କଜ ବିଶ୍ୱାଳ, ସହସଂପାଦକ ପ୍ରଭଞ୍ଜନ ସା, ମନ୍ଦିର ପୂଜକ ପ୍ରକାଶ ଦିଶ୍ରୀ, ଦେବାଳୟ ସୁରକ୍ଷା କମିଟିର ଉପସଭାପତି ପ୍ରଶାନ୍ତ ମହାକୁର, ସେବକ ରାଉତ, ଲିଙ୍କନ ପଟ୍ଟନାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ଼ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତ୍ରାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

# ଟିଟିଲାଗଡ଼ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



ଟିଟିଲାଗଡ,୨୨।୮(ସମିସ): ଟିଟିଲାଗଡ଼ ପୌର ପରିଷଦରେ ଠିକାଦାର ସଫେଇ କର୍ମଚାରୀଙ୍କୁ ଠକି ଚାଲିଛି। ପରିମଳ ବ୍ୟବସ୍ଥାର୍ଦ୍ଧ ବିପର୍ଯ୍ୟସ୍ତ ହୋଇ ପଡିଛି। ଅଚାନକ ଭାବେ କରୋନା ମହାମାରୀ ସମୟରେ ସମସ୍ତ ସଫେଇ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଦୀର୍ଘ ୨୦ରୁ ୨୫ ବର୍ଷ ଧରି ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ସେମାନଙ୍କ ନିଯୁକ୍ତି ସ୍ଥାୟୀ ହେବ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ନିଯୁକ୍ତ ଅଧିକାରୀ, କର୍ମଚାରୀଙ୍କ ଭଳି ସେମାନେ ସବୁ ସୁବିଧା ସୁଯୋଗ ପାଇବେ ବୋଲି ଆଶା ବାନ୍ଧିଥିବା ବେଳେ କରୋନା ସମୟରେ ଛଟେଇ ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ପୌର ପରିଷଦ ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ହାତରେ ପରିମଳ ଠିକା ପ୍ରଦାନ ସହ ସମସ୍ତ ଛଟେଇ କର୍ମଚାରୀଙ୍କୁ ନିଯୁକ୍ତ କରିଥିବା ଘୋଷଣା କରିଥିଲା। କରୋନା ସମୟରେ ପରିମଳ ବ୍ୟବସ୍ଥା ବ୍ୟାଘାତ ହେବା ଆଳ କରି ଏସମା ଆଇନ ଲାଗୁ କରି ପରିମଳ ବ୍ୟବସ୍ଥାର ଘରୋଇ କରଣ ଏବଂ ଛଟେଇ ବରୋଧରେ କର୍ମଚାରୀଙ୍କ ଆନ୍ଦୋଳନକୁ ସେ ସମୟରେ ଦମନ କରାଯାଇଥିଲା। ବର୍ତ୍ତମାନ ଠିକାଦାର କର୍ମଚାରୀଙ୍କ ବେତନ, ଇପିଏଫ, ଇଆଇସି ଆଦିରେ ଠକାମି କରିଚାଲିଛି। ଏହାକୁ ନେଇ ୩ ଦିନ ତଳେ ସଫେଇ କର୍ମଚାରୀ ପୌର କାର୍ଯ୍ୟାଳୟ ତଥା ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ଠକ ଠିକାଦାର ଏବଂ ପୌର ପ୍ରଶାସନର ଶ୍ରମିକ ବିରୋଧୀ ନୀତି ପଦାରେ ପଡ଼ିଛି। ସଫେଇ କର୍ମଚାରୀଙ୍କ ଇପିଏଫ ଟଙ୍କା ଆତ୍ମସାତ ହୋଇଛି। ସଂଗଠିତ, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ପ୍ରତ୍ୟେକ କର୍ମଚାରୀ ପରିବାରଙ୍କ ଭବିଷ୍ୟତ ପାଇଁ ସରକାର ଇପିଏଫ ଯୋଜନା ଲାଗୁ କରିଛନ୍ତି। ତେବେ ପୌର ପରିଷଦ ଜରିଆରେ ନିଯୁକ୍ତ ଠିକାଦାର ସଫେଇ କାର୍ଯ୍ୟ ଆଳରେ ପୌର ପ୍ରଶାସନଠାରୁ କୋଟି କୋଟି ଟଙ୍କା ପ୍ରାପ୍ୟ ନେଉଥିବା ବେଳେ ନିୟମ ମୁତାବକ ସେମାନଙ୍କ ଇପିଏଫ ଜମା ଖାତାରେ ଟଙ୍କାଟିଏ ମଧ୍ୟ ଜମା କରୁ ନ ଥିବା ଏକ ବିରାଟ ଧରଣର ଘୋଟାଲା ବୋଲି ଆଲୋଚନା ହୋଇଛି। ଏପରିକି ସଫେଇ କର୍ମଚାରୀଙ୍କ ପାଉଣାରୁ ମାସିକ ୧୨ ପ୍ରତିଶତ ଠିକାଦାର ଇପିଏଫ ଆକାଉଣ୍ଟରେ ଜମା କରିବା ପାଇଁ କାଟିଚାଲିଛି; ହେଲେ ପରିମଳ ଠିକାଦାର ସଫେଇ କର୍ମଚାରୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରୁ ନ ଥିବା ବେଳେ ପୌର ପରିଷଦର ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଆସନ୍ତା ୩୧ କିମ୍ବା ଆଗାମୀ ମାସ ୨ ତାରିଖ ମଧ୍ୟରେ ସଫେଇ କର୍ମଚାରୀଙ୍କ ଇପିଏଫ ଟଙ୍କା ଜମା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ କିଛି କର୍ମଚାରୀ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଚଲାଇଥିବା ନେଇ ସେମାନଙ୍କୁ ନିଯୁକ୍ତିରୁ ଅନ୍ତର କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ଧମକ ଦେଉଥିବା ଅଭିଯୋଗ ହୋଇଛି। ପରିମଳ ଠିକାଦାର ସଫେଇ କର୍ମଚାରୀଙ୍କ ଇପିଏଫ ପାଉଣା ହଡ଼ପ ଅନେକ ସୁବିଧା ସୁଯୋଗ ହଡ଼ପ ମାମଲା ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ କଂଗ୍ରେସ ନେତା ଆଇନଜୀବୀ ବୀରେନ୍ଦ୍ର ବାଗ ଦାବି କରିଛନ୍ତି।

## ସାଉନ୍ତେଇ ଦେବୀଙ୍କୁ ନବାନ୍ନ ଅର୍ପଣ



ବଲାଙ୍ଗିର,୨୨।୮(ସମିସ): ପୁଇଁନ୍ତଲା ବ୍ଲକ୍ ସାଉନ୍ତପୁର ଗ୍ରାମର ମାଁ ସାଉନ୍ତେଇ ଦେବୀ ମନ୍ଦିରରେ ନବାନ୍ନ ଭୋଗ ଲାଗି ହୋଇଛି। ମାଁଙ୍କ ପୂଜକ ମାଣିକ ଥନାପତି ଓ ସହଯୋଗୀ ଭୋଗ ତିଆରି କରିଥିଲେ। ନୂଆଁ ଧାନରେ ଖିରି, କାକରା ପିଠା ଓ ଅନ୍ୟାନ୍ୟ ବ୍ୟଞ୍ଜନ ଭୋଗ ପ୍ରସ୍ତୁତ କରି ମାଁଙ୍କଠାରେ ନୂଆଁ ଲାଗିଥିଲା। ମନ୍ଦିରରେ ପୂଜା ପାଉଥିବା ପାର୍ଶ୍ୱ ଦେବାଦେବୀଙ୍କଠାରେ ମଧ୍ୟ ନବାନ୍ନ ଅର୍ପଣ କରାଯାଇଛି; କିନ୍ତୁ ଗାଁ ଲୋକେ ଏହି ଦିନ ନୂଆଁଖାଇ ପାଳନ କରି ନ ଥାନ୍ତି। ଆସନ୍ତା ୨୮ ତାରିଖରେ ସମସ୍ତେ ନୂଆଁ ଖାଇବେ।



● ଦ୍ୱାଦଶ ଦିନରେ ଅମଲା ଆନ୍ଦୋଳନ

## କାମର ବକେୟା ବିଲ୍ ପଇଠ ପାଇଁ ବିଡିଓଙ୍କୁ ଚିଠି

କେସିଙ୍ଗା,୨୨।୮(ସମିସ): ୧୦ ଦଫା ନେଇ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଅମଲା ଆନ୍ଦୋଳନ ଇତି ମଧ୍ୟରେ ୧୨ ତମ ଦିନରେ ପହଞ୍ଚି ଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରୁ ନାହିଁ। ରାଜସ୍ୱମନ୍ତ୍ରୀଙ୍କ ତାଗିତ ସତ୍ତ୍ୱେ ସମାପ୍ତ ହୋଇନାହିଁ ଆନ୍ଦୋଳନ ଆଉ ଦିନ କେଇଟା ପରେ ୨୮ ତାରିଖରେ ଗଣ ପର୍ବ ନୂଆଁଖାଇ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ବ୍ଲକ୍ କାର୍ଯ୍ୟାଳୟରୁ ୪ ଜଣ ତହସିଲ କାର୍ଯ୍ୟାଳୟରୁ ୭ ଜଣ ଓ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରୁ ଜଣେ ଅମଲା ଆନ୍ଦୋଳନରେ ସାମିଲ ହୋଇଛନ୍ତି।

୧୨ଦିନହେଲାଣି ଫାଇଲ ସବୁ ଆଗକୁ ବଢ଼ି ପାରୁନାହିଁ। ହିତାଧିକାରୀ ଓ ଠିକା କାମ କରିଥିବା ଠିକାଦାରମାନେ ବିଲ ପାଇଁ ବ୍ଲକ୍ କାର୍ଯ୍ୟାଳୟକୁ ଆସି ଆସି ଥକି ଗଲେଣି। ସେପଟେ ତହସିଲ କାର୍ଯ୍ୟାଳୟରେ ଜମି ବାଡ଼ିର କାମ ହେଉନାହିଁ। ଆଜି ପର୍ଯ୍ୟନ୍ତ ସରକାର କୌଣସି ବିକଳ୍ପ ଚିନ୍ତା କରିନାହାନ୍ତି। ଯଥା ଶୀଘ୍ର ଅମଲା ସଂଘର ସମସ୍ୟାର ସମାଧାନ କରିବା ପାଇଁ ସାଧାରଣ ରେ ଦାବୀ ହେଉଛି। ଅନ୍ୟପଟେ କେସିଙ୍ଗା ସରପଞ୍ଚ ସଂଘ ଉପସଭାନେତ୍ରୀ ତଥା ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାର ପଞ୍ଚାୟତ ଗୁଡିକରେ ହୋଇଥିବା କାମର ବକେୟା ଥିବା ବିଲ ଗୁଡ଼ିକର ଟଙ୍କା ପଇଠ ନୂଆଁଖାଇ ପୂର୍ବରୁ ପ୍ରଦାନ କରିବା ପାଇଁ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ଅନୁରୋଧ କରି ପତ୍ର ପ୍ରଦାନ କରିଛନ୍ତି।

■ ଗୋଠ ଛଡ଼ା ଦନ୍ତା ବୁଲୁଛି

## ଅଞ୍ଚଳବାସୀଙ୍କୁ ସଚେତନ କଲା ବନବିଭାଗ

ମ.ରାମପୁର,୨୨।୮(ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ଥ ମ.ରାମପୁର ରେଞ୍ଜରେ ଗତ କିଛି ଦିନ ହେଲା ସନ୍ଧ୍ୟା ସମୟରୁ ଏକ ଗୋଠଛଡା ଦନ୍ତାହାତୀ ବୁଲୁଥିବାରୁ ଅଞ୍ଚଳବାସୀଙ୍କୁ ବନବିଭାଗ ତରଫରୁ ସଚେତନ କରାଯାଇଛି।ଗତ ବୁଧବାର ବିଳମ୍ବିତ ରାତିରେ ଜନବସତି ମୁହାଁ ହେଇ ଉକ୍ତ ହାତୀ ତଳସାଗରପଡ଼ା କାଳୀମନ୍ଦିର ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ କରି ଗୁରୁତର କରିଛି। ଉକ୍ତ ଯୁବକ ଜଣଙ୍କୁ ଜୀବନରୁ ମାରିଦେବାକୁ ପ୍ରୟାସ କରୁଥିବା ବେଳେ କୌଶଳକ୍ରମେ ଉକ୍ତ ଯୁବକଜଣଙ୍କ ଏକ ଗଳିରେ ଛପି ଯିବାରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛି।

ଏହାକୁ ଦୃଷ୍ଟିରେ ରଖି ସହକାରୀ ବନସଂରକ୍ଷକ ତଥା ମ.ରାମପୁର ରେଞ୍ଜ ଅଧିକାରୀ ଅସିତ କୁମାର ଦାଶଙ୍କ ନେତୃତ୍ୱରେ ମାଇକଯୋଗେ ଜୟନ୍ତୀନଗରପଡ଼ା,ତଳସାଗରପଡା, ଚନ୍ଦନପଡା,ବାପୁଜୀ ନଗର,ମଟୋଗଣ୍ଡା,ଅନ୍ଧାରୀବୋରେଇପଡା, ଗୌଡ କର୍ଲାଖୁଣ୍ଟା ଅଞ୍ଚଳକୁ ଯାଇ ସନ୍ଧ୍ୟା ପରେ କେହି କୌଣସି ଜରୁରୀ କାମ ନଥିଲେ ଘରୁ ନବାହାରିବା,ସନ୍ଧ୍ୟା ସମୟରେ ସ୍ନାନ,ଶୌଚାଦି ପାଇଁ ଉଢେଇ ନଦୀ,ବନ୍ଧ,ନାଳର ବ୍ୟବହାର ନ କରିବା ଆଦି ସଂପର୍କରେ ସୂଚନା ଦେଇ ଲୋକଙ୍କୁ ସଚେତନ କରାଇଛନ୍ତି। ବନପାଳ ଦୀପକ କୁମାର ସା,ବନରକ୍ଷୀ ବାଳକୃଷ୍ଣ ଜାଲ,କର୍ମଚାରୀ ଶରତ କୁମାର ବିଶିଙ୍କ ସମେତ ଅନ୍ୟମାନେ ଗାଁ ଗାଁକୁ ଯାଇ ସଚେତନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ବୁଝାଇଥିବା ଜଣାଯାଇଛି।

ଜୁନାଗଡ଼ ବ୍ଲକ୍‌ରେ କ୍ରୀଡ଼ା ସାମଗ୍ରୀ କିଣାରେ କେଳେଙ୍କାରୀ

# ଜାଲ ବିଛାଇଛି ଭିଜିଲାନ୍ସ, ପ୍ରମାଦ ଗଣୁଛି ବ୍ଲକ୍ ପ୍ରଶାସନ

ଭବାନୀପାଟଣା,୨୨।୮(ସମିସ)

ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହେଉ ଏବଂ ଖେଳକୁଦ କରି ସ୍ୱାସ୍ଥ୍ୟକୁ ସଜାଡିବାର ଲକ୍ଷ୍ୟନେଇ ରାଜ୍ୟରେ ପୂର୍ବ ସରକାର ପ୍ରତି ବ୍ଲକ୍‌କୁ ଆର୍ଥିକ ସହାୟତା ଯୋଗାଇଥିଲେ। ଉଦ୍ଦେଶ୍ୟ ଥିଲା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ପାଇଁ ଖେଳ ସାମଗ୍ରୀ ବଣ୍ଟନ କରାଯିବ। ଗ୍ରାମାଞ୍ଚଳରେ କ୍ରୀଡା କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହିଁ ମୂଳଲକ୍ଷ୍ୟ ବୋଲି କୁହାଯାଇଥିଲା। ତେବେ କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ୍‌ରେ କ୍ରୀଡା ସାମଗ୍ରୀ କିଣାରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବ୍ଲକ୍ ପ୍ରଶାସନ ଖେଳ ସାମଗ୍ରୀ କିଣାରେ ଅର୍ଥ ଅତ୍ମସାତ କରିଥିବାର ଗନ୍ଧ ଏବେ ଭିଜିଲାନ୍ସ ନିକଟରେ ପହଁଞ୍ଚିଛି। ପ୍ରାୟ ୮୪ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ କିଣା ଯାଇଥିବା ବିଲ ଗୁଡିକରୁ ସୂଚିତ ହେଉଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। କିନ୍ତୁ ଆବଶ୍ୟକୀୟ କ୍ରୀଡା ସାମଗ୍ରୀ ଅତି ଶସ୍ତାମାନର ନନ୍ ବ୍ରାଣ୍ଡ ଓ ନକଲି କାରଣରୁ ଭିଜିଲାନ୍ସ ବିଭାଗ ଟିକି ନିଖି ତଦନ୍ତ ଆରମ୍ଭ କରିଛି। ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଥିବା ମଧ୍ୟ ଆଶଙ୍କା କରୁଛି। କେବଳ ସେତିକି ନୁହେଁ ରାଜ୍ୟବାହାରୁ ଅର୍ଥାତ ରାୟପୁରର ଯେଉଁ ଦୋକାନରୁ ସାମଗ୍ରୀ କ୍ରୟ କରାଯାଇଛି ସେଠାକୁ ଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରି କରି ଜାଣିପାରିଛି ଯେ ପ୍ରାୟ ସବୁ ସାମଗ୍ରୀ ନନ୍ ବ୍ରାଣ୍ଡ ଏବଂ ନକଲି। କିନ୍ତୁ ବ୍ୟବସାୟୀଙ୍କ ଠାରୁ ଜୁନାଗଡ ବିଡିଓ ନକଲି ସ୍ଥାନରେ ବ୍ରାଣ୍ଡେଡ଼ କମ୍ପାନୀର ବିଲ ଆଣିଥିବା ବିଷୟ ଭିଜିଲାନ୍ସ ତଦନ୍ତ ସମୟରେ ଅବଗତ ହୋଇଛନ୍ତି। ଏବେ ରାୟପୁରର ସପ୍ଲାୟର ଓ ଜୁନାଗଡ ବିଡ଼ିଓ ହରଡ଼ଘଣାରେ ପଡିଛନ୍ତି। ୨୦୨୩ ମସିହାରେ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପ୍ରତି ଜିଲ୍ଲାରେ ଗ୍ରାମାଞ୍ଚଳର ଯୁବଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡା ସାମଗ୍ରୀ କ୍ରୟ ଦିଗରେ ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରତି ପଞ୍ଚାୟତ ପିଛା ୨ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଗ୍ରାମ ପଞ୍ଚାୟତ ସ୍ତରରେ ୨ ଲକ୍ଷ ୫୦ ହଜାର ବା ଅଢେଇ ଲକ୍ଷ ଟଙ୍କା ଅଟକଳ ପରିମାଣରେ ଖେଳ ସାମଗ୍ରୀ ନିମନ୍ତେ ଅର୍ଥ ଅନୁଦାନ ଧାର୍ଯ୍ୟ ହୋଇଥିଲା। ଜୁନାଗଡ଼ ବ୍ଲକ୍‌ରେ କ୍ରୀଡ଼ା ସାମଗ୍ରୀ ଦୁର୍ନୀତି ନେଇ ଭିଜିଲାନ୍ସରେ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତନାଘନା

### ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ

ଆରମ୍ଭ ହୋଇଥିଲା। ଏପଟେ ବ୍ଲକ୍ ପ୍ରଶାସନ ତଦନ୍ତକୁ ଚାପିବା ପାଇଁ ଅନେକ ଉଦ୍ୟମ ଚଳାଇଥିବା ଜଣାପଡିଛି।୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ନିର୍ଦ୍ଦେଶମତେ କ୍ରୀଡ଼ା ସାମଗ୍ରୀ ଯୋଗାନଯାଇ ନିମ୍ନମାନର ସାମଗ୍ରୀ ବଣ୍ଟନ କରାଯାଇଥିବା ଅଭିଯୋଗକୁ ଭିଜିଲାନ୍ସ ମାଡିବସିଛି। ଜୁନାଗଡ ବ୍ଲକ୍ ୩୪ଟି ପଞ୍ଚାୟତରେ ଅଢେଇ ଲକ୍ଷ ଟଙ୍କା ହିସାବରେ ପ୍ରାୟ ୮୪ ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ ଆସିଥିଲା ଏବଂ ଏହାକୁ ସମସ୍ତ ପଞ୍ଚାୟତକୁ ବଣ୍ଟନ କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା କଳାହାଣ୍ଡି ଜିଲ୍ଲା ସମେତ ଓଡ଼ିଶାରେ ଅନେକ ଖେଳ ସାମଗ୍ରୀ ଦୋକାନ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ରାୟପୁରର ସୁରାନା ଷ୍ଟୋର୍ସରୁ ଏହି ସାମଗ୍ରୀ କିଣାଯାଇଥିଲା। ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ତେବେ ଖେଳ ସାମଗ୍ରୀର ଦାମ୍, ମାନ ଓ ଯୋଗାଇଥିବା ଦୋକାନ ବିଷୟରେ ଯାଞ୍ଚ କରିବାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ଉଠିଥିଲା। ଯାହାଫଳରେ ଗତ ଜୁଲାଇ ମାସରେ ଜୁନାଗଡ଼ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଆସିଥିବା କ୍ରୀଡ଼ା ସାମଗ୍ରୀକୁ ତଦନ୍ତ କରୁଛି କଳାହାଣ୍ଡି ଭିଜିଲାନ୍ସ। ଭିଜିଲାନ୍ସ ବିଭାଗ ପକ୍ଷରୁ ଜୁନାଗଡ଼ ବ୍ଲକ୍‌ର ବଣିଜରା, ମାଟିଗାଁ, ବୁଡିଦର, ତଳଜାରିଙ୍ଗ, ବଳଦିଆମାଲ, ପଲାସ, କାଲୋପଲା, ମହିଚଲା ଓ ଚାରବାହାଲ ସମେତ ଅନେକ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲା।ଏହି କ୍ରୀଡ଼ା ସାମଗ୍ରୀ ବଣ୍ଟନ ଦୁର୍ନୀତିରେ ପ୍ରଶାସନର ପ୍ରଚ୍ଛନ୍ନ ହାତ ଥିବା ସନ୍ଦେହ କରାଯାଇଛି। ପଞ୍ଚାୟତ ସ୍ତରରେ କ୍ରୀଡା ଭିତ୍ତିଭୂମି ବ୍ୟତୀତ କ୍ରୀଡା କ୍ଷେତ୍ରରେ ହକି, ଫୁଟବଲ, ଖୋକ, କ୍ରିକେଟ, ବାସ୍କେଟ ବଲ, ଚେସ, ସ୍କିପିଙ୍ଗ ରୋପ ଏବଂ ଯିମ କିଟ ଇତ୍ୟାଦି ଇଭେଣ୍ଟ ପାଇଁ ବ୍ରାଣ୍ଡେଡ଼ କମ୍ପାନୀ କ୍ରୀଡା ସାମଗ୍ରୀ ଦେବା କଥା। ତାହାପୁଣି ଫେଷ୍ଟା, ନିଭିଆ, କୋସ୍କୋ ଭିନେକ୍ସ ଭିକି, ଏସଏସ ଓ ଏସଜି କ୍ରିକେଟ ବ୍ୟାଟ ନାମୀ ଦାମୀ କମ୍ପାନୀର ଜିନିଷ କିଣିବା ଲାଗି ସରକାରଙ୍କ ଚିଠିରେ ଉଲ୍ଲେଖ ଥିଲା। ତଥାପି ଜୁନାଗଡ ବିଡ଼ିଓ କ୍ରୀଡା ସାମଗ୍ରୀ କିଣାରେ କେଳେଙ୍କାରୀ କରି ଏବେ ଭିଜିଲାନ୍ସର ସ୍କାନରେ ଅଛନ୍ତି। ଜୁନାଗଡ ବିଡ଼ିଓଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଗଲେ ମଧ୍ୟ ଫୋନ କଲ ରିସିଭ୍ କରୁନାହାନ୍ତି। ଅନ୍ୟପଟେ ଭିଜିଲାନ୍ସ ତଦନ୍ତ ସାରି ଷ୍ଟେଟ ଭିଜିଲାନ୍ସ ତଥା ନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଅର୍ଥ ବାଟମାରଣା ପ୍ରସଙ୍ଗ ନେଇସାରିଥିବା କଥା ଭିଜିଲାନ୍ସ ପକ୍ଷରୁ ଜଣାପଡିଛି। ତେବେ ଭିଜିଲାନ୍ସ ଜାଲରେ କେବେ ବିଡିଓ ପଡୁଛନ୍ତି ତାହା ଦେଖିବାକୁ ରହିଲା।

ବେଦାନ୍ତକୁ କଞ୍ଚାମାଲ ଯୋଗାଇବା ଦାବି ତେଜିଲା

## ଲାଞ୍ଜିଗଡ଼ ଅଞ୍ଚଳବାସୀଙ୍କ ବିଶାଳ ଶୋଭାଯାତ୍ରା

ଲାଞ୍ଜିଗଡ଼,୨୨।୮(ସମିସ):କଳାହାଣ୍ଡି ଜିଲ୍ଲାର ଏକମାତ୍ର ବୃହତ ଶିଳ୍ପ ପ୍ରକଳ୍ପ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ୍ ଗତ ୨୦୦୩ ମସିହାରୁ ଲାଞ୍ଜିଗଡ଼ଠାରେ ରିଫାଇନେରୀ ସ୍ଥାପନ ସହିତ ୨୦୦୭ରୁ ଆଲୁମିନା ଉତ୍ପାଦନ ଆରମ୍ଭ କରିଥିଲା ସତ କିନ୍ତୁ ପ୍ରାୟ ୨୨ ବର୍ଷ ପୁରିବାକୁ ବସିଥିବାବେଳେ କମ୍ପାନୀକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଖଣି ଓ କଞ୍ଚାମାଲ ମିଳିନାହିଁ। ଯାହା ଫଳରେ କଂପାନୀ ବାହାରୁ କଞ୍ଚାମାଲ ଆଣି ଲାଞ୍ଜିଗଡ଼ରେ ରିଫାଇନେରୀ ଚଳାଇଥିବାବେଳେ ଇତିମଧ୍ୟରେ ପ୍ରକଳ୍ପର ସଂପ୍ରସାରଣ ମଧ୍ୟ କରିସାରିଛି। ତେବେ ବାହାରୁ କଞ୍ଚାମାଲ ଆଣି କଂପାନୀ ଚଳାଇବା ଦିନକୁ ଦିନ ମୁସ୍କିଲ ହୋଇ ପଡୁଥିବାବେଳେ ଏବେ କମ୍ପାନୀ ହାତ ଟେକିଦେବାକୁ ବସିଛି। ଏପରିକି କଞ୍ଚାମାଲ ଅଭାବ ଓ ଉତ୍ପାଦନ ଅପେକ୍ଷା ବ୍ୟୟଭାର ବୃଦ୍ଧି ପାଇଥିବା ବେଳେ ଏଥିଯୋଗୁଁ କଂପାନୀ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି। ବର୍ତ୍ତମାନ କମ୍ପାନୀ ଚାଲିବା ମୁସ୍କିଲ ହୋଇପଡିଛି। ଏହାଦ୍ୱାରା କମ୍ପାନୀ ଉପରେ ନିର୍ଭର କରି ବଞ୍ଚୁଥିବା ଛୋଟମୋଟ ଦୋକାନୀ, ବ୍ୟବସାୟୀ, କମ୍ପାନୀରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ଗଭୀର ପ୍ରଭାବ ପଡ଼ିବ। ଅନେକଙ୍କ ଘରେ ଦିଓଳି ଚୁଲି ଜଳିବା କାଠିକର ପାଠ ହୋଇଯିବ। ଏଇ ପରିପ୍ରେକ୍ଷୀରେ କମ୍ପାନୀ ଉପରେ




ନିର୍ଭର କରୁଥିବା ଲାଞ୍ଜିଗଡ଼ ପାରିପାର୍ଶ୍ୱିକ ଅଞ୍ଚଳ ତଥା ଅଞ୍ଚଳର ହଜାର ହଜାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ନିଜର ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କାରେ ଆଜି ରାଜରାସ୍ତାକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲାଞ୍ଜିଗଡ଼ ବଜାର ପଡ଼ିଆରୁ ଶତାଧିକ ଲୋକେ ସମବେତ ହେବା ସହିତ ବିଶାଳ ଶୋଭାଯାତ୍ରାରେ ବାହାରି ରାଜ୍ୟସରକାରଙ୍କୁ ପ୍ରତିବାଦ କରିଛନ୍ତି। କମ୍ପାନୀକୁ ଖଣି କିମ୍ବା କଞ୍ଚାମାଲ ଯୋଗାଇଦେଲେ କମ୍ପାନୀ ପୂର୍ବବତ୍ କାର୍ଯ୍ୟକ୍ଷମ ରହିବ ଏବଂ କମ୍ପାନୀ ଉପରେ ନିର୍ଭରଶୀଳ ହଜାର ହଜାର ଲୋକେ ଉପକୃତ ହେବେ ବୋଲି ସେମାନେ ଦର୍ଶାଇଛନ୍ତି। ଲାଞ୍ଜିଗଡ଼ ଅଞ୍ଚଳ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ, ଅବିଭକ୍ତ କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଚନ୍ଦ୍ରଶେଖର ବେହେରା,ରାଜେନ୍ଦ୍ର ପ୍ରତାପ ସିଂହଦେଓ, ବିନୋଦ ଗଉଡ଼, ଶ୍ରୀବତ୍ସ ତାଣ୍ଡି, ଶ୍ରୀମୁଖ ଅଗସ୍ତି, ଲିଙ୍ଗରାଜ ମାଝୀ, ହିମାଦ୍ରୀ ପେସନିଆ, ପ୍ରଦୀପ ଘଡ଼େଇ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, କିଶୋର ହରପାଳ,ସେନାପତି ନାଏକ, ପାତ୍ର ମାଝୀ,ଡିଲେଶ କୁମାର ନାଗ, ମନୋହର ହରପାଲ, ରଂଜିତ ପାଢ଼ୀ, ପ୍ରମୁଖ ସାମିଲ ଥିଲେ।

## ହାଇ ଏଟିଭର ପରୀକ୍ଷା ଦେଲେ ଜିଲ୍ଲାର ୧୨୩୭ ଛାତ୍ରଛାତ୍ରୀ

ଭବାନୀପାଟଣା,୨୨।୮(ସମିସ):କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷତା ନିମନ୍ତେ ଅଭିନବ କାର୍ଯ୍ୟକ୍ରମ ପ୍ରକାଶ-୨୦୨୬ ହାତକୁ ନିଆଯାଇଛି। ଶୁକ୍ରବାର ଜିଲ୍ଲାର ତେରଟି ବ୍ଲକ୍‌ର ୧୪ଟି ପରୀକ୍ଷା କେନ୍ଦ୍ରରେ ହାଇ ଏଟିଭର ଚୟନ ନିମନ୍ତେ ଆୟୋଜିତ ପରୀକ୍ଷାରେ ଜିଲ୍ଲାର ମୋଟ ୩୧୬ଟି ଉଚ୍ଚ ବିଦ୍ୟାଳୟର ୧୨୩୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୫୦୦ଜଣ ଛାତ୍ରଛାତ୍ରୀଙ୍କୁ ଏ-ୱାନ ଗ୍ରେଡ଼ ପାଇବା ପାଇଁ କୋଚିଂ ପ୍ରଦାନ କରାଯିବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୦୦ଜଣ ଛାତ୍ରଛାତ୍ରୀଙ୍କ ଏ-ୱାନ ଗ୍ରେଡ଼ ହାସଲ, ୫୦୦ଜଣ -ଏ-ଟୁ ଗ୍ରେଡ଼ ହାସଲ ଓ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ପାସହାର ପାଇଁ ପ୍ରକାଶ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚୟନ ପରୀକ୍ଷାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲାସ୍ତରୀୟ ସାଧନ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପଞ୍ଚସଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ସୁପରିଚାଳନା କାର୍ଯ୍ୟ ତଦାରଖ କରିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ସୁପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟସାଇ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ

ଭବାନୀପାଟଣା,୨୨।୮(ସମିସ): ସତ୍ୟସାଇ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭଗବାନ ଶ୍ରୀ ସତ୍ୟସାଇ ବାବଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ଅନେକ ସମାଜିକ, ଶିକ୍ଷାଦାନ କାର୍ଯ୍ୟକ୍ରମ କ୍ରମାନ୍ୱୟ ଭାବେ ଚାଲୁଥିବା ବେଳେ, ଏହାର ପ୍ରତିଷ୍ଠା ଦିବସ ସମାରୋହ ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଛି। ଅତିଥିଭାବରେ ଦେବରାଜ ପାଢୀ, ଲୋକନାଥ ମହାକୁଡ଼, ପୂର୍ବତନ ବିଦ୍ୟାଳୟର ସଭାପତି ପ୍ରଫେସର ବାମଦେବ ପୁରୋହିତ, ପ୍ରଫେସର ବିପିନ ବିହାରୀ ପଣ୍ଡା, ପୂର୍ବତନ ସଂପାଦକ ଗୋବିନ୍ଦ ନାଏକ, ବି.ସୂର୍ଯ୍ୟନାରାୟଣ ରାଓ,ସମିତି ସଂଯୋଜକ ତୁଳସିରାମ ସାହୁ, ବିଭୁତି ସାହୁ ଯୋଗ ଦେଇଥିଲେ। ସ୍କୁଲ ତରଫରୁ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଦିବଙ୍ଗତ ଆତ୍ମାଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ଅଧକ୍ଷ ଜ୍ଞାନରଞ୍ଜନ ମିଶ୍ର ଶ୍ରୀ ସତ୍ୟସାଇ ବାବାଙ୍କ ଶିକ୍ଷାକ୍ଷେତ୍ରରେ ଅବଦାନ ଓ ସ୍କୁଲ ପ୍ରତିଷ୍ଠାରେ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଅନେକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ପ୍ରଭାତି ବହିଦାର କାର୍ଯ୍ୟକ୍ରମ ସଂଯୋଜନା ଭକ୍ତିଗୀତ, ବେଦପାଠ କରିଥିବା ବେଳେ ରିନା ଶୁକ୍ଲା ଧନ୍ୟବାନ ଅର୍ପଣ କରିଥିଲେ।

## ନୂତନ ଭତ୍ତା ବଣ୍ଟନ କଲେ ଧର୍ମଗଡ଼ ବିଧାୟକ

ଧର୍ମଗଡ,୨୨।୮(ସମିସ):ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାର ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଧର୍ମଗଡ ବ୍ଲକର ବିଭିନ୍ନ ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା, ବୃଦ୍ଧବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଧର୍ମଗଡ ସଭା ଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ୬୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା କାର୍ଡ ସହ ଭତ୍ତା ଟଙ୍କା ପ୍ରଦାନ କରିଥିଲେ।ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ ଧର୍ମଗଡ ବିଧାୟକ। କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ବିଡ଼ିଓ ସଦାଶିବ ନାୟକ,ବରିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ,ଦାୟିତ୍ୱ ପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଲୋକ ନାଥ ଭାଟି, କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥାଇ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ଟଙ୍କା ସହ ଭତ୍ତାକାର୍ଡ ପ୍ରଦାନ କରିଥିଲେ।

ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବଙ୍କ କଳାହାଣ୍ଡି ଗସ୍ତ

## କ୍ଷେତ୍ର ପରିଦର୍ଶନ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା

ଭବାନୀପାଟଣା,୨୨।୮(ସମିସ):ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ତେ ମଜେନ୍ ୱାପାଙ୍ଗ ଏଓ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଥୁଆମୂଳ ରାମପୁର ବ୍ଲକ୍‌ର ସାଇସୁରନି ସ୍ଥିତ ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ମା'ଗୃହ, କାଣିଗୁମାର ନୂତନ କଫି ଉଦ୍ୟାନ, ଇନ୍ଦ୍ରାବତୀ ଜଳ ଭଣ୍ଡାରର ପିଞ୍ଜରା ଭିତରେ ହେଉଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ, ସୁପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ସଚିବ ଜୟପାଟଣା



ବ୍ଲକର କେତେକ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ତଦାରଖ ମଧ୍ୟ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଭାରତୀୟ ପ୍ରଶାସନିକ ସେବା (ପ୍ରବେଶନ) ଅନିମେସ ପ୍ରଧାନ, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ଶୁକ୍ରବାର ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଚିବ ତେମଜେନ୍ ୱାପାଙ୍ଗ ଏଓ ଯୋଗଦେଇ ଜିଲ୍ଲାରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା, ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ, ଶିଶୁ ସୁରକ୍ଷା, ଗମନାଗମନ, ଯୋଗାଣ, ଦକ୍ଷତା ବିକାଶ, ନିଯୋଜନ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ନୀତି ଆୟୋଗଙ୍କ ମାପଦଣ୍ଡକୁ ନେଇ ଆକାଂକ୍ଷା ଜିଲ୍ଲା ତଥା ବ୍ଲକର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା, ପ୍ରକଳ୍ପର ସଫଳ ରୂପାୟନ କିପରି ହେଇପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ସଚିବ ପରାମର୍ଶ ଦେଇଥିଲେ।ସମୀକ୍ଷା ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ୱତନ୍ତ୍ର ସଚିବଙ୍କୁ ସ୍ୱଗତ ଜଣାଇବା ସହିତ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା,ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସଂଯୋଜନ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକଙ୍କ ପରଲୋକ

ଭବାନୀପାଟଣା,୨୨।୮(ସମିସ):କଳାହାଣ୍ଡି ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରବୀଣ ଖମାରୀ (ମୁନା)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି।ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ହୃଦ୍‌ଘାତ ଯୋଗୁଁ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରକୁ ନିଆଯାଉ ଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରଲୋକ ଖବର ଶୁଣି ଭବାନୀପାଟଣା ସହରରେ ଶୋକର ଛାୟା ଖେଳିଯାଇଛି। ଅନେକ ବ୍ୟକ୍ତି ବିଶେଷ ସୋସିଆଲ ମିଡିଆରେ ତାଙ୍କ ପରଲୋକ ଖବର ପୋଷ୍ଟ କରି ନିଜ ଦୁଃଖ ଜାହିର କରିଛନ୍ତି। ଭବାନୀପାଟଣା ଭାଗିରଥି ଗ୍ରୁପର ଚେୟାରମ୍ୟାନ ତଥା ବିଶିଷ୍ଟ ସମାଜସେବୀ ପ୍ରମୋଦ ଖମାରୀଙ୍କ ସେ ସାନ ଭାଇ ଅଟନ୍ତି।ଅନ୍ୟପକ୍ଷରେ, ସମ୍ପାଦକ ଖମାରୀଙ୍କ ବିୟୋଗରେ ଶନିବାର ସକାଳ ୬ ରୁ ରାତ୍ରି ୧୨ ଟା ଯାଏଁ କଳାହାଣ୍ଡି ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ବନ୍ଦ ରହିବ ବୋଲି କଳାହାଣ୍ଡି ଘରୋଇ ବସ ମାଲିକ ସଂଘ ର ସଭାପତି ପ୍ରବୋଧ ରଥ ସୂଚନା ଦେଇଛନ୍ତି। ସ୍ୱର୍ଗତ ଖମାରୀଙ୍କ ମରଶରୀର ଭବାନୀପାଟଣା ପହଁଞ୍ଚିବା ପରେ ବସ୍‌ଷ୍ଟାଣ୍ଡ ନିକଟରେ ଘୋରାଇ ବସ ମାଲିକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସମସ୍ତ ଘୋରାଇ ବସ୍ ମାଲିକ ଓ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ଖମାରୀଙ୍କ ମୃତ୍ୟୁରେ ସମଗ୍ର ପଶ୍ଚିମ ଓଡିଶା ଓ ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲାର ବସ୍ ମାଲିକ ସଂଘ ତରଫରୁ ଶୋକ ପ୍ରକାଶ କରାଯାଇଛି।



### ଆଜି ବସ୍ ଚଳାଚଳ ବନ୍ଦ

ଏନ୍ଏସି ଘୋଷଣା ଦାବିରେ ଜୟପାଟଣା ବନ୍ଦ ପାଳନ

# ୬ ଘଣ୍ଟା କାଳ ବନ୍ଦ ହୋଇଗଲା ସହର

ଜୟପାଟଣା,୨୨।୮(ସମିସ):କଳାହାଣ୍ଡି ଜିଲ୍ଲା ଜୟପାଟଣାକୁ ଏନ୍ଏସି ଘୋଷଣା ଦାବିରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ ଓ ଅଫିସ୍ ବନ୍ଦ ହେବା ସହ ଜରୁରୀକାଳୀନ ସେବାରେ ଥିବା ଯାନ ବାହାନକୁ ଛାଡ଼ି ଅନ୍ୟ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।ମୋହନ ସରକାର ବର୍ତ୍ତମାନ ରାଜ୍ୟରେ ୧୨ଟି ଏନଏଏସି ଘୋଷଣା କରିଛନ୍ତି। କିନ୍ତୁ ଏଥିରେ ବିଜେଡି ସରକାର ଘୋଷଣା କରିଥିବା ବେଳେ ଜୟପାଟଣା ବାଦ କରାଯାଇଛି।ଯାହାକୁ ନେଇ ଜୟପାଟଣା ବିଜୁ ଜନତା ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନରେ ବ୍ଲକ୍ ବିଜେଡି ସଭାପତି ମିନିକେତନ



ପୁଝାରି,ଦିଲୀପ ରାଉତ,ସତ୍ୟନାରାୟଣ ଅଗ୍ରୱାଲ, ବିଘ୍ନରାଜ ପଣ୍ଡା, ଶତ୍ରୁଘନ ରାଉତ,ଅନୀଲ ସାହୁ, ଆମ୍ବୁଜ ଧଙ୍ଗଡାମାଝୀ, ମସିମ ଖାନ, ଭୁବନେ ଦଳପତି ଓ ଜନସାଧାରଣ ସାମିଲ ହୋଇଥିଲେ।ସୂଚନା ଅନୁଯାୟୀ ଗତ ଫେବୃଆରୀ ୨୦୨୪ରେ ରାଜ୍ୟର ସମସ୍ତ ଜିଲ୍ଲାରେ ୩୪ଟି ଏନ୍ଏସି ହେବ ବୋଲି ଘୋଷଣା କରିଥିଲେ।ଏଥିରେ ଜୟପାଟଣା ସାମିଲ ରହିଥିଲା।୧୫ଟି ୱାର୍ଡ ଓ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟାକୁ ନେଇ ଜୟପାଟଣା ଗୋଟିଏ ଏନ୍ଏସି ହେବ ବୋଲି ଲୋକଙ୍କ ଆଶା ସଂଚାର ହୋଇଥିଲା।ଏନ୍ଏସି ହେଲେ ଅଞ୍ଚଳର ବିକାଶ ତ୍ୱରାନିତ୍ୱ ହେବା ସହ ଜୟପାଟଣାରେ ଥିବା ପ୍ରମୁଖ ସମସ୍ୟା ଯେପରି ରାସ୍ତା, ଆଲୋକ,ପାନୀୟ ଜଳ ଓ ପରିମଳ ଭଳି ମୁଖ୍ୟ ଦାବି ପୂରଣ ହେବ ବୋଲି ଲୋକେ ଭାବିଥିଲେ।କିନ୍ତୁ ବର୍ତ୍ତମାନ ମୋହନ ସରକାର ଘୋଷଣା ହୋଇଥିବା ଏନଏସି ଉପରେ କୋଣସି ଦୃଷ୍ଟି ଆକର୍ଷଣ ନକରି ନୂଆ ସ୍ଥାନରେ ଏନ୍ଏସି ହେବ ବୋଲି ଘୋଷଣା କରିଛନ୍ତି।ଯାହାକୁ ନେଇ ଅଞ୍ଚଳରେ ବନ୍ଦ ଡାକରା ଦିଆଯାଇଥିବା ଜଣାପଡିଛି।ଯଦି ତାଙ୍କର ଦାବି ପୂରଣ ନହୁଏ ତେବେ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ଜନସାଧାରଣ ସରକାରଙ୍କୁ ଚେତେଇ ଦେଇଛନ୍ତି।

ପାଇଖାନା ଟାଙ୍କିରେ ଦୁଇ ଶ୍ରମିକ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରକୁ ସହାୟତା ଦାବି

ନୂଆପଡା/ଖଡ଼ିଆଳ,୨୨।୮(ସମିସ):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ଲକ୍ଷ୍ମୀ ଛକ ନିବାସୀ ଗୋବିନ୍ଦ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ପାଇଖାନା ଟାଙ୍କି ଫଲସ ଖୋଲିବା ବେଳେ ଦୁଇ ଜଣ ଶ୍ରମିକ ପଡୋଶୀ ଛତା ଗାଁର ବାସୁଦେବ ଭୋଇ (୩୯) ଏବଂ କୋଟେନ ମୁଣ୍ଡାର ରଘୁମଣି ହାତୀ (୩୬)ଅଣନିଶ୍ୱାସୀ ହୋଇ ମୃତ୍ୟୁ ବରଣ କରିବା ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଯାଦବ ସମାଜ ତରଫରୁ ଦାବି କରାଯାଇଛି।



ଏହାକୁ ନେଇ ସମାଜ ତରଫରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ ଗୋବିନ୍ଦ ସାହୁଙ୍କ ପାଇଖାନା ଟାଙ୍କିକୁ ଘୋଡାଇବାକୁ ସ୍ଲାବ ପକା ଯାଇଥିଲା। ପରେ ଗତ ୧୭ତାରିଖ ସେଥିର ଫଲସ ଖୋଲିବାକୁ ଶ୍ରମିକମାନେ ନିୟୋଜିତ ହୋଇଥିଲେ। କୁଆଡେ ଶ୍ରମିକ ଠିକାଦାର ଜଣକ ଶ୍ରମିକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରି ନଥିଲେ ବୋଲି ଟାଙ୍କି ଭିତରକୁ ପଶିବା ପରେ ଠିକ ସମୟରେ ବାହାରକୁ ଆସି ପାରିନଥିଲେ। ଅଣନିଶ୍ୱାସୀ ହୋଇ ଦୁଇ ଜଣ ଶ୍ରମିକ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଉଛି। ଏହାର ବିଧିବଦ୍ଧ ତଦନ୍ତ କରି ମୃତକ ପରିବାର ଲୋକଙ୍କୁ ଥଇଥାନ କରିବାକୁ ସରକାରଙ୍କ ତରଫରୁ ନିର୍ଦ୍ଧାରିତ ସହାୟତା ରାଶି ଯୋଗାଇବାକୁ ଦାବି ହୋଇଛି। ଉତ୍କଳ ଯାଦବ ମହାସଭା ଉପସଭାପତି ଲମ୍ବୋଦର ନିଆଲ,ଜିଲ୍ଲା ସଭାପତି ଭରତଲାଲ ରାଉତ,କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ନାଗ,ଉତ୍କଳ ଯାଦବ ମହାସଭା ପରାମର୍ଶ ଦାତା ରାମଲାଲ ହଂସ, ନୂଆପଡା ଏନ୍ଏସି ସଭାପତି ମହେଶ ନିଆଲ, ରିଙ୍କୁ ବଗର୍ତ୍ତୀ, ପରାମର୍ଶଦାତା ଘନଶ୍ୟାମ ଭୋଇ, ଲୋକନାଥ ଛତ୍ରିଆ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇଛନ୍ତି। ସମସ୍ତ ପ୍ରକାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଛନ୍ତି। ଖୁବ ଶୀଘ୍ର ସହାୟତା ପ୍ରଦାନ ଦିଗରେ ସରକାର ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି।

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

ସକାଳ
THE SAKALA

## ଓଡ଼ିଶାରେ ଗାଲିୟମ ଆଶା

ନିକଟରେ କେନ୍ଦ୍ର କ୍ୟାବିନେଟ ୪ଟି ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ୟୁନିଟ ପ୍ରତିଷ୍ଠା ହେବ। ଅନ୍ୟ ଦୁଇଟି ଆନ୍ଧ୍ର ଓ ପଞ୍ଜାବକୁ ମିଳିଛି। ଏଥିଲାଗି ସରକାର ୪୫୯୪ କୋଟି ଟଙ୍କା ବିନିଯୋଗ କରିବେ। ସମୟର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ସେମିକଣ୍ଡକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରିଟେନର କ୍ଲାସ-ସିକ ୱାଫେର ଫାବ୍ ଲିମିଟେଡ ସହ ମିଳିତ ଉଦ୍ୟମରେ ସିକ୍ସେମ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଏଡି ପ୍ରକଳ୍ପ ହାତକୁ ନେଇଛି। ଏହା ସିଲିକନ କାର୍ବାଇଡ ଉପକରଣ ଉତ୍ପାଦକ କରିବ। ସଂପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟ ରଖି ପ୍ରକଳ୍ପ ହାତକୁ ନିଆଯାଇଛି। ଭୁବନେଶ୍ୱରସ୍ଥ ଇନଫୋସିସ ଭ୍ୟାଲିକୁ ହିଁ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଛି। ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାକୁ କାହିଁକି ଦୁଇଟି ମିଳିଛି ଏଭଳି ଏକ ପ୍ରଶ୍ନ ମନରେ ଉଙ୍କି ମାରିପାରେ। ଏଥିଲାଗି ଆବଶ୍ୟକ ଓ ଉପଯୋଗୀ ବିରଳ ଗାଲିୟମ୍ ଧାତବ ଆସନ୍ତା ୨ବର୍ଷ ମଧ୍ୟରେ ଓଡ଼ିଶାରୁ ଉତ୍ପାଦିତ ହେବ। ଏଥିଲାଗି ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ନାଲକୋ ଦାମନଯୋଡ଼ିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିସାରିଛି। ସମଗ୍ର ଦେଶରେ ପ୍ରଥମ କରି ଗାଲିୟମ ଓଡ଼ିଶା ହିଁ ଉତ୍ପାଦନ କରିବାକୁ ଯାଉଛି। ଏହାକୁ କେବଳ ଏକ ସଂଯୋଗ କହିଲେ ଠିକ ହେବ ନାହିଁ। ପରସ୍ପର ଉପରେ ନିର୍ଭରଶୀଳ ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥେଷ୍ଟ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଦେଶରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା କରି ବିଶ୍ୱରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଭାରତ ସରକାର ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ରୋକିବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗୁଆ ୩ଶହ ପ୍ରତିଶତ ଶୁଳ୍କ ଲାଗୁ କରିବାର ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଯେ ଅର୍ଥହୀନ ଓ ଅବାସ୍ତବ ଏକଥା ବୁଝିବାକୁ ବାକି ନାହିଁ। ତାଙ୍କର ଏହି ନାଲି ଆଖିରେ ଭାରତର ସେମିକଣ୍ଡକ୍ଟର ପ୍ରକଳ୍ପ ଯେ ବନ୍ଦ ହୋଇଯିବ ଏକଥା ନୁହେଁ। ଆମେରିକାକୁ ବାଦଦେଲେ ମଧ୍ୟ ଭାରତ ପାଇଁ ବିଶ୍ୱରେ ସେମିକଣ୍ଡକ୍ଟରର ବଜାରର ଅଭାବ ନାହିଁ। ଯେମିତି ଚୀନର ବିରଳ ମୃତ୍ତିକାକୁ ବାଦଦେଲେ ଆମେରିକାର ଏକାଧିକ ପ୍ରକଳ୍ପ କାର୍ଯ୍ୟ କ୍ଷମତା ହରାଇବ। ସେଥିସକାଶେ ଟ୍ରମ୍ପ ଚୀନ୍ ସହ ସାଲିସ କରିବାର ବାଧ୍ୟବାଧକତା ରହିଛି। ନାଲକୋର ଗାଲିୟମ ଧାତବ ଉତ୍ପାଦନ କ୍ଷମତାର ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଏହା କେବଳ ସେମିକଣ୍ଡକ୍ଟର ନୁହେଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇଲୋକ୍ଟ୍ରୋନିକ ସାମଗ୍ରୀ, ଲେନ୍ସ, ଲେଜର ଓ ମେଡିକାଲ ଇମେଜିଂ ଭଳି ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ। ଏଭଳି ଉପଯୋଗୀ ବିରଳ ଧାତବ ସାମଗ୍ରୀ ଉତ୍ପାଦନ କରି ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ସ୍ତରରୁ ଊର୍ଦ୍ଧ୍ୱରେ ନିଜର ସ୍ଥିତି ଜାହିର କରିବାକୁ ଯାଉଛି ନାଲକୋ।

ନାଲକୋ ମଙ୍ଗଳବାର ବିରଳ ଧାତବ ସାମଗ୍ରୀ ଗାଲିୟମ ଉତ୍ପାଦନ ସଂପର୍କରେ ସୂଚନା ଦେଇ କହିଛି ଯେ ଏହି ପ୍ରକଳ୍ପ ଏଥିମଧ୍ୟରେ ବେଶ ଅଗ୍ରଗତି ହାସଲ କରିସାରିଛି ଏବଂ ଯେତେଦୂର ସମ୍ଭବ ଆସନ୍ତା ଦୁଇବର୍ଷ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ। ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ) ଓ ଭାରି ଜଳ ବୋର୍ଡ(ଏଚ୍‌ଡବ୍ଲୁବି) ଏବଂ ଗବେଷଣା ଓ ଉନ୍ନୟନ ସଂସ୍ଥା ସହଯୋଗରେ ନାଲକୋ ଗାଲିୟମ ଧାତବ ନିଷ୍କାସନ ଏବଂ ଭାରିଜଳର ଅଣ ଆଣବିକ ପ୍ରୟୋଗ ନେଇ ଜାରି ରଖିଥିବା ଗବେଷଣାର ସୁଫଳ ମିଳିଛି। ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଉପଜାତ ଦ୍ରବ୍ୟ ରୂପେ ଗାଲିୟମ ଧାତବ ସଂଗ୍ରହ କରାଯାପାରିବ। ଏଦିଗରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଉଛି। କୋରାପୁଟର ଦାମନଯୋଡ଼ିରେ ଥିବା ଆଲୁମିନା ରିଫାଇନାରୀ ନିକଟରେ ଗାଲିୟମ ଧାତବ ନିଷ୍କାସନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ବାର୍ଷିକ ୧୫ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟରୁ ପରୀକ୍ଷାମୂଳକ ଭାବେ ୮/୯ ମାସ କାର୍ଯ୍ୟ ପରେ ଦୁଇବର୍ଷ ମଧ୍ୟରେ ବ୍ୟାବସାୟିକ ଉତ୍ପାଦନ ହେବ। ସୂଚନା ଯୋଗ୍ୟ କି ଏପର୍ଯ୍ୟନ୍ତ ଚୀନ ବିଶ୍ୱବଜାରରେ ଗାଲିୟମ ଯୋଗାଣରେ ପ୍ରାଧାନ୍ୟ ହାସଲ କରିଆସିଥିବା ବେଳେ ଭାରତରେ ଗାଲିୟମ ଧାତବ ଉତ୍ପାଦନ ପାଇଁ ନାଲକୋକୁ ହିଁ ନିରଙ୍କୁଶ ଅଧିକାର ମିଳିଛି।

ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ସକାଶେ ୩୫,୦୦୦ କୋଟି ଟଙ୍କା ନିବେଶର ସୂଚନା ଦେବା ଯେତେ ବଡ଼କଥା ନୁହେଁ, ବିରଳ ଖଣିଜ ସାମଗ୍ରୀ ଓ ମୃତ୍ତିକାର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଦେଶରେ ବିପୁଳ ବିନିଯୋଗର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରଗତିର ମାର୍ଗକୁ ଗତି ଦେବା ସକାଶେ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆର୍ଜେଣ୍ଟିନାରେ ୫ଟି ଖଣି ନାଲ୍‌କୋ କିଣିଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ) ସହ ନାଲକୋ ସହଭାଗିତାରେଏହି ପଦକ୍ଷେପ ଗ୍ରହଣ କରିଛି। ସଂସ୍ଥା ଖୁବ୍‌ଶୀଘ୍ର ମାଇନିଂ ଆରମ୍ଭ ସକାଶେ କାର୍ଯ୍ୟ ପରିଚାଳନା ଏଜେନ୍ସି ସହ ଯୋଗାଯୋଗ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ। ଯଦି ବ୍ୟବସ୍ଥିତ ଢଙ୍ଗରେ କାମ ଠିକ୍‌ଠାକ୍ ଚାଲେ ତେବେ ୨୦୨୭ ସୁଦ୍ଧା ମାଇନିଂ ଆରମ୍ଭ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଅଷ୍ଟ୍ରେଲିଆରେ ଲିଥିୟମ ମାଇନର ଅଂଶୀଦାର ହେବ ନାଲକୋ। ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟାଟେରି ପ୍ରସ୍ତୁତି ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ଲିଥିୟମର ଉପଯୋଗିତାକୁ ଦୃଷ୍ଟିରେ ରଖି ନାଲକୋ ଏହି ପଦକ୍ଷେପ ଗ୍ରହଣ କରୁଛି। କାବିଲ ସହଯୋଗରେ ଚିଲିରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବାର ସୂଚନା ମଧ୍ୟ ସେ ଦେଇଛନ୍ତି। ଯଦି ଏହି ପ୍ରୟାସ ସଫଳ ହୁଏ ତେବେ ଭାରତର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

ଟ୍ରମ୍ପଙ୍କ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରତିକୂଳ ପ୍ରଭାବ ନାଲକୋର ବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ଉପରେ ପ୍ରତିଫଳିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ କହିବା କଥା ହେଲା, ବ୍ରିଟେନର ଆବଶ୍ୟକତା ପୂରଣ ପାଇଁ ନାଲକୋ ଆଲୁମିନିୟମ ରପ୍ତାନି କରିପାରିବ। ମୁକ୍ତ ବାଣିଜ୍ୟ ଜୋନ୍ ସୁଯୋଗ ନେଇ ନିଃଶୁଳ୍କ ରାପ୍ତାନିରୁ ସଂସ୍ଥା ଲାଭବାନ ହେବ। ବିଦ୍ୟୁତ୍ ଚାଳିତ ଯାନ ଓ ସୋଲାର ପ୍ୟାନେଲର ବର୍ଦ୍ଧିତ ବଜାର ଦୃଷ୍ଟିରୁ ବ୍ରିଟେନର ଆଲୁମିନିୟମ ଚାହିଦା ବୃଦ୍ଧିପାଇଛି। ସେ ଦୃଷ୍ଟିରୁ ଆମେରିକା ଅପେକ୍ଷା ବ୍ରିଟେନ ବଜାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ସବୁଠାରୁ ବଡ଼ କଥା ହେଲା, ସମୟରେ ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ନାଲକୋ ନିବେଶର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

## ମଧ୍ୟବିତ୍ତ ପରିବାରରେ 'ଅର୍ଜୁନଙ୍କ ଦ୍ୱନ୍ଦ୍ୱ'

ଡକ୍ଟର ଅବଶ ପରିଡ଼ା

ମହାଭାରତର ଅର୍ଜୁନ କେବଳ ଜଣେ ପୌରାଣିକ ନାୟକ ନୁହନ୍ତି, ସେ ଏକ ଆଦର୍ଶ। ଭାରତୀୟ ମଧ୍ୟବିତ୍ତ ବର୍ଗର ପ୍ରତ୍ୟେକ ପିତାମାତା ନିଜ ପିଲାକୁ ଅର୍ଜୁନଙ୍କ ଭଳି ଦକ୍ଷ, ସଫଳ ଓ ସ୍ଥିର କରିବାକୁ ଚାହାନ୍ତି। ଅର୍ଜୁନଙ୍କ ସମାନ ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରତିଯୋଗିତା, ଭୟ ଓ ନୈତିକ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ। ଯେଉଁଠି ସଫଳତା ହେଉଛି ମୂଲ୍ୟର ଚୂଡ଼ାନ୍ତ ମାପକାଠି। କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ମଧ୍ୟବିତ୍ତ ଶ୍ରେଣୀର ବିବେକ ସହିତ ହେଉଥିବା ସଂଘର୍ଷର ଅନେକ ସମାନତା ଅଛି। ଶ୍ରୀକୃଷ୍ଣଙ୍କ ଜ୍ଞାନ ଦ୍ୱାରା ଅର୍ଜୁନ ପରିଚାଳିତ ହୋଇ ଧର୍ମର ସ୍ୱଷ୍ଟତା ଓ ଦ୍ୱନ୍ଦ୍ୱର ସମାଧାନ ଆଣିପାରିଥିଲେ। ସେହିପରି ମଧ୍ୟବିତ୍ତ ବର୍ଗ ମଧ୍ୟ ନିଜ ବିବେକ, ସ୍ଥିରତା, କର୍ତ୍ତବ୍ୟ ଓ ନୈତିକ ସନ୍ତୁଳନ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱର ସମାଧାନ ଖୋଜୁଛନ୍ତି।

ସଫଳତାର ପରିଭାଷା କ'ଣ ହେବ ତାହା ମଧ୍ୟବିତ୍ତ ଶ୍ରେଣୀ ନିଜେ ସ୍ଥିର କରିଛି। ଆର୍ଥିକ ସ୍ଥିରତା, ସାମାଜିକ ଗତିଶୀଳତା, ସାଂସ୍କୃତିକ ଆକାଂକ୍ଷା ସହ ପରିବାରର ଆଶା ଦ୍ୱାରା ଏହା ଆକୃତିପ୍ରାପ୍ତ। ଏହାମଧ୍ୟରୁ ଆର୍ଥିକ ସ୍ଥିରତା ହେଉଛି ମଧ୍ୟବିତ୍ତ ପରିବାରର ସଫଳତା ମାପିବା ପାଇଁ ସବୁଠାରୁ ଶକ୍ତିଶାଳୀ ଏବଂ ବହୁଳ ଭାବରେ ବ୍ୟବହୃତ ମାନଦଣ୍ଡ। ନିଜସ୍ୱ ଘର, ମାଲିକାନା, ସ୍ଥିର ଆୟ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ହେଉଛି ଆମ ପାଇଁ ଆର୍ଥିକ ସ୍ଥିରତା। କିଛିଦିନ ତଳେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ କୁହେ ଯେ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ମଧ୍ୟବିତ୍ତ ପରିବାର ବ୍ୟକ୍ତିଗତ କ୍ୟାରିଅର ଅଭିବୃଦ୍ଧି ଅପେକ୍ଷା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସଫଳତାର ମାପକାଠି ବୋଲି ବିବେଚନା କରନ୍ତି। ସେହିପରି ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ ଅତିରିକ୍ତ କୋଚିଂ, ଘରୋଇ ବିଦ୍ୟାଳୟ ଓ ଡିଜିଟାଲ୍ ଉପକରଣ ଯଥା ମୋବାଇଲ, ଟାବଲେଟ, ଲାପଟପରେ ବିନିଯୋଗ କରିବା ପାଇଁ ନିଜର ଅବସର ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରନ୍ତି। ଏହା ହେଉଛି ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର 'ଶିକ୍ଷା-ଚାଳିତ' ସଫଳତାର ଧାରଣାର ଏକ ପ୍ରତିଫଳନ।

ଅପରପକ୍ଷେ, ଆଫ୍ରିକୀୟ ମଧ୍ୟବିତ୍ତ ଶ୍ରେଣୀ ନିମନ୍ତେ ବୃତ୍ତିଗତ ସଫଳତା ହିଁ ସାମାଜିକ ସମ୍ମାନ। 'ଚାକିରି ହରାଇବା' ହେଉଛି ଆଫ୍ରିକୀୟ ମଧ୍ୟବିତ୍ତଙ୍କ ପାଇଁ ସବୁଠାରୁ ବଡ଼ ମାନସିକ ଆଘାତ। ଉଭୟ ଉଦାହରଣ ବିପରୀତ ଲାଗିପାରେ। କିନ୍ତୁ ଏହା ଭିତରେ ଏକ ସାଧାରଣ ଲକ୍ଷ୍ୟ ଅଛି। ତାହା ହେଉଛି ଯେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ନିଜ ପିତାମାତା ଏବଂ ସମ୍ପ୍ରଦାୟର ପ୍ରତିଷ୍ଠାକୁ ଏହି ସବୁ ଗତିଶୀଳତା ମାଧ୍ୟମରେ ଉନ୍ନତ କରିବାକୁ ଚାହେଁ। ପୃଥିବୀର ସମସ୍ତ ମଧ୍ୟବିତ୍ତ ଶ୍ରେଣୀ ସଫଳତା ହାସଲ ପାଇଁ 'ଅନୁରୂପ' ରଣନୀତି ଅନୁସରଣ କରନ୍ତି। 'ଅନୁରୂପ'ର ଅର୍ଥ ହେଉଛି ଚାକିରି କରିବା ଓ ଚାକିରିରେ କଠିନ ପରିଶ୍ରମ କରିବା, ପିଲାମାନଙ୍କ ଭବିଷ୍ୟତ ପାଇଁ ବିନିଯୋଗ କରିବା ଏବଂ ସାମାଜିକ ଭାବରେ ଗୃହୀତ ସଫଳତାର ମାନଦଣ୍ଡକୁ ପୂରଣ କରିବା। ଏହା ସବୁ ଏକପ୍ରକାରର ପ୍ରତିଯୋଗିତା। ପ୍ରତିଯୋଗିତାରେ ଚାପ ରହିବା ବହୁତ ସ୍ୱାଭାବିକ। ତେଣୁ ଏହି ଚାପରେ ଶିକ୍ଷାଗତ ସଫଳତାର ଅନୁସନ୍ଧାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତାକୁ ତୀବ୍ର କରିଛି। ଭାରତର କୋଚିଂ ଶିଳ୍ପ ଏବଂ ଘରୋଇ ବିଦ୍ୟାଳୟ ବୃଦ୍ଧି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଅନେକ ଅଭିଯୋଗ କରନ୍ତି ଯେ ମଧ୍ୟବିତ୍ତ ବର୍ଗ ସବୁଠାରୁ ସ୍ୱାର୍ଥପର। ଧନୀଙ୍କୁ ସୁବିଧା ଓ ଗରିବଙ୍କୁ ଅତିରିକ୍ତ ଧ୍ୟାନ ଓ ସାହାଯ୍ୟ ମିଳିଲେ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚନା କରେ। ସମାଜବିଜ୍ଞାନୀମାନେ ମତରେ ଉପଯୁକ୍ତ ସୁଯୋଗର ଅଭାବ ଓ ସମ୍ବଳର ଅସମାନ ବଣ୍ଟନ ପାଇଁ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚକ ହୁଅନ୍ତି। ସାମାଜିକ ବ୍ୟବସ୍ଥାରେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ମଧ୍ୟବିତ୍ତ ବର୍ଗ ପାଇଁ ଏକ ଚିନ୍ତା। ସମ୍ଭବତଃ ସେଥିପାଇଁ, ସଫଳତାକୁ ଏକ ସାଂରଚନିକ ସୁଯୋଗ ଭାବରେ ମଧ୍ୟବିତ୍ତ ଶ୍ରେଣୀ ଦେଖେ। ଆଜି ଭାରତର ଜନସଂଖ୍ୟାରେ ମଧ୍ୟବିତ୍ତ ବର୍ଗର ଅଂଶ ୩୧ ରୁ ୪୧% ମଧ୍ୟରେ ବୋଲି ଅନୁମାନ କରାଯାଉଛି। ନିଯୁକ୍ତି ଦୃଷ୍ଟିରୁ, ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀ ଆନୁଷ୍ଠାନିକ ଘରୋଇ କ୍ଷେତ୍ରରେ ଓ ଦରମାପ୍ରାପ୍ତ ଚାକିରିରେ କାମ କରନ୍ତି। ତେଣୁ ଘରୋଇ ଚାକିରିରେ ଅସୁରକ୍ଷା, ମୁଦ୍ରାସ୍ଫୀତି ଏବଂ ଶିକ୍ଷାରେ ବୃଦ୍ଧି ପାଉଥିବା ଖର୍ଚ୍ଚ ମଧ୍ୟବିତ୍ତ ପରିବାରର ଅନିଶ୍ଚିତତାର ଏକ ପ୍ରଧାନ କାରଣ। ଏହାବ୍ୟତୀତ ଗରିବଶ୍ରେଣୀକୁ ଖସିଯିବାର ଭୟ ମଧ୍ୟବିତ୍ତଙ୍କ ପାଇଁ ଏକ ନିରନ୍ତର ଚାପ।

ଆର୍ଥିକ ଅସୁରକ୍ଷା ଏବଂ ସାମାଜିକ ଉନ୍ନତି ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ସନ୍ତୁଳନ ରଖେ। ପୂର୍ବରୁ କୁହାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀ ନିଜ ପିଲାମାନଙ୍କ ଶିକ୍ଷା ଓ ନିଜସ୍ୱ ଘର କିଣିବାକୁ ପ୍ରାଥମିକତା ଦିଅନ୍ତି। ତେଣୁ ସେମାନେ ଯାହା ସଞ୍ଚୟ କିମ୍ବା ଆୟ କରନ୍ତି ସେଥିମଧ୍ୟରୁ କୋଡ଼ିଏ ପ୍ରତିଶତରୁ ଅଧିକ ପିଲାମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ କରନ୍ତି ବୋଲି କିଛି ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇ ଆର୍ଥିକ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀର ୭୭%ରୁ ଅଧିକ ସଞ୍ଚୟ ରିଅଲ ଇଷ୍ଟେଟରେ ନିବେଶ ହୋଇଛି। ଏହି ଦୁଇଟି ଅର୍ଥନୈତିକ ବ୍ୟୟର ଢାଞ୍ଚା ମଧ୍ୟବିତ୍ତ ବର୍ଗର ଅର୍ଥନୈତିକ ସ୍ଥିରତା ଏବଂ ସାମାଜିକ ସ୍ଥିତି ପାଇଁ ଥିବା ଅନ୍ୱେଷଣକୁ ପ୍ରତିଫଳିତ କରେ।

ମଧ୍ୟବିତ୍ତ ବର୍ଗ ଖର୍ଚ୍ଚର ଆଉ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପାର୍ଶ୍ୱ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି, ଘର କିମ୍ବା ପିଲାର ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ଏହି ଶ୍ରେଣୀ କିନ୍ତୁ ପର୍ବ କିମ୍ବା ବିବାହ ସମୟରେ ବହୁତ ଖର୍ଚ୍ଚ କରନ୍ତି। ଖର୍ଚ୍ଚ କାଟୁଥିବା ମଧ୍ୟବିତ୍ତ ପରିବାର ଅନ୍ୟପଟେ ଆକାଂକ୍ଷୀ ବ୍ୟବହାର ବା ଆକାଂକ୍ଷୀ ଖର୍ଚ୍ଚରେ ମଧ୍ୟ ଲିପ୍ତ। ଉଦାହରଣତଃ, ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ଦୁଇଚକିଆ ଯାନ, ସ୍ମାର୍ଟଫୋନ୍ ଓ ସୁନା ଉପରେ ଅସମାନୁପାତିକ। ନିଲସେନର ଏକ ଗ୍ରାହକ ସର୍ଭେ ଦର୍ଶାଉଛି ଯେ ବ୍ରାଣ୍ଡେଡ୍ କପଡ଼ା ଓ ସାମଗ୍ରୀର ଚାହିଦା ମଧ୍ୟ ଏହି ବର୍ଗରେ ବୃଦ୍ଧି ହେଉଛି। ଆର୍ଥିକ ସୀମାବଦ୍ଧତା ସତ୍ତ୍ୱେ ମଧ୍ୟବିତ୍ତ ପରିବାରର ବିବାହ ଓ ଯୌତୁକ ଖର୍ଚ୍ଚ କଥା ନ କହିଲେ ଭଲ। ଓଡ଼ିଶା ଓ ଉତ୍ତର ପ୍ରଦେଶର କେତେକ ଗବେଷଣାରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ପରିବାରଗୁଡ଼ିକ 'ସମ୍ମାନଜନକ ବିବାହ' ଆୟୋଜନ କରିବା ପାଇଁ ଋଣ ନେଉଛନ୍ତି କିମ୍ବା ସମ୍ପତ୍ତି ବନ୍ଧକ ରଖୁଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ମଧ୍ୟରେ ବ୍ୟକ୍ତିଗତ ଋଣ, ଇଏମ୍‌ଆଇ ଓ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଅନେକ ପେସାଦାର ଯୁବଙ୍କ ଦରମାର ଏକ ବଡ଼ ଅଂଶ ଋଣ ପ୍ରଦାନରେ ଯାଉଛି। ମୋଟ ଉପରେ, ମଧ୍ୟବିତ୍ତ ନିଯୁକ୍ତିପ୍ରାପ୍ତ ଯୁବ ବର୍ଗ 'ଆକାଂକ୍ଷା-ଋଣ ଫାଶ' ରେ କବଳିତ।

କଠିନ ପରିଶ୍ରମ, ଶିକ୍ଷା ଏବଂ ସମ୍ମାନକୁ ମୂଲ୍ୟ ଦେଉଥିବା ମଧ୍ୟବିତ୍ତ ଶ୍ରେଣୀ ସାର୍ବଜନୀନ ଭାବରେ ଦୁର୍ନୀତିକୁ ନିନ୍ଦା କରନ୍ତି। କିନ୍ତୁ ଅଭିଯୋଗ ଏହା ମଧ୍ୟ ହୁଏ ଯେ ବଞ୍ଚିବା, ସୁବିଧା ଏବଂ ଉନ୍ନତି ପାଇଁ ଦୁର୍ନୀତି ଜାଲରେ ଛନ୍ଦି ହୋଇଯାଇଛନ୍ତି ମଧ୍ୟବିତ୍ତ ବର୍ଗ। 'ଚୟନମୂଳକ ନୈତିକତା'ର ଦ୍ୱନ୍ଦ୍ୱରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀ ଗୋଟେପଟେ ରାଜନୀତି ଓ କର୍ପୋରେଟର 'ବଡ଼ ଦୁର୍ନୀତି'କୁ ନିନ୍ଦା କରୁଥିବା ବେଳେ ଅନ୍ୟପଟେ 'ଛୋଟ ଦୁର୍ନୀତି', ଯେପରିକି ସ୍କୁଲ ଓ କଲେଜରେ ନାମଲେଖା, ସରକାରୀ ଅଫିସ ଓ ପଞ୍ଜୀକରଣ କିମ୍ବା ସରକାରୀ ଚାକିରି ନିଯୁକ୍ତି ପାଇଁ ଲାଞ୍ଚ ଦେବାକୁ ସାଧାରଣ ଅଭ୍ୟାସ ଭାବେ ଗ୍ରହଣ କରନ୍ତି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଗ୍ଲୋବାଲ୍ କରପସନ୍ ବାରୋମିଟର' ଏକ ରିପୋର୍ଟ ଦର୍ଶାଇଛି ଯେ ବିକାଶଶୀଳ ଦେଶଗୁଡ଼ିକରେ ସର୍ବାଧିକ ଲାଞ୍ଚଦାତା ହେଉଛନ୍ତି ମଧ୍ୟବିତ୍ତଶ୍ରେଣୀ।

ସାର୍ବଜନୀନ ପ୍ରସଙ୍ଗରେ ନୀତିନିୟମକୁ ବଳି ଦେଉଥିବା ମଧ୍ୟବିତ୍ତମାନେ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ସତ୍ୟବାଦୀ, ନୈତିକତା ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତି। ଧନୀଙ୍କ ଭଳି ସମ୍ପତ୍ତି ଏବଂ ଗରିବଙ୍କ ଭଳି ସଂଘର୍ଷ ମଧ୍ୟରେ ଅବସ୍ଥିତ ମଧ୍ୟବିତ୍ତ ଶ୍ରେଣୀର ଏହା ହେଉଛି ଏକ ବୈଶିଷ୍ଟ୍ୟ। 'ପିୟୁ ରିସର୍ଚ୍ଚ ସେଣ୍ଟର'ର ସର୍ବେକ୍ଷଣ ଅନୁଯାୟୀ ଭାରତର ୭୨% ମଧ୍ୟବିତ୍ତ ଶ୍ରେଣୀ ବିଶ୍ୱାସ କରନ୍ତି ଯେ ସମାଜରେ ସମ୍ମାନ ପାଇବା ପାଇଁ 'ସତ୍ୟ ଓ ନୈତିକ ଭାବରେ ବଞ୍ଚିବା' ଅତ୍ୟନ୍ତ ଜରୁରୀ। ପିଲାମାନଙ୍କ ବ୍ୟକ୍ତିଗତ ଆଚରଣରେ ସଚ୍ଚୋଟତାକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। କିନ୍ତୁ କିଛି ସାମାଜିକ ଗବେଷଣାରେ ଉଲ୍ଲେଖ ଅଛି ଯେ ଘରେ ସତ କହିବାକୁ ପ୍ରୋତ୍ସାହନ ମିଳୁଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ଚାକିରି ସାକ୍ଷାତକାରରେ ସମ୍ପୂର୍ଣ୍ଣ ସତ କହିବାକୁ ମଧ୍ୟବିତ୍ତ ପରିବାର ବାରଣ କରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଏହିସବୁ ଆଲୋଚିତ ସମସ୍ୟା, ଦ୍ୱନ୍ଦ୍ୱ ଓ ସମାଧାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ସମାଧାନ ଭଳି। ଯେଉଁଠି 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' -ଉଠ, ଲଢ଼ ଓ ଯଶ ପ୍ରାପ୍ତି କର' ହେଉଛି ବଞ୍ଚିବାର ମନ୍ତ୍ର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ମନ୍ଥର ଜୀବନ

କନକଲତା ପରିଡ଼ା

ଓଡ଼ିଶାର ଅନ୍ୟତମ ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ଅନ୍ୟତମ ଅନନ୍ୟ ରଚନା 'ବେଗ ହିଁ ଉନ୍ନତିର ଲକ୍ଷଣ'ରେ ଶିଳ୍ପ ବିପ୍ଲବ ପରେ ବିଭିନ୍ନ ଯାନବାହନ ଓ ଯନ୍ତ୍ରପାତିର ବ୍ୟବହାର ଆମ କାର୍ଯ୍ୟ କରିବାର ବେଗବୃଦ୍ଧି କରିବାରୁ କ୍ରମେ ଆମେ କିପରି ଉନ୍ନତ ହେଲୁ ତାହାର ସୂଚନା ଦେଇଛନ୍ତି। ସେହି ସମୟରୁ ଆଜି ମଧ୍ୟରେ ଏସବୁ ବୃଦ୍ଧି ପାଇଛି ଅକଳ୍ପନୀୟ ଭାବେ। ଫଳରେ ଆମର ଜୀବନଶୈଳୀ ହୋଇ ପଡ଼ିଛି ଅତ୍ୟନ୍ତ ଚଞ୍ଚଳ। ଏହାର ଅର୍ଥ ହେଲା ଯେ ଆମେ ସଦାବେଳେ ଚାହୁଁଛୁ କୌଣସି କାମକୁ ଖୁବ୍ ଶୀଘ୍ର ଏବଂ ଯଥାର୍ଥ ଭାବେ ସମାପନ କରିବାକୁ। ସେଥିପାଇଁ ଆମେ ତହିଁରେ ଦେହ ଓ ମନକୁ ନିବିଡ଼ ଭାବେ ନିୟୋଜିତ କରି ରଖୁଛୁ। ଏପରିକି ଆମେ ଆହାର, ନିଦ୍ରା ଓ ବିଶ୍ରାମ ଭୁଲି ଦୀର୍ଘସମୟ ଧରି ସେଥିରେ ଲାଗିଯାଉଛୁ। ତେବେ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏହା ଏବେ ସୃଷ୍ଟି କରିବାରେ ଲାଗିଛି ନାନାଦି ସମସ୍ୟା।

ବୈଜ୍ଞାନିକମାନଙ୍କ ମତରେ ଏହା ଫଳରେ ଶାରୀରିକ ଓ ମାନସିକ ଚାପ ବୃଦ୍ଧି ପାଉଛି, ଯାହାକି ନାନାଦି ରୋଗର କାରଣ ହେଉଛି ଏବଂ କାର୍ଯ୍ୟପ୍ରତି ଆମର ଆଗ୍ରହ କ୍ଷୟ ହେବା ସହିତ ଚିନ୍ତା ଶକ୍ତିକୁ ମଧ୍ୟ ବ୍ୟାହତ କରୁଛି। ସେଥିପାଇଁ ଏବେ କୁହାଯାଉଛି ଜୀବନଧାରାକୁ ମନ୍ଥର ଓ ସୁସଂଗତ କରିବା ପାଇଁ। ଏକଥା ମନକୁ ଆସୁଛି ଆଉ ଜଣେ ମହାନ୍ ଇଂରାଜୀ କବି ହେନେରୀ ଡାଭିସ୍‌ଙ୍କ ସୁପ୍ରସିଦ୍ଧ କବିତା 'ହ୍ୱାଟ ଇଜ୍ ଦିସ୍ ଲାଇଫ୍ ଇଫ୍ ଫୁଲ୍ ଅଫ୍ କେୟାର୍'। ଏଥିରେ ସେ ପ୍ରଶ୍ନ କରିଛନ୍ତି ଯେ ବ୍ୟସ୍ତତାଭରା ଜୀବନ ଗୋଟିଏ କି ଜୀବନ, ଯଦି ତହିଁରେ ଗଛତଳେ ଟିକେ ଠିଆହୋଇ ଗୋରୁ ଓ ଛେଳି ମେଣ୍ଢା ଚରୁଥିବାର କିମ୍ବା ଜଙ୍ଗଲ ଦେଇ ଗଲା ବେଳେ ଗୁଣ୍ଡୁଚି ମୂଷା ଘାସ ଭିତରେ ତା' କୋଳିଟିଏ ଲୁଚାଇବାର କିମ୍ବା ନଦନଦୀର ପ୍ରବାହ ଅଥବା ଆକାଶରେ ବିଚ୍ଛୁରିତ ତାରକାମାଳ ଦେଖିବାକୁ ସମୟ ନ ଥାଏ? ପ୍ରକୃତରେ ଏବେ ବୈଜ୍ଞାନିକମାନେ ଏହାର ସତ୍ୟତା ସ୍ୱୀକାର କରୁଛନ୍ତି। ସେମାନେ କହୁଛନ୍ତି ଯେ ସବୁଦୃଷ୍ଟିରୁ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ମନ୍ଥର ଜୀବନ ହିଁ ଏକାନ୍ତ ଉପାଦେୟ। ଏହା ଦେଇଥାଏ ଶରୀର ଓ ମନକୁ ଆବଶ୍ୟକ ବିଶ୍ରାମ ମାଧ୍ୟମରେ ସୁସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ସୃଜନାତ୍ମକ ଚିନ୍ତା ପାଇଁ ଯଥେଷ୍ଟ ସମୟ।

ମନ୍ଥର ଜୀବନର ଅର୍ଥ ନୁହେଁ ଆଳସ୍ୟପରାୟଣତା ଏବଂ ଉତ୍ପାଦନ ହ୍ରାସ କରିବା। ବରଂ ଏହା ହେଉଛି ସୁସଂଗତ ଭାବେ କାର୍ଯ୍ୟ କରି ଉତ୍ପାଦର ପରିମାଣ ଅପେକ୍ଷା ତାହାର ମାନ ପ୍ରତି ସଚେତନ ରହିବା ଏବଂ କୌଣସି ମତେ ଲକ୍ଷ୍ୟଟିଏ ସାଧନ କରିଦେବା ଅପେକ୍ଷା ତାହା ସୁଚାରୁରୂପେ ସଂପାଦନ କରିବା। ପୁନଶ୍ଚ ତହିଁରୁ ଅଧିକ ଅର୍ଥପୂର୍ଣ୍ଣ ଅନୁଭୂତି ଅର୍ଜନ କରିବା। ଲୋକେ ଏବେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ବଢ଼ିବଢ଼ି ଚାଲିଥିବା ବ୍ୟସ୍ତତା, ଅବଶତା, ମାନସିକ ଚାପ ଓ ରୋଗ ବାହିତ ସଂପୃକ୍ତ ଚଞ୍ଚଳ ଜୀବନ ସହନୀୟ ନୁହେଁ କି ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ, ସବୁକାର୍ଯ୍ୟର ଅଗ୍ରାଧିକାର ନିର୍ଦ୍ଦିଷ୍ଟ ରୂପେ ମୂଲ୍ୟାୟନ କରି ତଦନୁଯାୟୀ ତାହା ମନଯୋଗ ସହକାରେ କରିବା ଉଚିତ। ଏହାଦ୍ୱାରା ଇଚ୍ଛା ମୁତାବକ ବଞ୍ଚିବା ଏବଂ ସନ୍ତୋଷଜନକ ତଥା ସାମଗ୍ରିକ ଭାବେ ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା।

ମନ୍ଥର ଜୀବନଧାରାକୁ କିପରି ଗ୍ରହଣ କରାଯାଇ ପାରିବ ସେସମ୍ପର୍କରେ କେତେକ ସୂଚନା ଦେଇଛନ୍ତି ଇଂଲଣ୍ଡର ମନୋବିଜ୍ଞାନୀମାନେ। ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଠାରେ ଅବତାରଣା କରାଯାଇପାରେ। ୧-କେଉଁ କେଉଁ କାର୍ଯ୍ୟ ତୁମକୁ ଆନନ୍ଦ ଦେଉଛି ଏବଂ ପରିପୂର୍ଣ୍ଣତା ଅନୁଭବ କରାଉଛି ତାହା ଚିହ୍ନଟ କର। ଯଥାସମ୍ଭବ କେବଳ ସେବର କାର୍ଯ୍ୟଗୁଡ଼ିକୁ ହାତକୁ ନେବାକୁ ଚେଷ୍ଟା କର। ୨- ମୋବାଇଲ, ଟିଭି କିମ୍ବା କମ୍ପ୍ୟୁଟର ନିକଟରେ ଅତ୍ୟଧିକ ସମୟ ନ ବିତାଇ ଏହାର ବ୍ୟବହାରକୁ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ରଖ। ଅନ୍ୟପକ୍ଷରେ, ବିବିଧ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ସମ୍ପର୍କ ପରିବର୍ଦ୍ଧନ, ବାସ୍ତବ ଦୁନିଆ ଓ ନୂତନ ଚିନ୍ତାଧାରାର ବିକାଶ ପାଇଁ ତାହାର ବିନିଯୋଗ କର। ୩- ଭୋଜନ, ପଠନ ଆଦି କାର୍ଯ୍ୟ ମନଧ୍ୟାନ ଦେଇ କର। ସେ ସମୟରେ ଅନ୍ୟ କିଛି ଚିନ୍ତା କରିନାହିଁ। ସେହିପରି ଯୋଗ, ବ୍ୟାୟାମ, ସଂପର୍କୀୟଙ୍କ ସହିତ ବାର୍ତ୍ତାଳାପ, ପ୍ରଭାତ କିମ୍ବା ସାନ୍ଧ୍ୟଭ୍ରମଣ ଆଦି ନିୟମିତ ଭାବେ କର। ୪- ତୁମ କାର୍ଯ୍ୟକଳାପକୁ ନିୟମିତ ଓ ଶୃଙ୍ଖଳିତ କର। ସର୍ବନିମ୍ନ ଆବଶ୍ୟକତା ଏବଂ ମନ୍ଥର ଜୀବନଧାରା ପରସ୍ପର ସହିତ ସଂପୃକ୍ତ। ଏଣୁ ଅଯଥା ଆବଶ୍ୟକତା କିମ୍ବା ଅଙ୍ଗୀକାରବଦ୍ଧତା ସୀମିତ କରିବା ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟକଳାପ ହ୍ରାସ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ସମୟ ବଞ୍ଚାଅ। ୫- ପ୍ରକୃତି କୋଳରେ ନିୟମିତ କିଛି ସମୟ ବିତାଅ। ତାହା ବଗିଚାରେ ବୁଲିବା ହେଉ, ସେଥିରେ ଥିବା ଗଛଲତାଙ୍କ ଯତ୍ନନେବା ହେଉ କିମ୍ବା ପାହାଡ଼ ପର୍ବତରେ ପରିଭ୍ରମଣ ହେଉ। ଏହାର ଦେହ ଓ ମନ ଉପରେ ବହୁ ସକାରାତ୍ମକ ପ୍ରଭାବ ରହିଛି। ୬- ଯେଉଁ କାର୍ଯ୍ୟଟି କରୁଛ, ତାହା ଯେପରି ତୁମର ଉପଭୋଗ୍ୟ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ। ୭- ବିଶ୍ରାମ ଓ ନିଦ୍ରା ସୁସ୍ଥ ଜୀବନ ପାଇଁ ଏକାନ୍ତ ଆବଶ୍ୟକ। ଏଣୁ ଏହା ନିୟମିତ ଯଥେଷ୍ଟ ସମୟ କର। ଏହାକୁ ଆଳସ୍ୟ ବୋଲି ମନେ କରି ଏଥିପାଇଁ ନିଜକୁ ଦୋଷୀ ବୋଲି ଅନୁଭବ କରନାହିଁ।

ମନ୍ଥର ଜୀବନ ମାନସିକ ଚାପ ଓ ଦୁଶ୍ଚିନ୍ତା ଦୂରକରେ ଏବଂ ସହୃଦୟଶୀଳ ମନୋଭାବର ବିକାଶ ଘଟାଏ। ଏହା ସ୍ମରଣେ କରାଇଦିଏ ଯେ ଜୀବନ ଏକ ଘୋଡ଼ା ଦଉଡ଼ ନୁହେଁ। ବରଂ ମନକୁ ବିକଶିତ କରିବାର ଅନୁଭୂତିଟିଏ। ଏଣୁ ଅଧିକ ସରଳ ଓ ସଚେତନ ଜୀବନଚର୍ଯ୍ୟା ଆପଣାଇ ନେବା ଦ୍ୱାରା ତୁମେ ଦୈନନ୍ଦିନ ଜୀବନରେ ସୁଖ, ଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରିପାରିବ। ଅତଏବ ଏହାକୁ ଅନୁସରଣ କରିବା ଆମ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

ପ୍ରବୀର କୁମାର ପଟ୍ଟନାୟକ

### ଦ୍ୱିତୀୟ-ବୁଦ୍ଧ କଥା



ପୂର୍ବପ୍ରକାଶିତ ଉତ୍ତାରୁ...

ୟେଶେ ସୋଗ୍ୟାଲ୍: ତିବ୍ବତୀୟ କିମ୍ବଦନ୍ତୀ କୁହେ ତିବ୍ବତର ଏକ ଉପତ୍ୟକା ଜଣେ ଜମିଦାର ବା ସର୍ଦ୍ଦାରଙ୍କର ଦୈବୀକୃପାରୁ ଗୋଟିଏ କନ୍ୟାରତ୍ନ ଲାଭ ହୋଇଥିଲା। ଶିଶୁ ଅବସ୍ଥାରେ ଏହି କନ୍ୟା ଅତ୍ୟନ୍ତ ବୁଦ୍ଧିମତୀ ଥିଲେ। ସମସ୍ତପ୍ରକାର ବିଦ୍ୟା ଓ ଶାସ୍ତ୍ରମାନ ଖୁବ୍ ସହଜରେ ଓ ସଙ୍ଗେସଙ୍ଗେ ଆୟତ୍ତ କରିଦେଉଥିଲେ। ଷୋହଳ ବର୍ଷ ବୟସରେ ସେ ତିବ୍ବତର ରାଜା ଖ୍ରୀ-ସ୍ରନ୍‌ଙ୍କର ରାଣୀ ହୋଇଗଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ତାଙ୍କ ଦ୍ୱାରା ଦୀକ୍ଷିତ ହୋଇ ଶିଷ୍ୟା ହୋଇଗଲେ। ୟେଶେଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଦୈବୀକୃପା ବିନା ଅସମ୍ଭବ ଥିଲା। ୟେଶେଙ୍କୁ ଡାକିନୀ ଅବତାର କୁହାଯାଏ। ଷୋହଳ ବର୍ଷ ବୟସରେ ହିଁ ସେ ଗୁରୁ ପଦ୍ମସମ୍ଭବଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ତଥା ଘନିଷ୍ଠ ଓ ବିଶ୍ୱାସୀ ଶିଷ୍ୟା ହୋଇ ଯାଇଥିଲେ। ପଦ୍ମସମ୍ଭବଙ୍କର ପାଞ୍ଚଜଣ ଶିଷ୍ୟାଙ୍କ ମଧ୍ୟରେ ୟେଶେ ହିଁ ମୁଖ୍ୟ ଥିଲେ। ସେ ଥିଲେ ପଦ୍ମସମ୍ଭବଙ୍କର ସହକର୍ମୀ, ବ୍ୟକ୍ତିଗତ ସଚିବ ଓ ସହାୟିକା ଏବଂ ତାଙ୍କର ସମସ୍ତ ବ୍ୟାପାରର ପରିଚାଳିକା। ତାଙ୍କର ସ୍ମୃତିଶକ୍ତି ଏକ ଚମତ୍କାରିତାପୂର୍ଣ୍ଣ ଶକ୍ତିଭଳି କାମ କରୁଥିଲା। ସେ ଥରେ ଯାହା ଶୁଣି ଦେଉଥିଲେ ଚିରଦିନ ପାଇଁ ତାହାକୁ ମନେ ରଖି ଦେଉଥିଲେ। ପଦ୍ମସମ୍ଭବଙ୍କଠାରୁ କଥାଛଳରେ ସମସ୍ତ ତଥ୍ୟ ସଂଗ୍ରହ କରି ସେ 'ଗୁରୁଙ୍କ ଇତିହାସର ସୁବର୍ଣ୍ଣ ଜପମାଳା' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ତାହାକୁ ଲୁକ୍କାୟିତ ଭାବେ ନିରାପଦ ସ୍ଥାନରେ ରଖି ଯାଇଥିଲେ, ଯାହାକୁ ଗତ ପାଞ୍ଚ ଶହ ବର୍ଷ ପୂର୍ବେ ଆବିଷ୍କାର କରାଯାଇଛି।

ତିବ୍ବତରେ ବଜ୍ରଯାନ ହେଉଛି ମୁଖ୍ୟ ଧର୍ମ ଏବଂ ତାହାର ଧର୍ମଗ୍ରନ୍ଥମାନଙ୍କୁ ସମସ୍ତେ ପାଠକରି ଶିକ୍ଷାଲାଭ କରୁଥିଲେ। ମାତ୍ର ସମସ୍ତେ ମୁଖ୍ୟ ଭାବରେ ପରିଚାଳିତ ହେଉଥିଲେ ଗୁପ୍ତଶାସ୍ତ୍ରଗୁଡ଼ିକର ଫଳଦାୟିନୀ ଶକ୍ତି ଦ୍ୱାରା। ଏହି ଗୁପ୍ତଶାସ୍ତ୍ରଗୁଡ଼ିକର ମୁଖ୍ୟ ହେଲେ ଆଚାର୍ଯ୍ୟ ପଦ୍ମସମ୍ଭବ। ତାଙ୍କର ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ସେ ଧାର୍ମିକ ଦ୍ରବ୍ୟମାନ, ଶାସ୍ତ୍ରସବୁ, ବିଭିନ୍ନ ଧାର୍ମିକ ସଂପଦ, ବିଭିନ୍ନ ଅଲୌକିକ ଔଷଧୀୟ ଦ୍ରବ୍ୟ ତଥା ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ରମାନ। ଏସବୁକୁ ସେ ତିବ୍ବତ, ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିରାପଦ ସ୍ଥାନରେ ଗୁପ୍ତଭାବେ ଭବିଷ୍ୟତରେ ଶିଷ୍ୟମାନଙ୍କ ଆବଶ୍ୟକତା ଓ ବ୍ୟବହାର ପାଇଁ ୟେଶେ ସୋଗ୍ୟାଲଙ୍କ ସହାୟତା ତଥା ଜ୍ଞାତସାରରେ ଲୁକ୍କାୟିତ ଭାବେ ସାଇତି ରଖୁଥିଲେ।

ପଦ୍ମସମ୍ଭବଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାଣୀ, ଉପଦେଶ, ଶିକ୍ଷା ଓ ରହସ୍ୟମୟ ଗୁପ୍ତବିଦ୍ୟାସବୁ ଯାହା ୟେଶେଙ୍କୁ ଗୁରୁ କହୁଥିଲେ ବା ଅନ୍ୟଙ୍କୁ କହିବାର ଅଥବା ଶିକ୍ଷା ଦ୍ୱାରା ୟେଶେ ଜାଣୁଥିଲେ ସେସବୁକୁ ମଧ୍ୟ ଗୁପ୍ତ ଲିପି 'ଡାକିନୀ ଭାଷା'ରେ ଲିପିବଦ୍ଧ କରି ରଖୁଥିଲେ ଏବଂ ଏସବୁ ସହସ୍ର ସଂଖ୍ୟାରେ ପ୍ରସ୍ତୁତ କରି ଲୁକ୍କାୟିତ ଭାବେ ବିଭିନ୍ନ ସ୍ଥାନରେ ସାଇତି ରଖୁଥିଲେ ଅତ୍ୟନ୍ତ ନିରାପଦ ସ୍ଥାନମାନଙ୍କରେ। ୟେଶେଙ୍କର ଭାଇ ପାଲଗି, ଯେକି ଭାରତକୁ ଶିକ୍ଷା ଓ ତାଲିମ ପାଇଁ ତିବ୍ବତରୁ ପଦ୍ମସମ୍ଭବ ପଠାଇଥିବା ୧୦୮ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ, ଭାରତରୁ ଫେରିବା ପରେ ପଦ୍ମସମ୍ଭବ ତିବ୍ବତ ଓ ଅନ୍ୟ ଯେଉଁଆଡ଼େ ଯାଉଥିଲେ ତାଙ୍କ ସାଙ୍ଗରେ ଛାଇ ପରି ରହୁଥିଲେ। ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର 'ହୃଦୟର ସନ୍ତାନ' ଭାବେ ନିଜର ପରିଚୟ ହାସଲ କରିଥିଲେ। ଉଭୟ ୟେଶେ ଓ ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର ସବୁଠାରୁ ନିଜର ଥିଲେ ଏବଂ ତାଙ୍କର ସମସ୍ତ ବିଷୟ ବୁଝିବା ସହ ସମସ୍ତ ଗୋପନ ରହସ୍ୟ ମଧ୍ୟ ଜାଣି ପାରିଥିଲେ।

(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆରମ୍ଭ ହେଲା ରଥ ଭଙ୍ଗା

**ପ୍ରଥମେ ଭଙ୍ଗାଯାଉଛି ଦେବଦଳନ ରଥ**

ପୁରୀ,୨୨।୮ (ସମିସ): ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ରତ୍ନସିଂହାସନରେ ବିରାଜମାନ କରିଛନ୍ତି। ହେଲେ ଚତୁର୍ଦ୍ଧାବିଗ୍ରହ ଯାତ୍ରା କରିଥିବା ତିନିରଥ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିଲା। ଶୁକ୍ରବାରଠାରୁ ରଥଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଏହା ଭଙ୍ଗାଯାଉଛି। ଏଥିରେ ୯ ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି। ସକାଳେ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୋଇ ସେବକମାନେ ଲଡୁ ମାହାର୍ଦ୍ଦ ଓ ନଡ଼ିଆ ଆଣି ରଖିଥିଲେ। ଭୋଇ ସର୍ଦ୍ଦାର ରଥରେ ନଡ଼ିଆ ବାଡ଼େଇବା ପରେ ଆରମ୍ଭ ହୋଇଥିଲା ଭଙ୍ଗା କାମ। ଉପରଆଡୁ ରଥ ଭଙ୍ଗା ଯାଉଛି।

ପ୍ରଥମ ଦିନରେ ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ଡାଗ, କଇଁଚି, ପ୍ରଭା, ଚାରି ଦ୍ୱାର ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ଏହାକୁ ଠାକୁରଙ୍କ କୋଠଭୋଗ ଜାଳେଣି ପାଇଁ ବ୍ୟବହାର କରାଯିବ। ଦେବଦଳନ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ତେବେ ରଥଭଙ୍ଗା ସମୟରେ ବହୁ ଭକ୍ତ କାଠ ନେବା ପାଇଁ ନିବେଦନ କରନ୍ତି। ତେଣୁ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ରଥ ସମ୍ପୂର୍ଣ୍ଣ ଭଙ୍ଗାଯିବା ପରେ ସମସ୍ତ କାଠ ଶ୍ରୀମନ୍ଦିର ପ୍ରଶାସନର ଜିମା ଦିଆଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ, ଗୁଜ ଓ ଚକକୁ ଷ୍ଟୋର ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ। ଗତ ମାସ ୯ ତାରିଖରେ ତିନିରଥରୁ ସାରଥୀ, ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଚାରମାଳ, ଠେକରାବାଡକୁ ଭୋଇ ସେବକମାନେ ଖୋଲିଥିଲେ। ସାରଥୀଙ୍କୁ ଓହ୍ଲାଯାଇ ନରେନ୍ଦ୍ର ମହଲା ପରିସରରେ ରଖାଯାଇଛି। ସେହିପରି ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା ପ୍ରଭୃତି ବାଗେଡ଼ିଆ ଧର୍ମଶାଳା ପରିସରରେ ରଖାଯାଇଥିବା ବେଳେ ଘୋଡାଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ତେବେ ତିନିରଥ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ୧୨ ରୁ ୧୫ ଦିନ ଲାଗିବ।

## ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ଜଣ କୃତକାର୍ଯ୍ୟ

କଟକ, ୨୨।୮ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷାରେ ମୋଟ ୮୦୬ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସସି ୱେବସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ ଯାଞ୍ଚ ସହ ପର୍ସୋନାଲଟି ଟେଷ୍ଟ ପାଇଁ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଓପିଏସସି ମୁଖ୍ୟ କାର୍ଯ୍ୟାଳୟକୁ ଡକାଯିବ। ଆସନ୍ତା ସେପ୍ଟେମ୍ବର ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ।

## ସେପ୍ଟେମ୍ବର ୧୦ରୁ ଭୁବନେଶ୍ୱର ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶ୍ୱର,୨୨।୮ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନ କରିବେ। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା,ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସଂପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବା ସହ ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା କରାଯିବ।

**ସତ୍ୟପାଠ**

ଖୋର୍ଦ୍ଧାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତାରିଖ ୩୦/୦୬/୨୫ ରେ ଶପଥ ନେଇଥିବା ଏକ ସତ୍ୟପାଠ ନମ୍ବର-୨୦୦୩ ଅନୁଯାୟୀ, ମୁଁ ଅରୁଣ ସୁନ୍ଦରାୟ, ପିତା – ଭାସ୍କର ସୁନ୍ଦରାୟ, ସା/ପୋ-ଗଡମାଣିତିର, ଥାନା-ବେଗୁନିଆ, ପିନ୍-୭୫୨୦୬୨ ନିବାସୀ ଅଟେ। ମୋର ଆଧାର ନମ୍ବର-୬୩୮୦୩୯୬୬୬୧୧୪। ମୁଁ ମୋର ନାବାଳକ ଝିଅର ନାମ ଅନନ୍ୟା ସୁନ୍ଦରାୟ (ପୁରୁଣା ନାମ) ରୁ ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ପରିବର୍ତ୍ତନ କରି ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ରଖିଛି। ତେଣୁ ଉଭୟ ନାମ ଆଦ୍ୟାସ୍ମିତା ସୁନ୍ଦରାୟ ଏବଂ ଅନନ୍ୟା ସୁନ୍ଦରାୟ ଜଣେ ଏବଂ ସମାନ ବ୍ୟକ୍ତି ଯିଏ ଭବିଷ୍ୟତର ସମସ୍ତ କାର୍ଯ୍ୟ ପାଇଁ ଆଦ୍ୟାସ୍ମିତା ସୁନ୍ଦରାୟ ନାମରେ ପରିଚିତ ହେବେ। **ଅରୁଣ ସୁନ୍ଦରାୟ**

**AFFIDAVIT**

I, Shahenaj Akhtar, W/o.: Sardar Saukat Alli, resident of Plot No71/7, Near Ranasinghpur MOO Bus Stop Jadupur, Po-Dumduma, Housing board colony, Bhubaneswar, Dist-Khorda, Odisha, Pin-751019, Aadhar Card Number - 861122780202, Declare by this Affidavit No. 284/2025, 21/08/2025 that onwards I shall be known as **Shahenaz Akhatar** for all future purpose.

**SALE**

MARUTI TOUR S, Model - 2023, Registration No-OD-34-S-0093, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

## ୨୯ ତାରିଖରେ ସରକାରୀ ଛୁଟି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ୨୯ ଅଗଷ୍ଟକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଚଳିତବର୍ଷ ୨୮ ତାରିଖ ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାର ପରଦିନ ଅର୍ଥାତ୍ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦିଓ ଛୁଟି ସମ୍ପର୍କରେ କୌଣସି ବିଶେଷ କାରଣ ଜଣାପଡ଼ିନାହିଁ, ମାତ୍ର ନୂଆଁଖାଇ ପରଦିନ ଦୂରଦୂରାନ୍ତରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯୋଗଦେବା ନେଇ ପଶ୍ଚିମ ଓଡ଼ିଶାବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସମ୍ଭବତଃ ୨୯କୁ ଛୁଟି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା, ୨୨।୮ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବୀରସିଂ ହାଁସଦା (୬୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତା ନାବାଳିକାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଏହି ରାୟ ଶୁଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କାର ପୂର୍ବତନ...

ଭାବେ ଗିରଫ ହୋଇଛନ୍ତି। ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଛି। କିନ୍ତୁ ବିକ୍ରମସିଙ୍ଘେ ସବୁ ଅଭିଯୋଗକୁ ଭିତ୍ତିହୀନ ଓ ଅମୂଳକ ବୋଲି କହିଛନ୍ତି। ତାଙ୍କ ପତ୍ନୀ ନିଜ ଖର୍ଚ୍ଚରେ ଲଣ୍ଡନ ଗସ୍ତ କରିଥିଲେ ଓ ସେ ଏଥିପାଇଁ କୌଣସି ସରକାରୀ ଅର୍ଥର ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୦ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ରାନିଲ ୬ ଥର ଭିନ୍ନ ଭିନ୍ନ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ ସେ ୨୩ଥର ବିଦେଶ ଯାତ୍ରା କରିଛନ୍ତି। ଏଥିପାଇଁ ସରକାରୀ ପାଣ୍ଠିରୁ ଦୁଇ ମିଲିଅନ ଡଲାର ଅର୍ଥାତ ୧୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ୨୦୨୨ରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ସରକାର ବେଫିକର...

କର୍ମଚାରୀମାନଙ୍କୁ ଭୟଭୀତ କରାଇ ଛୁଟି ବାତିଲ କରିବା, ଦରମା ବନ୍ଦ କରିବା ଓ କାର୍ଯ୍ୟାନୁଷ୍ଠାନ ଭଳି ଚେତାବନୀ ଦେଇଛନ୍ତି। ଯାହା କର୍ମଚାରୀମାନଙ୍କୁ ଦାବି ପୂରଣ ଜିଦ୍‌ରେ ଆହୁରି ଅଟଳ କରିଛି। ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାର ସଂଘକୁ ଧମକ ଦେବା ପରିବର୍ତ୍ତେ ଆଲୋଚନା ପାଇଁ ଡାକିବା ଉଚିତ। ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। ଯେଉଁମାନେ ସେବା ପାଉନାହାନ୍ତି ସେମାନେ ଲୋକ ଓ ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ମଧ୍ୟ ଲୋକ। ତେଣୁ ଘରର ମୁରବୀ ହିସାବରେ ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସଂଘକୁ ଆଲୋଚନା ପାଇଁ ଡାକି ଏହାର ସମାଧାନ କରିବା ଉଚିତ। ଲୋକମାନେ ହଇରାଣ ହୁଅନ୍ତୁ, ଏହା ସଂଘ କେବେ ଚାହିଁନାହିଁ। ତେଣୁ ଲୋକଙ୍କୁ ସେବା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଆମ ହାତରେ କୌଣସି କ୍ଷମତା ନାହିଁ। ସରକାର ରାଜସ୍ୱ ଅମଲାମାନଙ୍କ ନ୍ୟାଯ୍ୟ ଦାବି ମାନି ନେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି ୧୦ ଦଫା ଦାବି ପୂରଣ ଲକ୍ଷ୍ୟରେ ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ପରେ ଜୁଲାଇ ୯ ତାରିଖ ଦିନ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ଏକ ମାସ ବିତିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ସହ ଖୋଦ୍ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଏହାପରେ ସଂଘ ନିଜ ଜିଦ୍‌ରେ ଅଟଳ ରହିବା ସହ ୧୨ ଦିନ ହେବ ସମୂହ ଛୁଟି ଆନ୍ଦୋଳନକୁ ବଳବତ୍ତର ରଖିଛି।

### ବନ୍ଧ୍ୟାକରଣ କରି...

କୁକୁରଙ୍କୁ ସାର୍ବଜନୀନ ସ୍ଥାନରେ ଖାଇବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ଏ ନେଇ ଅଲଗା ସ୍ଥାନ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଦିଲ୍ଲୀ ସମେତ ସାରା ଦେଶରେ କାର୍ଯ୍ୟକାରୀ ହେବ। କୁକୁରଙ୍କୁ ହଟାଇବା ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଆସିଥିବା ବ୍ୟକ୍ତି ଏବଂ ଏନ୍‌ଜିଓଙ୍କୁ ଯଥାକ୍ରମେ ୨୫ ହଜାର ଏବଂ ୨ ଲକ୍ଷ ଟଙ୍କା ଲେଖାଏଁ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ଭିତରେ ଅର୍ଥ ଜମା କରିବାକୁ କହିଛନ୍ତି। ଯଦି ଏପରି ନ କରନ୍ତି ତେବେ ମାମଲା ଶୁଣାଣିରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ। ଗତ ୧୧ ତାରିଖର ନିର୍ଦ୍ଦେଶକୁ ବିରୋଧ କରି ଅନେକ କୁକୁର ପ୍ରେମୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ। ଏବେ ସବୁ କୋର୍ଟରେ ଦାଏର ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ବୁଲୁ କୁକୁରଙ୍କୁ ପୋଷ୍ୟ କରିବା ପାଇଁ କୁକୁର ପ୍ରେମୀ ପୌର ନିଗମ ନିକଟରେ ଆବେଦନ ଦାଏର କରିପାରିବେ। କିନ୍ତୁ ପୋଷ୍ୟ କରି କୁକୁରକୁ ବାହାରକୁ ଛାଡ଼ିପାରିବେ ନାହିଁ। ଜଷ୍ଟିସ ବିକ୍ରମନାଥ କହିଛନ୍ତି ଯେ ବୁଲା କୁକୁରଙ୍କୁ ନେଇ ଜାତୀୟସ୍ତରୀୟ ନୀତି ପ୍ରସ୍ତୁତ କରିବା ଜରୁରୀ। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ୮ ସପ୍ତାହ ପରେ ଅକ୍ଟୋବରରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଆଧାର କାର୍ଡକୁ...

ଭୋଟରଙ୍କୁ ସହାୟତା କରିବା ପାଇଁ ଦଳଗୁଡିକ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ରାଜନୈତିକ ଦଳଙ୍କ ନିଷ୍କ୍ରିୟତା ବିଚଳିତ କରିଦେଉଛି। ରାଜ୍ୟର ୧୨ ଦଳଙ୍କ ମଧ୍ୟରୁ ମାତ୍ର ତିନୋଟି କୋର୍ଟକୁ ଆସିଛନ୍ତି। ଦଳଗୁଡିକର ୧.୬ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟ (ବିଏଲଏ) ହେବା ସତ୍ତ୍ୱେ କେବଳ ଦୁଇଟି ଆପତ୍ତି ଆସିଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏତେ ବିଏଲଏ ନିଯୁକ୍ତି ସତ୍ତ୍ୱେ ସାଧାରଣ ନାଗରିକ ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଏତେ ଦୂରତା କାହିଁକି? ଲୋକଙ୍କ ସହାୟତା ପାଇଁ ଦଳଗୁଡିକ ଆଗକୁ ଆସିବା ଦରକାର ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ କୋର୍ଟ ଇସିଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ରାଜ୍ୟର ୧୨ ମାନ୍ୟତା ପ୍ରାପ୍ତ ଦଳଙ୍କୁ ପକ୍ଷଭୂକ୍ତ କରିବାକୁ କହିଥିଲେ। ନାମ ହଟିଥିବା ଭୋଟରଙ୍କ ଆବେଦନ ଜମା କରିବା ପାଇଁ ବିଏଲଏଙ୍କୁ ରସିଦ ଦେବାକୁ କହିଥିଲେ।

### ନବୀନ ନିବାସରେ...

ଆଲୋଚନା କରିଛନ୍ତି। ଏହି ଅବସରରେ ଭି.କେ.ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି। ଗତ ଜୁନ୍ ମାସରେ ସର୍ଭିକାଲ ଆଥ୍ରାଇଟିସ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର କୋକିଳାବେନ୍ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରେମ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚିଥିଲେ ଓ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ନବୀନଙ୍କ ଚିକିତ୍ସା ପରେ ପ୍ରେମ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ରାଜ୍ୟବାସୀଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ନବୀନଙ୍କ ପ୍ରତି ରାଜ୍ୟବାସୀ ପ୍ରକଟ କରିଥିବା ଶ୍ରଦ୍ଧା ଓ ପ୍ରାର୍ଥନା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏବେ ଡ଼ିହାଇଡ୍ରେସନ ଜନିତ ଅସୁସ୍ଥତା ଖବର ପାଇ ପ୍ରେମ୍ ପଟ୍ଟନାୟକ ସାନଭାଇ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଆସିଥିବା କୁହାଯାଉଛି।

ସୁସ୍ଥ ହେବା ପରେ ନବୀନ ବର୍ତ୍ତମାନ ନବୀନ ନିବାସରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସେ ଡ଼ାକ୍ତରଖାନାରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଓ ବହୁ ବରିଷ୍ଠ ନେତାମାନେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ୫ ବର୍ଷରେ...

ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡ଼ିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗିକରଣ ପାଇଁ 'ପିଏମ୍ ଜନ ମନ ଯୋଜନା'ରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

### ସରକାରଙ୍କ ଗଳାରେ...

ଅନେକବାର ବନ୍ଦ, ଆନ୍ଦୋଳନ ପରେ ତତ୍‌କାଳୀନ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣି ଏନ୍‌ଏସି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ମଧ୍ୟ ଜଣାଇଥିଲେ। ହେଲେ ଏନ୍‌ଏସି ଖୁସି ଏବେ ମିଳାଇଯିବା ପରେ ପୁଣିଥରେ ସେମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ବର୍ତ୍ତମାନ ଯେଉଁ ଏନ୍‌ଏସି ରହିଛି, ସେଥି ମଧ୍ୟରୁ ୫ ଟି ଏନ୍‌ଏସିକୁ ମ୍ୟୁନସିପାଲଟିକୁ ଉନ୍ନୀତ କରାଯିବା ନେଇ ନବୀନ କରିଥିବା ଘୋଷଣା ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ।

ସମ୍ପ୍ରତି ଯେଉଁ ଆନ୍ଦୋଳନ ଦାନା ବାନ୍ଧୁଛି, ତାକୁ ଦଳମତ ନିର୍ବିଶେଷରେ ସହଯୋଗ ମିଳୁଛି। ଅନେକ ସଂଗଠନ ଏହି ଦାବିରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଜି ଜୟପାଟଣାରେ ବନ୍ଦ ଡାକରାକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ବିଜୁ ଜନତା ଦଳ ତରଫରୁ ଧାରଣା ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ଏନ୍‌ଏସି ଘୋଷଣା କହିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ତାକୁ ଅଣଦେଖା କରିଛନ୍ତି। ତେଣୁ ଏଠାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ସହ ଅଖ ଚକ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ କରି ଏହାକୁ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ସେହିପରି ବେଗୁନିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏଠାରେ ବନ୍ଦ ରହିଛି। ଗତ ବିଜେଡି ସରକାର ଅମଳରେ ବେଗୁନିଆକୁ ଏନଏସି ମାନ୍ୟତା ମିଳିଥିଲା। ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଅଭିସନ୍ଧି ରଖି ଏହାକୁ କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି କରି ଚଣ୍ଡିଖୋଲ ଛକରେ ବଡ଼ଚଣା ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଛି।

**PRAKASH CHANDRA MAHAPATRA HIGHER SECONDARY SCHOOL**
SURADA-761108, GANJAM, ODISHA

**JOB RECRUITMENT**

Applications from desirous candidates with full Bio-Data and Xerox copies of certificates, having requisite qualification for the following posts with a Bank Draft of Rs. 200/- (Two Hundred only) in favour of Principal, PCM Women's H.S School, Surada (GM.) Payable at SBI, Surada. From 25.08.2025 to 01.09.2025 through Speed Post/Regd. Post / By Hand to office address. This post is purely contractual in nature and age must be as per govt. rule.

**1. Lecturer in Odia (One Post) -** (Having minimum qualification 55% at PG level).

**N.B – Shortlisted candidates will call for interview on Dtd. 03.09.2025**

Sd/- Principal Cum Secretary
PCM W.H.S.S Surada Gm.

C-953

Phone: 0674 - 2431253
Fax : 0674 – 2432895
E_mail : info@bmc.gov.in
Web : bmc.gov.in

**BHUBANESWAR MUNICIPAL CORPORATION**
No. 41548/Date 21.08.2025

ଭୁବନେଶ୍ୱର ମହାନଗର ନିଗମର ପକ୍ଷରୁ ସାଧାରଣ ସୂଚନା

ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ ଦ୍ୱାରା ଜଣାଇ ଦିଆ ଯାଉଛି ଯେ; ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲଫେଆର ଆସୋସିଏସନ୍ (RWA) ଓ ବେସରକାରି ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲି ଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ, ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ। ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ-ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ। ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷ ରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି।

ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ

OIPR-13002/11/0243/2526

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** C-951
No. 10222 Dated 21/08/2025
Bid Identification No.: MC/RMC/33/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/33/2025 for 15 nos. Civil work with value of Rs. 2.49 lakh to 42.72 lakh.
1. Bid documents will be available in website www.tendersorissa.gov.in from 22.08.2025.
2. Bids must be submitted on "online" on or before 06.09.2025 by 17.00 hours.
3. Bids shall be opened at 11.00 hours on 08.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

OIPR-13131/11/0162/2526

Municipal Commissioner,
Rourkela Municipal Corporation

**AFFIDAVIT**

By virtue of an affidavit no-1124 dtd 19.08.2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.-Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 14.08.2025 I, Sabita Bhue , Address At/Po-Bagmunda, Ps- Larambha, Dist- Balangir, Odisha, Pin-767025 declare that I have changed my name from Sabita Nag to Sabita Bhue. Henceforth, I shall be known as Sabita Bhue for all purposes.
**Sabita Bhue**

**AFFIDAVIT**

By virtue of an Affidavit before Notary Public, Malkangiri, I, **Mudha Kabasi,** aged about 70 years, S/o.: Late Deba Kabasi, resident of Village: Rauliguda, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1314/2025, Dated:21/08/2025 that I have changed my name from Kabasi Muda to **Mudha Kabasi**. Henceforth I shall be known as "**Mudha Kabasi**" for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ELOP-T-10-2025

କାର୍ଯ୍ୟର ନାମ : ପାଞ୍ଚ ବର୍ଷ ଅବଧି ନିମନ୍ତେ MEMU କାର୍ ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ HYT/ପୁନେ ନିର୍ମିତ CNC ଅଣ୍ଡର ଫ୍ଲୋର ପିଟ୍ ହ୍ୱିଲ ଲେଦ୍ (Lathe) ମେସିନ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
ବିଜ୍ଞାପିତ ମୂଲ୍ୟ : ₹ 1,35,70,178/-, EMD : ₹ 2,17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 60 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.08.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.09.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼
PR-504/Q/25-26

**AFFIDAVIT**

By virtue of an affidavit before The Notary Public, Titilagarh, on dated- 19/08/2025. I, **Kamadhari Bagartti** (new name) formerly called as **Kanadhari Bagartti** (old name), S/o Bhagaban Bagartti, Permanent resident of At- Naren, P.O. Naren, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Kanadhari Bagartti** (old name) to **Kamadhari Bagartti** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kamadhari Bagartti** (new name).
**Kamadhari Bagartti**

**AFFIDAVIT**

By virtue of an affidavit before The Notary Public, Titilagarh, on dated-18/08/2025. I, **Keshab Ratei** (Applicant name), S/O- Jogi Ratei, Permanent resident of At- Burdipada (Bandupala), P.O. Desil, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Ispari Ratei** (old name) to **Iswari Ratei** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Iswari Ratei** (new name).
**Keshab Ratei**

**AFFIDAVIT**

I, SK Muktar Ali, aged about 58 years, S/o-Shaikh Khurshid Ali, resident of At- Biritol, PO-Rasulpur, Dist-Jagatsinghpur, PIN-754104, Odisha declared by this affidavit No. 1672, dtd- 19/08/2025 that now onwards I shall be known as **SHAIKH MUKHTAR ALI** for all future purposes.

**AFFIDAVIT**

I, Subhashree Nayak, aged about 32 years, W/o- Dilip Kumar Nayak, resident of At- Rout Sahi, PO-Budheswar Colony, PS-Laxmisagar, Bhubaneswar, Dist-Khurda, PIN- 751006, Odisha declared by this affidavit No. 1671, dtd-19/08/2025 that now onwards I shall be known as **SUBHASHREE MOHANTY** for all future purposes.

**AFFIDAVIT**

By virtue of an affidavit (CF No. 05) sworn before The Notary Public, Padampur, on dated-18/08/2025. I, **Tejash Sahu,** S/o- Dillip Sahu, permanent & current resident of At-Padampur (Bijayanagar), PO-Rajborasambar, PS- Padampur, DIst- Bargarh, PIN- 768036, Odisha declare that I have changed my name from **Sonu Sahu** (old name) to **Tejash Sahu** (new name). Henceforth, I shall be known as **Tejash Sahu** (new name) for all future purposes.
**Tejash Sahu**

**AFFIDAVIT**

By virtue of an affidavit (CF No. 01) sworn before The Executive Magistrate, Padampur, on dated-22/08/2025. I, **Tapa Barik,** W/o- Ballabh Barik, permanent & current resident of At-Ghesara, PO- Saplahar, PS-Jagadalpur, Dist- Bargarh, PIN-768036, Odisha declare that I have changed my name from **Ballav Barik** (old name) to **Tapa Barik** (new name). Henceforth, I shall be known as **Tapa Barik** (new name) for all future purposes.
**Tapa Barik**

**AFFIDAVIT**

I, Alok Kumar Pachisia, S/o-Bal Krishna Pachisia, At -Godavari enclave, Biju Patnaik Chhak, Opposite Sarala Bhawan, PO -Tulasipur, Dist -Cuttack, Pin -753008,Odisha,declare by this affidavit No -7322,dated-20.02.2016,that now onwards I shall be known as **ALOK PACHISIA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dtd-20/08/2025, affidavit No-11. My name and address is **Manoj Das** (Age 36 year), S/o-Tukuna Das, resident of At/Po: Gopalpur, Ps: Bhadreswar, Dist: Cuttack, Odisha the same name and adress is recorded in my Aadhar Card & Central Bank of India passbook A/c No: 3526613204 but my name and adress has been wrongly recorded as **Manoj Kumar Das**, At-Gangarampur, Po-Gunupur via-Jaria, Ps-Pattamundai, Dist-Kendrapada in my Postal SB Passbook A/c No: 6274871229. I declare that my self **Manoj Das,** At/Po-Gopalpur, PS-Bhadreswar, Dist-Cuttack and **Manoj Kumar Das,** At-Gangarampur, Po-Gunupur, Ps-Pattamundai, Dist-Kendrapada is one and same person for all purposes.

ସକାଳ THE SAKALA



# ବିପଦରେ ଜନଜୀବନ
# ଧ୍ୱଂସ ହେଉଛି ପାହାଡ଼, ଜଙ୍ଗଲ

ସଇଁତଲା, ୨୨।୮ (ସମିସ)

ସମ୍ପ୍ରତି ବିଶ୍ୱରେ ଦେଖା ଦେଇଥିବା ଗ୍ଲୋବାଲ ୱାର୍ମିଂ ସମସ୍ୟା ସମଗ୍ର ମାନବ ସମାଜ ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି। ବିପଦର ମୁକାବିଲା ପାଇଁ ଅନ୍ତର୍ଜାତୀୟ ସ୍ତରରେ ବହୁ ଗବେଷକ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ରୋକିବା ଉପରେ ମତପୋଷଣ କରିଆସୁଛନ୍ତି। ସରକାର ପ୍ରତି ବର୍ଷ ପ୍ରାକୃତିକ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ନୂତନ ବନୀକରଣ ସାଙ୍ଗକୁ ଅଧିକରୁ ଅଧିକ ମାତ୍ରାରେ ଚାରାରୋପଣ କରିବା ସକାଶେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି; ହେଲେ ଦୁଇ ଦଶନ୍ଧି ହେଲା ବିକାଶ ନାମରେ ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକର ବିଭିନ୍ନ ଜଙ୍ଗଲରେ ଅବାଧ ପଥର ବିସ୍ଫୋରଣ ହେଉଛି। ବେଆଇନ ଗଛକଟା ଯୋଗୁଁ ସଂରକ୍ଷିତ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଥିବାରୁ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଉଛି। ଏହାର କୁପରିଣାମ ସାଧାରଣ ଜନଜୀବନରେ ପରିଲକ୍ଷିତ ହୋଇଛି। ସଇଁତଲା ବ୍ଲକରେ ଭୂତଳ ଜଳ ପ୍ରତିବର୍ଷ ୧ ମିଟର ତଳକୁ ଖସୁଛି। ଏହାର ପ୍ରଭାବରେ ପାନୀୟଜଳ ଓ ଚାଷ ପାଇଁ ମଧ୍ୟ ଜଳ ସଙ୍କଟ ସୃଷ୍ଟି ହେଉଛି। ଯଦି ଏହି ଧାରା ଜାରି ରହେ ଆଗକୁ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ପରିବେଶବିତ୍ ସତର୍କ କରାଇ ସାରିଲେଣି। ଅବାଧ ବିସ୍ଫୋରଣ ଯୋଗୁଁ ଜଙ୍ଗଲ ଓ ବଡ ବଡ ପାହାଡ ଧ୍ୱଂସ ପାଇବା ସହ ସେହି ସ୍ଥାନଗୁଡିକରେ ପ୍ରାୟ

## ବିସ୍ଫୋରଣରେ ଗାଁ ଥର ହର

୪୦ରୁ ୫୦ ଫୁଟ ପର୍ଯ୍ୟନ୍ତ ଗଭୀର ଗର୍ତ୍ତ ସୃଷ୍ଟି ହେବାରେ ଲାଗିଛି। ଜଙ୍ଗଲ ମଧ୍ୟ ଦେଇ ଆସିଥିବା ନାଳ ଶୁଖିଲା ପଡୁଥିବାରୁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ବିଭିନ୍ନ ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି। ଦୂଷିତ ପାନୀୟ ଜଳ କିଡ୍‌ନୀ ରୋଗର ପ୍ରମୁଖ କାରଣ ହେଉଛି। ଭୂତଳ ଜଳ ଜଳ ପ୍ରଦୂଷିତ ହେବା ପଛରେ ପଥର ବିସ୍ଫୋରଣ ପ୍ରମୁଖ କାରଣ ହୋଇଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି; କିନ୍ତୁ ବ୍ଲ ପ୍ରଶାସନ ଦୃଷ୍ଟି ନ ଦେବାରୁ ଅସନ୍ତୋଷ ଦେଖା ଦେଇଛି। ଅଣଦେଖା କରୁଥିବାରୁ ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତରେ ଥିବା କ୍ରସର ଓ ସଇଁତଲା ବ୍ଲକ ସୀମାନ୍ତରେ ଥିବା ବହଳି କ୍ରସରରୁ ନିର୍ଗତ ପଥରଗୁଣ୍ଡ ପାଇଁ ପରିବେଶ ଧ୍ୱଂସ ହୋଇଗଲାଣି। ଲୋକଙ୍କ ଚାଷ ଜମି ନଷ୍ଟ ହେଛି। ନିଃଶ୍ୱାସ ପ୍ରଶ୍ୱାସରେ ପଥରଗୁଣ୍ଡ ଯାଇ ଲୋକେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ସୂଚନା ଅଧିକାର ଆଇନ ବଳରେ ସୂଚନା ପାଇଁ ଆବେଦ ବଦନ କଲେ ଉଦ୍ଦେଶ୍ୟମୂଳକ ଭାବେ ତଥ୍ୟ ପ୍ରଦାନ କରାଯାଉ ନ ଥିବା ଅନେକ ନଜର ରହିଛି। ବେଆଇନ ବିସ୍ଫୋରଣ ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବା ସହ ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଛି। ପରିବେଶ ନଷ୍ଟ ହୋଇ ତାପମାତ୍ରା ବୃଦ୍ଧି ପାଉଥିବାରୁ ଆଗକୁ ଏହା ବିନାଶର କାରଣ ହେବ ବୋଲି ମତ ପ୍ରକାଶ ପାଇଛି।

## ପୁଅର ପତ୍ତା ମିଳୁନି, ବାପା ଥାନାର ଦ୍ୱାରସ୍ଥ

ଲାଞ୍ଜିଗଡ଼, ୨୨।୮ (ସମିସ): ଭେଣ୍ଡିଆ ପୁଅ ନିଖୋଜ ହେବାର ପ୍ରାୟ ୭ ଦିନ ହେଲାଣି କୌଣସି ପତ୍ତା ମିଳୁନାହିଁ। ପରିବାରଲୋକେ ନିଜ ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟ ତଥା ଆଖପାଖ ଅଞ୍ଚଳରେ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳୁନାହିଁ। ଏନେଇ ଗୁରୁବାର ବାପା ଧନ ହରିଜନ ବିଜେପୁର ଥାନାର ଦ୍ୱାରସ୍ତ ହୋଇଛନ୍ତି। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଲିଟିବଣ୍ଡେଲ ଗାଁର ଧନ ହରିଜନଙ୍କ ପୁଅ ଦେବେନ୍ଦ୍ର ହରିଜନ (୨୩) ଗତ ୮.୮.୨୦୨୫ ତାରିଖ ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ଘରୁ ବାହାରି ଯାଇଥିଲେ। ନିଖୋଜ ଦେବେନ୍ଦ୍ରଙ୍କ ବାପା କହିବା



ମୁତାବକ ଗତ ଦୁଇ ବର୍ଷ ପୂର୍ବେ ତାଙ୍କ ପୁଅ କିଛି ମାତ୍ରାରେ ପାଗଳ ପରି ହେଉଥିଲେ କିନ୍ତୁ ଯୁଆଡେ ଗଲେ ବି ଘରକୁ ଫେରୁଥିଲେ। କିନ୍ତୁ ପରିତାରାପ ବିଷୟ ୮ ତାରିଖରୁ ଘରୁ ଯାଇ ଆଉ ଫେରିନି। ଶେଷରେ ବିଜେପୁର ଥାନାରେ ଦ୍ୱାରସ୍ତ ହୋଇ ପୁଅକୁ ଖୋଜିବାରେ ସାହାଯ୍ୟ କରିବାକୁ ପୁଲିସ ପ୍ରଶାସନକୁ ଗୁହାରି କରିଛନ୍ତି। ଏନେଇ ବିଜେପୁର ଥାନାରେ ମିସିଙ୍ଗ କେଶ ନମ୍ବର ୧/୨୫ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ଏସ୍‌ଆଇ ଶ୍ୟାମ କୁଲୁଷିକା ସୂଚନା ଦେଇଛନ୍ତି।

## ଜଗନ୍ନାଥ ସେବା ସମିତି ପକ୍ଷରୁ ଶାଢ଼ୀ ବଣ୍ଟନ

ମ.ରାମପୁର, ୨୨।୮ (ସମିସ): କଳାହାଣ୍ଡି ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ତରଫରୁ ଆଜି ମ.ରାମପୁର ବ୍ଲକ ଉର୍ଲାଦାନୀ ସହୀଦ ରେଣ୍ଡୋ ମାଝୀ ସ୍ମୃତି ପୀଠ ପରିସରରେ ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଖାଇ ଭେଟି ଅବସରରେ ଶାଢ଼ୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଆଗ୍ରହ କ୍ରମେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନୀତ ଅତିଥି ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ସାମ୍ବାଦିକ ତଥା ଜଗନ୍ନାଥ ସେବା ସମିତି ଭବାନୀପାଟଣା ଉପଖଣ୍ଡ ସଭାପତି କିଶୋର କୁମାର ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ସେବା ସମିତି ତରଫରୁ ଗୌରୀ ଶଙ୍କର ରାୟଗୁରୁ, ବିରଜା ପ୍ରସାଦ ପଣ୍ଡା, ମ.ରାମପୁର ପ୍ରେସ କ୍ଲବ୍ ସଭାପତି ପ୍ରଶାନ୍ତ ସାମନ୍ତରା, ସମିତି ସଭ୍ୟା ମନସ୍ୱିନୀ ରଣା ଉପସ୍ଥିତ ଥିଲେ। ସାମ୍ବାଦିକ ହେମନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଉର୍ଲାଦନୀ ପଞ୍ଚାୟତର ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ରଣା, ଗୌରୀ ପାତ୍ର, କୃଷ୍ଣ ସିଂ ମାଝୀ, ଅଞ୍ଚଳର ଯୁବବର୍ଗ ସହଯୋଗ କରିଥିଲେ।

## ନିରାଶ୍ରୟଙ୍କୁ ବସ୍ତ୍ର ବାଣ୍ଟିଲେ

କୋକସରା, ୨୨।୮ (ସମିସ): କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଉପଖଣ୍ଡର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଶୁକ୍ରବାର ଗରିବ ନିରାଶ୍ରୟମହିଳାଙ୍କୁ କୋକସରା ବ୍ଲକ ଆମପାଣି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଥିବା ବିରିମୁହାଁଣ, ଆନ୍ଧି ଝରଣ, ଟିର୍ଲିଆମ, କାଦୋମଳି, ଛକପଡ଼ା, ଗାଇବନ୍ଧା ଓ ବରାଡ଼ଙ୍ଗା ପଞ୍ଚାୟତର ନୂଆଗାଁ, ପିଣାପଦର, ଝୁଲେନବର ଆଦି ଗ୍ରାମରେ ଧର୍ମଗଡ଼ ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର, ମଣ୍ଡଳ ସମ୍ପାଦକ ତୁଲାରାମ ନାଏକ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସନ୍ତୋଷ ମାଝି, ଚକ୍ରଧର ବେଶ୍ରା ସମେତ ଜଗନ୍ନାଥ ସେବା ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ଶାଢ଼ୀ ବଣ୍ଟନ କରିଛନ୍ତି। ଗଣପର୍ବ ନୂଆଁଖାଇ ପୂର୍ବରୁ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାରରୁ ଉଜାର ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଡାଇରିଆ ସମ୍ପର୍କିତ କର୍ମଶାଳା

ଭବାନୀପାଟଣା, ୨୨।୮ (ସମିସ): ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନର ମିଳିତ ସହଯୋଗରେ ଭବାନୀପାଟଣା ସଦର ବ୍ଲକ ଗୋବରା ପ୍ରାଥମିକ ବିଦ୍ୟାଳୟରେ ଶରୀର ପାଇଁ ଖାଦ୍ୟ ଓ ପାନୀୟ ହିଁ ଡାଇରିଆର ମୂଳ କାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ପ୍ରଭାତୀ ମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଳ କୁମାର ଷଡଙ୍ଗୀ ଯୋଗଦେଇ ଖାଦ୍ୟ ଅତିସାର୍ ଏବଂ ବିଷାକ୍ତର କାରଣ ଓ ନିର୍ଜଳୀକରଣରୁ କିପରି ପିଲାମାନେ ନିଜକୁ ନିବୃତ୍ତ ରଖି ଚାଲିବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁନ୍ୟା ୧୦୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରମୁଖ ସହଯୋଗ କରିଥିଲେ। ରାମକି ସଂସ୍ଥାର କଳାହାଣ୍ଡିର ମୁଖ୍ୟ, ଜୋତ୍ସ୍ନା ରାଣୀ ବେହେରା, ପଙ୍କଜିନି ରଣା, ନିତୁ ନାୟକ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତ ଥିଲେ। ଶେଷରେ ସହଯୋଗୀ ଶିକ୍ଷକ ମଳୟ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଲାମୁଣ୍ଡାରେ କଂଗ୍ରେସର ସାଂଗଠନିକ ବୈଠକ

ଧର୍ମଗଡ଼/ଗୋଲାମୁଣ୍ଡା, ୨୨।୮ (ସମିସ): ଗୋଲାମୁଣ୍ଡା ନିକଟସ୍ଥ ତୁମୁରା ଧାନମଣ୍ଡିରେ କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ନଉକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଲୋକସଭା ପ୍ରାର୍ଥୀନୀ ଦ୍ରୋପଦୀ ମାଝୀ, ପିସିସି ସମ୍ପାଦକ ତୁଲେଶ୍ୱର ନାଏକ, ପିସିସି ଏସସି ସେଲ ସମ୍ପାଦକ ସାଉଳ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ନରହରି ବାଗ, ସହଦେବ ମାଝୀ, ଜୟରାମ ସୁନା ପ୍ରମୁଖ ମଞ୍ଚାସିନ ରହି ଆଗାମୀ ଦିନରେ କଂଗ୍ରେସ ଦଳକୁ କିପରି ମଜବୁତ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ବ୍ଲକ କଂଗ୍ରେସ କମିଟି ସଭାପତି ଚୟନ କରାଯାଇଥିଲେ ସଭାପତି ଚୟନ ହୋଇ ନପାରିବାରୁ ଉପସ୍ଥିତ କର୍ମୀଙ୍କ ମଧ୍ୟରେ ୯ ଜଣଙ୍କ ନାମ ଜିଲ୍ଲା କମିଟିକୁ ପଠାଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୋମେଶ୍ୱର ମୁନି, ଜଗୁ ପ୍ରସାଦ ରାଉତ, ଲବଜି ପୁଟେଲ, ଶରତ ଭୋଇ, କୁରୁକ୍ଷେତ୍ର ବନ୍ଦିଛୋଡ, ଅନିଲ ମଲ୍ଲିକ, ଲମ୍ବୁ ଜାଲଙ୍କ ସମେତ ୨୮ ଟି ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

ଧର୍ମଗଡ଼/ଗୋଲାମୁଣ୍ଡା, ୨୨।୮ (ସମିସ): ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରାବସ୍ଥା ହିଁ ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସଫଳ ରୂପ ଦେବାର ପ୍ରକୃଷ୍ଟ ସମୟ ବୋଲି ମତପୋଷଣ କରିବା ସହ ନିଜ ଛାତ୍ରାବସ୍ଥାର ଅନୁଭବ ଓ ଅନୁଭୂତି ପ୍ରକାଶ କରିଥିଲେ। ସମାରୋହରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ନବୀନ ଚନ୍ଦ୍ର ମେହେର




ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିକାଶ ରଞ୍ଜନ ନାଏକ ଛାତ୍ରଛାତ୍ରୀଙ୍କ ବିଷୟ ଚୟନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୋବିନ୍ଦ ସାହୁ ମଞ୍ଚ ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଶିକ୍ଷାନୀତିର ଉପଯୋଗୀତା ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନର ନୂତନ ପ୍ରୟାସ 'ମିଶନ ଆକାଂକ୍ଷା' ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନବକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳତା ପାଇଁ ଅଧ୍ୟାପକ ସଞ୍ଜୟ କୁମାର ପାଇଟଲ, ହରେକୃଷ୍ଣ ମେହେର, ସୁଶୀଳା ରାଉତ, ଝରଣା ମେହେର, ସମା ପରବିନ, ଲକ୍ଷ୍ମଣ କୁମାର ସାହୁ, ଉଦ୍ଧବ ନାଏକ, ମୁକେଶ କୁମାର ସାହୁ, ଶଙ୍କର ମେହେର, ତପନଜିତ ବାଗ, ଲସବ ସେଠୀଆ, ଫିରୋଜ ରାଉତ, ଦକ୍ଷା ଦେବୀ ସାହୁ, ମୁରଲୀଧର ସାହୁ, ଘେନୁରାମ ମାଝୀ, ପ୍ରେମଲାଲ ନାଏକ, ଗଣପତି ଚଳାନ, ବସବ ସେଠୀଆ, ଜିତେନ୍ଦ୍ର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

କେସିଙ୍ଗା, ୨୨।୮ (ସମିସ): କେସିଙ୍ଗା ବ୍ଲକର ଲଇତରା ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲଇତରା ଠାରେ କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ସି ଆର ସି ସି ତପନ କୁମାର ଦାଶ



ଙ୍କ ତତ୍ତ୍?ାବଧାନରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ଲଇତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଅତିଥି ମାନଙ୍କ ମଧ୍ୟରେ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତଥା ଡୁମେରମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଦୋରା, ଲଇତରା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚନ୍ଦ୍ରମଣି ସ୍ୱାଇଁ, ଲଇତରା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିମାଇ ଚରଣ ଭୋଇ, ପୂର୍ବତନ ଛାତ୍ର ତଥା ସମାଜସେବୀ ସଞ୍ଜୀବ ଗୋଡ ଉପସ୍ଥିତ ଥିଲେ। ପ୍ରଥମେ କୁଶ ଚନ୍ଦ୍ର ସାହୁ ସ୍?ାଗତ ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏହି ଶିକ୍ଷା ସଭା ରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଚୂଡ଼ାମଣି ମହଲା, ରୋହିତ ପୋଡ଼, ଧନିଷ୍ଠ ସୁନା, ବିଷ୍ଣୁ ଭାଟି, ଶିକ୍ଷୟିତ୍ରୀ ସାବିତ୍ରୀ ଦେଇ, ଡୁମେରମୁଣ୍ଡା ଏସ ଏମ ସି ର ସଭାପତି ଜମାଲାର୍ଜୁନ ସାହୁ, ଅଭିଭାବକ ଗଣ, ପୂର୍ବତନ ଛାତ୍ର ଛାତ୍ରୀ ଗଣ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ। ଲଇତରା ବିଦ୍ୟାଳୟର ଭାନୁମତୀ ଚୌହାନ, ନଳିନୀ ନାଗ, ଶ୍ରୀମତୀ ପ୍ରମିଳା ମାଝି, ଶିକ୍ଷକ ତାପସ ମହଲା, ବଗ୍ରୁ ନାଏକ ଉପସ୍ଥିତ ଥିଲେ। ଶେଷରେ ମାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଶବର ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

## ରାଜ୍ୟ ବିଜେପି ସଭାପତିଙ୍କ କଳାହାଣ୍ଡି ଗସ୍ତକୁ ନେଇ ପ୍ରସ୍ତୁତି

ଭବାନୀପାଟଣା, ୨୨।୮ (ସମିସ): ଆସନ୍ତା ୨୬ ତାରିଖରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରଥମ କଳାହାଣ୍ଡି ଗସ୍ତ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ରାଜ୍ୟ ସଭାପତିଙ୍କ ଆଗମନକୁ ନେଇ ବିଭିନ୍ନ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।



ସୂଚନା ମୁତାବକ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କଳାହାଣ୍ଡି ପ୍ରବେଶ ପଥ ଅମାଠ ଛକରେ ଭବ୍ୟ ସ୍ୱାଗତ କରାଯିବା ସହ କେସିଙ୍ଗା, ପାଷ୍ଟିକୁଡ଼ି ଓ ଭବାନୀପାଟଣା ଲାଲ ପୁଲିଆ ଠାରୁ ବାଇକ୍ ରାଲିରେ ସହର ପରିକ୍ରମା କରି ଭବାନୀପାଟଣା ଟାଉନ ହଲରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟ ସମାପ୍ତି ପରେ ଭବାନୀପାଟଣା ସର୍କିଟ ହାଉସରେ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ ପରେ ରାତ୍ରିଯାପନ କରିବେ ଓ ୨୭ ତାରିଖ ଦିନ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକର୍ତ୍ତା ବୈଠକକୁ ସମ୍ବୋଧିତ କରିବେ। କଳାହାଣ୍ଡି ସାଂଗଠନିକ ୪୧ଟି ମଣ୍ଡଳରୁ ବୁଥସ୍ତରର କାର୍ଯ୍ୟକର୍ତ୍ତାଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସଫଳ କରିବା ପାଇଁ ଜିଲ୍ଲା ସଭାପତି ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରସ୍ତୁତି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ଉପ ସଭାପତି ପ୍ରଶାନ୍ତ ସାହୁ, ମୁକେଶ ଅଗ୍ରୱାଲ, ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝୀ, ମୋନୋଜ ମେହେର, ଧର୍ମଗଡ଼ ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ପୂର୍ବତନ ନଗର ସଭାପତି ସନ୍ତୋଷ ବିଶି, ଜିଲ୍ଲା ସମ୍ପାଦକ ସତ୍ୟ ବେହେରା, ବରିଷ୍ଠ ନେତା ଭାରତ ଦେଓ, ଭବାନୀପାଟଣା ନଗର ସଭାପତି ଚିତ୍ତ ରଞ୍ଜନ ପାତ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟଜ୍ୟୋତି ମୁଣ୍ଡ, ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ହିମାଂଶୁ ବିଶ୍ୱାଳ, ଅଙ୍କୁର ହରପାଲ୍, ରାକେଶ ଶର୍ମା, ମାନସ ଜେନା, ପବିତ୍ର ନାଏକ, ସ୍ମିତ୍ ବେହେରା ଙ୍କ ସମତେ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

● ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷକାମ ପ୍ରଭାବିତ

## ସଇଁତଲା ବ୍ଲକ୍‌ରେ ମରୁଡ଼ିର ପଦଧ୍ୱନୀ

ସଇଁତଲା, ୨୨।୮ (ସମିସ): ଚଳିତ ବର୍ଷ ଶ୍ରାବଣ ମାସ ଶେଷ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ଚାଷଜମି, ବନ୍ଧ, ନାଳ, କ୍ଷୁଦ୍ର ଜଳସେଚନ ପଏଣ୍ଟରେ ପାଣି ନାହିଁ। ଏହାଫଳରେ ଧାନ ଚାଷ ବହୁତ ପ୍ରଭାବିତ ହୋଇଛି। ସଇଁତଲା ବ୍ଲକରେ ଚଳିତ ଖରିପ ଚାଷ ପାଇଁ ଆବଶ୍ୟକ ଅନୁଯାୟୀ ମୌସୁମୀ ବର୍ଷା ହୋଇ ନ ଥିବାରୁ ଚାଷ କାମରେ ବହୁତ ସମସ୍ୟା ଦେଖାଦେଇଛି। ବିଭିନ୍ନ ପଞ୍ଚାୟତରେ କିଛି ବାହାଳ ଜମିକୁ ଛାଡିଦେଲେ ବାକି ଜମିରେ ରୁଆ ବେଉଷଣ ମଧ୍ୟ ହୋଇପାରିନାହିଁ। ବ୍ଲକର ସଇଁତଲା, କୁମ୍ଭାରୀ, କରମତଲା, ଟିକ୍ରାପଡ଼ା, ଧରପଗଡ଼, ଘୁନସର, କେରମେଲି, ଗଣ୍ଡପତରାପାଲି, କଂସର ପ୍ରମୁଖ ପଞ୍ଚାୟତ ଅଞ୍ଚଳରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷ କାମରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳୁଛି। ଅଞ୍ଚଳର ଚାଷୀକୁଳ ହତାଶ ହୋଇ ଆକାଶକୁ ଚାହିଁ ରହିଛନ୍ତି। ଆଗକୁ ବର୍ଷା ହେଲେ ମଧ୍ୟ ସମ୍ପୂର୍ଣ୍ଣ ଚାଷ ହୋଇପାରିବ ନାହିଁ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି। ଜମିରେ ଧାନ ତଳି ସବୁ ବୁଢା ହୋଇଗଲାଣି। ପ୍ରାୟ ବ୍ଲକର ସମସ୍ତ ଅଞ୍ଚଳରେ ୭୦ ପ୍ରତିଶତ ଚାଷ ଜମି ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳୁଛି। ସେହିପରି ସ୍ୱଳ୍ପ କିଛି ଜମିରେ ରୁଆ ବେଉଷଣ ହୋଇଥିବା ଜମି ଗୁଡିକରେ ଧାନ ଗଛ ମରିବାକୁ ବସିଲାଣି ବୋଲି ସଇଁତଲା ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଶାସନ ତଦନ୍ତ କରି ସରକାରଙ୍କ ତରଫରୁ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ସହ ପଡ଼ିଆ ପଡ଼ିଥିବା ଜମିରେ କିପରି ଡାଲିଜାତୀୟ ଫସଲ କରାଯାଇପାରିବ ସେ ନେଇ ବ୍ୟବସ୍ଥା କରିବାକୁ କୃଷକ ସଂଗଠନ ଦାବି କରିଛନ୍ତି।

## ସୁରକ୍ଷିତ ସଫେଇ କାର୍ଯ୍ୟ ପାଇଁ ଆଲୋଚନାଚକ୍ର



କେସିଙ୍ଗା, ୨୨।୮ (ସମିସ): କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପାରିଷଦ ଦ୍ୱାରା ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି କେସିଙ୍ଗାର ସରପଞ୍ଚ, ସମିତି ସଭ୍ୟ ସ, ବିଜ୍ଞାପିତ ଅଞ୍ଚଳ ପାରିଷଦ କେସିଙ୍ଗାର ପାରିଷଦ ବୃନ୍ଦ, ଅଧ୍ୟକ୍ଷ, ଉପାଧ୍ୟକ୍ଷା, ସ୍ୱଚ୍ଛସାଥୀ, ସୁପରଭାଇସର ଏବଂ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ରହି ମଳ ଉପଚାର କେନ୍ଦ୍ରର ପରିଦର୍ଶନ କରିଥିଲେ। ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ ନୃପରାଜ୍ ଯାଦବ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ର ବିଷୟବସ୍ତୁ ଥିଲା ପାଇଖାନା ଟାଙ୍କି ସଫା କରିବା ସମୟରେ ଶେଷପୁଲ ଗାଡ଼ିର ବ୍ୟବହାର, ପାଇଖାନା ଟାଙ୍କି ସଫା କରିବା ସମୟରେ ପଞ୍ଜୀକୃତ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ସୁରକ୍ଷା ଉପକରଣ ବ୍ୟବହାର କରିବା ସମ୍ବନ୍ଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ମେହେର ସମାଜ ପକ୍ଷରୁ ଚାରୋପଣ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା, ୨୨।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲିମସେର ଖେଳପଡ଼ିଆ ଠାରେ ଲିମସେର ଗ୍ରାମ୍ୟ ମେହେର (ଭୁଲିଆ) ଯୁବା ମଞ୍ଚ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଯୁବ ମଞ୍ଚ ସଭାପତି ଗୋପାଳ ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲିମସେର ସମାଜ ସଭାପତି ଅତୁଲ୍ୟ ମେହେର, ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ମେହେର,



ବରିଷ୍ଠ ସଦଶ୍ୟା ସରୋଜିନୀ ମେହେର, ଲିମସେର ଯୁବା ମଞ୍ଚର ସକ୍ରିୟ ସଦସ୍ୟ ଭିଷ୍ମରଥି ମେହେର, ସୁବାସ ମେହେର, ଅମିତ୍ ମେହେର, ରବି ମେହେର, ନୃପରାଜ୍ ମେହେର, ପ୍ରେମ୍ ଲାଲ୍ ମେହେର, ଭାଗିରଥି ମେହେର, ଅରକ୍ଷିତ ମେହେର, ସୁନିଲ ମେହେର, ବିଘ୍ନରାଜ ମେହେର ତଥା ଯୁବା ମଞ୍ଚର ଅନ୍ୟ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଯୁବା ମଞ୍ଚ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଯୁବାମଞ୍ଚ ସଭାପତି ଗୋପାଳ ଚନ୍ଦ୍ର ମେହେର ମତବ୍ୟକ୍ତ କରିଥିଲେ।

## କଳାହାଣ୍ଡିର ୩ ଏନ୍‌ଏସି ଘୋଷଣା ପାଇଁ ଦାବି



ଭବାନୀପାଟଣା, ୨୨।୮ (ସମିସ): ରାଜ୍ୟରେ ୧୨ଟି ଏନ୍‌ଏସି ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ଦୁଃଖ ଓ ପରିତାପର ବିଷୟ ସେଥିରେ କଳାହାଣ୍ଡି ଜିଲ୍ଲାର ୩ ପ୍ରସ୍ତାବିତ ଏନ୍‌ଏସି ସ୍ଥାନ ପାଇନାହିଁ। ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକଙ୍କ ନେତୃତ୍ୱରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ ଜରିଆରେ ପ୍ରଦାନ କରାଯାଇଛି। କଳାହାଣ୍ଡିର ନର୍ଲା, ମଦନପୁର ରାମପୁର ଓ ଜୟପାଟଣାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ହେବାକୁ ବହୁ ବର୍ଷ ଧରି ଦାବି ହୋଇ ଆସୁଛି। ଗତ ସରକାର ଅମଳରେ ୩ଟି ସ୍ଥାନକୁ ଏନ୍‌ଏସି ଗଠନ ପାଇଁ ସରକାର ଘୋଷଣା କରିଥିଲେ। ଜିଲ୍ଲାବାସୀଙ୍କ ଆଶା ଥିଲା ନୂଆ ସରକାର ଏଥିପ୍ରତି ଗୁରୁତ୍ୱ ଦେବେ କିନ୍ତୁ ନିକଟ ଅତୀତ ରେ ରାଜ୍ୟ ସରକାର ଘୋଷଣା କର ଥିବା ତାଲିକାରେ ୩ଟି ସହରର ନାମ ନ ଥିବାରୁ ଲୋକଙ୍କ ମଧ୍ୟରେ ନୈରାଶ ଦେଖାଦେଇଛି। ମଦନପୁର ରାମପୁର ଓ ଜୟପାଟଣା ଗଡ଼ଜାତ ଅମଳରୁ ଗୁରୁତ୍ୱ ବହନ କରିଆସୁଛି ଓ ପଡୋଶୀ ଜିଲ୍ଲାରୁ ଉଭୟ ସହର କଳାହାଣ୍ଡିର ପ୍ରବେଶ ପଥ ଭାବେ ପରିଚିତ। ଜନସଂଖ୍ୟା ଓ ଆବଶ୍ୟକ ଭିତ୍ତିଭୂମି ଦୃଷ୍ଟିରୁ ମଧ୍ୟ ଏହା ସମସ୍ତ ମାପକାଠି ପୂରଣ କରୁଛି। ରେଳ ଯୋଗାଯୋଗ ସହିତ ରାଜ୍ୟ ରାଜପଥ ସଂଯୋଗ କରୁଥିବା ନର୍ଲା ବ୍ଲକ ମହକୁମା ସମେତ ଆଖପାଖ ଅଞ୍ଚଳକୁ ନେଇ ନର୍ଲା ଏନ୍‌ଏସି ଗଠନ ସକାଶେ ପୂର୍ବ ସରକାର ଘୋଷଣା କରିଥିଲେ। କଳାହାଣ୍ଡିର ୩ ସହରକୁ ଏନଏସି ମାନ୍ୟତା ଦେବାକୁ ବିବେକ ସେନା ତରଫରୁ ଦାବି କରାଯାଇଛି। ସରକାର ତୁରନ୍ତ ନିଷ୍ପତ୍ତି ନ ନେଲେ ଜନ ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଧନମନ୍ତ ବେମାଲ, ଯୋଗେଶ ନାଏକ, ଅମର ଲାଲ, ବୃଷଭ ଦାସ ସମେତ ବିବେକସେନା ର ବହୁ ବରିଷ୍ଠ ସଦଶ୍ୟ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଆତ୍ମନିର୍ଭରଶୀଳ କରିଛି ବିଦେଶୀ ପନିପରିବା

ବୌଦ୍ଧ, ୨୨।୮ (ସମିସ)

ଆର୍ଥିକ ପ୍ରଗତି କ୍ଷେତ୍ରରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କହିଲେ ଭୁଲ ହେବ ନାହିଁ; ହେଲେ ଆଜିର ଯୁବପିଢି କୃଷି କ୍ଷେତ୍ରକୁ ଯିବା କି ଚାଷକୁ ବେଉସା ଭାବେ ଆପଣାଇବାକୁ କୁଣ୍ଠାବୋଧ କରୁଛନ୍ତି। ବୌଦ୍ଧ ଜିଲ୍ଲାର ଘାସିରାମ ନାମକ ଜଣେ ଯୁବକ କିନ୍ତୁ ନିଜର କର୍ତ୍ତବ୍ୟନିଷ୍ଠା ଆଉ ଅଧ୍ୟବସାୟ ଫଳରେ ସଫଳତା ହାସଲ କରିପାରିଛନ୍ତି। ଜଣେ ସଫଳ ଚାଷୀ ଭାବରେ ସେ ସବୁଠି ସେ ଜଣାଶୁଣା। ପାରମ୍ପାରିକ ଧାନ ଚାଷ ସହ ଅନ୍ୟାନ୍ୟ ବିଦେଶୀ ପନିପରିବା ଚାଷ କରି ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବୌଦ୍ଧ ଜିଲ୍ଲାର ଛାତନିଆକଟା ଗ୍ରାମର ଚାଷୀ ଘାସିରାମ ପ୍ରଧାନ ୧୨ ବର୍ଷ ଧରି ଧାନ ଚାଷ କରିଆସୁଥିଲେ। ପରେ ଜୈବିକ ଚାଷରଗୁରୁତ୍ୱବୁଝିବାପରେସେଥିପ୍ରତିଆକୃଷ୍ଟ ହୋଇ ସେ ଧୀରେ ଧୀରେ ଜୈବିକ ଚାଷରେ



ତାଙ୍କର ଅଭ୍ୟାସକୁ ପରିବର୍ତ୍ତନ କରିଥିଲେ। ଏହି କ୍ଷେତ୍ରରୁ ଅଧିକ ଲାଭ ଆଶାରେ କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ ପକ୍ଷରୁ ପ୍ରଶିକ୍ଷଣ ହାସଲ କରି ପନିପରିବା ଚାଷ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଛୋଟ ସ୍ତରରେ ନର୍ସରୀ ଆରମ୍ଭ କରିଥିଲେ। ଏବେ ନିଜର ଜ୍ଞାନ କୌଶଳ ଏବଂ ଆଧୁନିକ ଚାଷ ପ୍ରଣାଳୀକୁ ଆପଣାଇ ସେ ନିଜ ୪ ଏକର ଜାଗାରେ ବର୍ଷସାରା ବିଭିନ୍ନ ପ୍ରକାର ବିଦେଶୀ ପନିପରିବା ଯେମିତିକି ବ୍ରୋକୋଲି, କାରୋଟିନା, ଭାଲେଣ୍ଟେନା, ଲାଲ ବନ୍ଧାକୋବି, ପାକଚୋଇ, ଚାଇନିଜ୍ ବନ୍ଧାବୋକି ଇତ୍ୟାଦି ଚାଷ କରୁଛନ୍ତି। ବର୍ଷସାରା ସେ ଫୁଲକୋବି ଚାଷରୁ ୧.୩ ଲକ୍ଷ ଟଙ୍କା, ବିନେଶୀ ପନିପରିବା ଚାଷରୁ ପ୍ରାୟ ୪୯ ହଜାର ଟଙ୍କା ଆୟ କରୁଛନ୍ତି। ତାଙ୍କ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଜୈବିକ ଭିତ୍ତିକ ହୋଇଥିବାରୁ ବଜାରରେ ଭଲ ମୂଲ୍ୟ ମିଳୁଛି। ତାଙ୍କ ପ୍ରେରଣାରେ ଅନେକ ଚାଷୀ ଏବେ ବିଦେଶୀ ପନିପରିବା ଚାଷ କରୁଛନ୍ତି। ପୂର୍ବରୁ ସେମାନେ ଏ ବିଷୟରେ ଅନଭିଜ୍ଞ ଥିଲେ; ହେଲେ ଏବେ ଜୈବିକ ଚାଷର ଗୁରୁତ୍ୱ ବୁଝିପାରିଛନ୍ତି। ଜୈବିକ ଚାଷ କୃଷକଙ୍କ ଉତ୍ପାଦନ ବୃଦ୍ଧି କରିବା ସହିତ ରୋଗପୋକ ନିୟନ୍ତ୍ରଣ ଏବଂ ଜଳବାୟୁ ଅନୁକୂଳ। ମୋଟାମୋଟି ଭାବେ ସାମାଜିକ ଉନ୍ନତି ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ନିଜେ ଆତ୍ମନିର୍ଭରଶୀଳ ହେବା ସଙ୍ଗେସଙ୍ଗେ ଅନେକ ଗ୍ରାମୀଣ ଯୁବକଙ୍କୁ ତାଙ୍କ ଫାର୍ମରେ ନିଯୁକ୍ତି ଦେବା ସହ ସ୍ୱଚ୍ଛଳ ଜୀବନଯାପନ କରିବାର ଉଦାହରଣ ପାଲଟିଛନ୍ତି। ବୌଦ୍ଧ ଓ ହରଭଙ୍ଗା ବ୍ଲକର ୭୨ ଜଣ ଗ୍ରାମୀଣ ଯୁବକଙ୍କୁ ପ୍ରେରଣା ଦେବା ସହ ବିଦେଶୀ ପନିପରିବା ଉପରେ ଉଦ୍ୟୋଗୀ କାର୍ଯ୍ୟକଳାପ ଗ୍ରହଣ କରିବା ପାଇଁ ଉତ୍ସାହିତ କରିଛନ୍ତି। ଅନ୍ୟମାନଙ୍କୁ ନିଜର ଅଭିଜ୍ଞତା, ଜ୍ଞାନ ଓ ଦକ୍ଷତା ପ୍ରଦାନ କରି ଜଣେ ପ୍ରଗତିଶୀଳ ଚାଷୀ ଭାବରେ ଆଜି ସେ ଜିଲ୍ଲାଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଚାଷ ପ୍ରଣାଳୀ କେବଳ ଯୁବକମାନଙ୍କୁ ନୁହେଁ, ଗ୍ରାମୀଣ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିବାରେ ସକ୍ଷମ କରିଛି।

# ଲକ୍ଷ୍ମୀପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରାସ୍ତା ଶୋଚନୀୟ



ଶଗଡା,୨୨।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଢିପଦର ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ବର୍ଷା ଦିନେ ଏହି ରାସ୍ତା ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି ହୋଇ ଯାଏ। ଛାତ୍ରଛାତ୍ରୀ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯିବା ଆସିବା ସମୟରେ ଅନେକ ଛାତ୍ରଛାତ୍ରୀ ପଡି ଖଣ୍ଡିଆଖାବର ଅବା ପାଣିକାଦୁଅ ହୋଇଥାନ୍ତି। ବହିପତ୍ର ଭିଜି ଯାଏ। ଖୁବ ଶୀଘ୍ର ଏହି ରାସ୍ତା ମରାମତି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କଣ୍ଟାମାଳ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଖଡ଼ଦଙ୍ଗ ଶବରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ନୂଆପଡା,୨୨।୮ (ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ଶୁକ୍ରବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଳିମାଟି ସ୍କୁଲ କମିଟି ପରିଚାଳନା ତରଫରୁ ବରିଷ୍ଠ ଶିକ୍ଷକ ଖଡ଼ଦଙ୍ଗ ଶବରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ନବୀନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଲୁ ସାହୁ, ବିଭୁତି ଭୂଷଣ ପଣ୍ଡା, ଅଜିତ ମେହେର, ମନୋଜ କୁମାର ପାଣ୍ଡେଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କାଳିମାଟି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନୀଳାମ୍ବର ଶବର ମଞ୍ଚ ପରିଚାଳନା କରିଥିଲେ। ସଭାରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ, ୱାର୍ଡ ମେମ୍ବର, ଏସଏମସି ସଭ୍ୟ ସଭ୍ୟା ମଧ୍ୟ ଉପସ୍ଥିତ ଥିଲେ।



# ପରିବନ୍ଧ ଗାଁ ରାସ୍ତା ଶୋଚନୀୟ

ମନମୁଣ୍ଡା,୨୨।୮ (ସମିସ)

କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ପରିବନ୍ଧ ଗ୍ରାମର ଲୋକେ ବର୍ଷା ଦିନ ଆରମ୍ଭ ହେଲେ ପ୍ରତିବର୍ଷ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମରେ ୫୫୦ ଲୋକ ବସବାସ କରୁଥିବା ବେଳେ ପ୍ରଶାସନର ଏହି ଗ୍ରାମ ପ୍ରତି ଅବହେଳା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କାଦୁଅ ସରସରରେ ଗାଁକୁ ଯିବା ଆସିବା କରୁଥିବା ସାଧାରଣ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ହାଇସ୍କୁଲ ପାଠ ପଢିବା ପାଇଁ ପାଖରେ ସୁବିଧା ନ ଥିବା କାରଣରୁ ଗାଁଠାରୁ ୬ କିଲୋମିଟର ଦୂର ଦପଲା ହାଇସ୍କୁଲକୁ ପଢିବାକୁ ଯାଆନ୍ତି। କିନ୍ତୁ ଗାଁଠାରୁ ବାହାରିଲେ ଦୁଇ(୨) କି.ମି. ବାଟ କାଦୁଅ ଭିତରେ ସାଇକିଲ୍ ଗଡାଇ ଗଡାଇ ଗଲାପରେ ଯାଇ ଭଲ ରାସ୍ତାରେ ପହଞ୍ଚି ଯିବା ଆସିବା କରିପାରନ୍ତି। ଠିକ୍ ସେହିପରି ପଞ୍ଚାୟତକୁ ଚାଉଳ, ଭତା ଆଣିବା ପାଇଁ ଯାଉଥିବା ବୁଢାବୁଢି କିମ୍ବା ଦୈନନ୍ଦିନ ବିଭିନ୍ନ କାମରେ ବାହାରକୁ ଯିବାଆସିବା କରୁଥିବା ଲୋକ ମଧ୍ୟ କାଦୁଅ ସରସର ଭିତରେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଯିବା ଆସିବା କରୁଛନ୍ତି। ବର୍ଷା ଋତୁ ଆରମ୍ଭ ହେଲେ ଆଉ ଚାରି ମାସ ଯାଏ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେ ନାହିଁ ଫଳରେ ଗାଁର ଲୋକ ଦୁଇ ଚକିଆ ଯାନରେ କିଛି ବାଟ ଆସିବା ପରେ ଆମ୍ବୁଲାନ୍ସ ସେବା ପାଇ ପାରନ୍ତି ଯାହାକି ରୋଗୀ ମାନଙ୍କ ପାଇଁ ଆହୁରି ଦୁଃଖ ଉପରେ ଲଳିତା ବିଡା ସଦୃଶ ହୋଇପଡେ। ଗାଁ ସ୍କୁଲର ହାରାହାରି ୨୫ ରୁ ୩୦ ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରେ ପାସ୍ କରୁଥିବାବେଳେ ରାସ୍ତାର ନାହିଁ ନ ଥିବା ଅସୁବିଧା କାରଣରୁ ସମସ୍ତେ ଗାଁଠାରୁ ଛଅ କି.ମି. ଦୂର ହାଇସ୍କୁଲରେ ନାମ ଲେଖାଇଲେ ମଧ୍ୟ ପଢିବାକୁ ଯିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ କେତେକ ଛାତ୍ରଛାତ୍ରୀ ପାଠ ପଢ଼ି ଯିବାକୁ ମନ କରୁ ନାହାନ୍ତି। ଏହି ବିଷୟରେ ଗ୍ରାମର ଲୋକମାନେ ବାରମ୍ବାର ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜେଇ, ଗ୍ରାମସେବକ ଅଧିକାରୀ, ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ପ୍ରଶାସନ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଏକ ସବୁଦିନିଆ ବାଟ ଫିଟାଇବାକୁ ସାଧାରଣରେ ଦାବି ହେଉଛି।



# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ବିନିକା,୨୨।୮ (ସମିସ): ବିନିକା ସ୍ପୋର୍ଟ୍ସ କ୍ଲବ୍‌ଠାରେ ଶୁକ୍ରବାର ଭୀମଭୋଇ ସେବା ଫାଉଣ୍ଡେସନ ବିନିକା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ସମାଜସେବିକା ଶ୍ୟାମାଦେବୀ ଅଗ୍ରୱାଲା, ସାମାଜିକ କର୍ମୀ ତଥା ପୂର୍ବତନ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୭ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଅସ୍ତ୍ରୋପ୍ରଚାର ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସାମାଜିକ କର୍ମୀ ରାମଗୋପାଳ ବାଘଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଡା. ଆଦର୍ଶ ରଶ୍ମୀ ରଞ୍ଜନ ଦାସ, ଡିପିଏ ଧର୍ମରାଜ ନାଏକ, ଧର୍ମୁ ମହାନନ୍ଦ, ଟେକନିସିଆନ୍ ଚନ୍ଦ୍ରଶେଖର ନନ୍ଦ, ସୌମ୍ୟରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ କଳିରୁ ବିଷପିଇ ଯୁବକଙ୍କ ଆତ୍ମହତ୍ୟା



ସୁବଳୟା,୨୨।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବହଳପଦର ପଞ୍ଚାୟତ ଅମରପାଲି ଗାଁର ନାରାୟଣ ମାଝୀଙ୍କ ମଝିଆ ପୁଅ ପ୍ରଶାନ୍ତ ମାଝୀ (୩୫) ଘରୋଇ କଳିକୁ ନେଇ ବିଷ ପିଇ ଜୀବନ ହାରିଛନ୍ତି। ପରିବାର ଲୋକେ ତାଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ଜିଲ୍ଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତଙ୍କ ବଡ଼ ଝିଅକୁ ଏବେ ମାତ୍ର ୩ବର୍ଷ। ସେହିଭଳି ସାନ ଝିଅକୁ ଦେଢ଼ ବର୍ଷ। ତାଙ୍କ ସ୍ତ୍ରୀ ଏବେ ପୁଣି ଗର୍ଭବତୀ ଅଛନ୍ତି। ଏହି ଘଟଣା ପରେ ତାଙ୍କ ତାଙ୍କ ସ୍ତ୍ରୀ ପିଲାଙ୍କ ଭବିଷ୍ୟତ ଓ ପରିବାର ଚଳଣିକୁ ନେଇ ଭାଙ୍ଗି ପଡିଛନ୍ତି।

# ରାସ୍ତା ଉପରେ ଝୁଲୁଛି ବିଦ୍ୟୁତ୍ ତାର



ଶଗଡା,୨୨।୮ (ସମିସ): ସରକାର ବିପଦମୁକ୍ତ ବିଦ୍ୟୁତ ଯୋଗାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏଥି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ସମୟରେ ବିଦ୍ୟୁତଜନିତ ଦୁର୍ଘଟଣା ଘଟିବା ସହ ଅନେକ ଧନଜୀବନ ହାନି ହେଉଥିବାର ନଜିର ରହିଛି। ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ଗ୍ରାମରେ ଏଭଳି ଏକ ବିଭାଗୀୟ ଅବହେଳାର ଚିତ୍ର ଦେଖିବାକୁ ମିଳିଛି। ଗାଁକୁ ଯାଇଥିବା ବିଦ୍ୟୁତ୍ ତାର କମ ଉଚ୍ଚତାରେ ଝୁଲୁଛି। ଏହି ତାରକୁ ନିର୍ଦ୍ଧାରିତ ଉଚ୍ଚତାରେ ଟାଣିବା ପାଇଁ ଗ୍ରାମବାସୀ ଅନେକ ଥର ବିଭାଗୀୟ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

● ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# କଠିନ ପରିଶ୍ରମ ହିଁ ସଫଳତା ଆଣିଦିଏ



ସୁବଳୟା,୨୨।୮ (ସମିସ): ବୀରମହାରାଜପୁର ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁଶେଖର ପାଢ଼ୀ ସଭାପତି ଭାବରେ ଯୋଗଦେଇ ଓଡ଼ିଆ ସାହିତ୍ୟର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଇଂରାଜୀ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ ଜୀବନରେ ସାହିତ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ପ୍ରକାଶ କୁମାର ସେଠ୍, ଅଧ୍ୟାପକ ସଞ୍ଜୟ ପ୍ରଧାନ, ଅଧ୍ୟାପିକା ଯାମିନୀ ଦାଶ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ଓ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟ ଜୀବନ ଦିଏ, କଠୋର ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ସଫଳତା ଆଣିଦେଇଥାଏ ବୋଲି ବକ୍ତାମାନେ କହିଥିଲେ। ଯୁକ୍ତତିନି ଶେଷବର୍ଷ ଛାତ୍ରୀ ସୃଜନିକା ପଣ୍ଡା ସଭା ସଂଯୋଜନା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ। ଚନ୍ଦ୍ରିକା କର୍ଣ୍ଣ, ନିହାରିକା କର୍ଣ୍ଣ, ଆଶିଷ ଜଗଦଲା, ଉମାଶଙ୍କର ହରିପାଲ, ପୂର୍ଣ୍ଣିମା ମେଣ୍ଡଲି, ପିଙ୍କି ମେହେର, ସୁଷମା, ସ୍ୱସ୍ତିକା ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

# ଅସ୍ଥାୟୀ ବନକର୍ମଚାରୀ ସଂଘ ପକ୍ଷରୁ ଡିଏଫଓଙ୍କୁ ୮ ଦଫା ଦାବିପତ୍ର

ନୂଆପଡା/ଖଡ଼ିଆଳ,୨୨।୮ (ସମିସ): ୮ ଦଫା ଦାବି ପୂରଣ ନେଇ ଅସ୍ଥାୟୀ ବନକର୍ମଚାରୀ ସଂଘ ଖଡ଼ିଆଳ ପକ୍ଷରୁ ଶୁକ୍ରବାର ଖଡ଼ିଆଳ ବନଖଣ୍ଡଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅସ୍ଥାୟୀ ବନ କର୍ମଚାରୀ ସଂଘର ସମ୍ପାଦକ ସାଗର ଠେଲାଙ୍କ ନେତୃତ୍ୱରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବନକର୍ମଚାରୀ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଜିଲ୍ଲାରେ କାର୍ଯ୍ୟରତ ବନ୍ୟଜନ୍ତୁ ସ୍କ୍ୱାର୍ଡମାନଙ୍କ ବକେୟା ୪ ମାସର ଦରମା ତୁରନ୍ତ ପ୍ରଦାନ କରିବା ସହ ସମସ୍ତଙ୍କୁ ସମାନ ୟୁନିଫର୍ମ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସମ୍ପାଦକ ସାଗର ଠେଲାଙ୍କ ସମେତ ସଭାପତି ତ୍ରିନାଥ ତାଣ୍ଡି, ଉପସଭାପତି ସୁରେଶ ରଏତି, ସୁଧୀର ନିଆଲ, ମୁକେଶ ନାଗ, ବିଦ୍ୟାଧର ବାଗ, ଭ୍ରମର ବାଗ, ଶଙ୍କର ମାଝୀ, କେଦାର ମାଝୀ ଓ ଚୁଡ଼ା ବାଗ ପ୍ରମୁଖ ଉପସ୍ଥିତ ଥିଲେ।




# କଣ୍ଟାମାଳ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଚାରାରୋପଣ

ପଲଶାଗୋରା,୨୨।୮ (ସମିସ): ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ଚାରାରୋପଣ ସହିତ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ପଞ୍ଚାୟତ କଲେଜ ପରିସରରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଶ୍ୱେତପଦ୍ମା ଯୋଷୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ସଭା କଲେଜରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସମୀର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ବସନ୍ତ ପଟ୍ଟନାୟକ, ବ୍ୟାଙ୍କ ଶାଖା ପରିଚାଳକ ତୁଷାରକାନ୍ତ ସାହୁ ଯୋଗ ଦେଇ ଗ୍ଲୋବାଲ ୱାର୍ମିଂ ସମ୍ପର୍କରେ କହିବା ସହ ବ୍ୟାପକ ଚାରାରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, କଲେଜ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ପଲଶାଗୋରା,୨୨।୮ (ସମିସ): ଓଡିଶା ମଟର ଚାଳକ ସଙ୍ଘ ପଲଶାଗୋରା ଶାଖା ତରଫରୁ ପଲଶାଗୋରାର ଡ୍ରାଇଭର ସ୍ୱର୍ଗତ ପ୍ରବୀର ସାହୁଙ୍କ ପରିବାରକୁ ନଗଦ ୨୩ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ ସମୟରେ ସଙ୍ଘର ପ୍ରଫୁଲ୍ଲ ପୁରୋହିତ, ଭାଗୀରଥି ମଲ୍ଲିକ, ବିକ୍ରମ ପଣ୍ଡା, ରଞ୍ଜନ ପଣ୍ଡା, ଶଙ୍କର ମହାକୁଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଜଣାଶୁଣାଣି ଶିବିର

ଶଗଡା,୨୨।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସମ୍ମିଳନୀ କକ୍ଷରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ବିନୟ ଭୋଇ, କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ବ୍ଲକର ସମସ୍ତ ଯନ୍ତ୍ରୀ, କଣ୍ଟାମାଳ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗାଁ ସାଥି, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଆର୍ଥିକ ବର୍ଷ ୨୦୨୪-୨୫ରେ ହୋଇଥିବା ସମସ୍ତ ମନରେଗା କାର୍ଯ୍ୟର ସମୀକ୍ଷା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧିତ ଅଭିଯୋଗ ସହ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା। ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତଙ୍କ ମତାମତ ନିଆଯାଇଥିବା ଜଣାପଡ଼ିଛି।

# ଅଧିକରୁ ଅଧିକ ମାଛ ଚାଷ କରି ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୨।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମତ୍ସ୍ୟଚାଷ ଉପରେ ଗୁରୁବାର ସଂଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ମତ୍ସ୍ୟଚାଷ ଉପରେ ସେ ଗୁରୁତ୍ୱ ଦେଇ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବୌଦ୍ଧରେ ବହୁତ ବନ୍ଧ ଥିବାରୁ ଚାଷୀମାନେ ଯେପରି ମାଛ ଚାଷ ଅଧିକରୁ ଅଧିକ କରି ଲାଭବାନ୍ ହୋଇପାରିବେ ସେଥିଲାଗି ସମସ୍ତ ବିଡିଓଙ୍କୁ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ସମସ୍ତ ବିଡିଓ, ସମସ୍ତ ତହସିଲଦାର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ

ବୀରମହାରାଜପୁର,୨୨।୮ (ସମିସ): ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କର୍ମକର୍ତ୍ତାମାନେ ଆସନ୍ତା ୪ ବର୍ଷ ପାଇଁ କାର୍ଯ୍ୟ କରିବେ। ପ୍ରଥମେ ମହାସଂଘ ପରିଚାଳନା ପାଇଁ ଏକ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା। କମିଟିର ସଦସ୍ୟମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ଶ୍ରୀଧର ବେହେରାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ସଞ୍ଜୟ କୁମାର ମେହେର, କିଶୋର ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମେହେର, ଶ୍ରୀକାନ୍ତ କୁମାର ନାୟକ, ଅନୀଲ କୁମାର ମହାପାତ୍ର ଉପସଭାପତି ଭାବେ ନିର୍ବାଚିତ ହେବାସହିତ ସାଧାରଣ ସମ୍ପାଦକ ବିଜୟ କୁମାର ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ମନୋନୀତ ହୋଇଛନ୍ତି। ପ୍ରତାପ କୁମାର ଦାସ, ପ୍ରକାଶ ଚନ୍ଦ୍ର ଦାସ, ବିଶ୍ୱନାଥ ଦାସ, ସୁବାସ ଚନ୍ଦ୍ର ସାହୁ, ସହଦେବ ମେହେର ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ମିଲନ୍ କୁମାର ମେହେର ଏବଂ ତତ୍ ସହିତ ସହ-ସମ୍ପାଦକ ଭାବେ ଗୋବିନ୍ଦ ସାହୁ, ଶରତ ଚନ୍ଦ୍ର ଦାସ, ଗଂଜନ କୁମାର ପାତ୍ର, ପ୍ରଭାସ ଚନ୍ଦ୍ର ନାୟକ ଓ ଶ୍ରୀନିବାସ ମହାପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

ଏହି ମହାସଂଘକୁ ଦିଗ୍‌ଦର୍ଶନ ଦେବାପାଇଁ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଗୋବର୍ଦ୍ଧନ ପଣିକା, ଓଡ଼ିଶାର ବିଶିଷ୍ଟ ସମବାୟବିତ୍ ଜଜ୍ଞେଶ୍ୱର ବାବୁ, ରାଜ୍ୟ ବିଜେପି ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ଏବଂ ବରିଷ୍ଠ ବୁଣାକାର ଧ୍ରୁବଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ପ୍ରଦୀପ କୁମାର ବର୍ଦ୍ଧନ, ଅର୍ଜୁନ କଟୁଆଳ, ହୃଦାନନ୍ଦ ରାଉତ, ଶଙ୍କର ବେହେରା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଗାମୀ ଦିନରେ ବୁଣାକାର ମହାସଂଘକୁ ଶକ୍ତିଶାଳୀ କରି ଗଢିବାକୁ ନୂତନ କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି।



# ବନୀକରଣ ଦୁର୍ନୀତିକୁ ଲୁଚାଇବାକୁ ବିଭାଗୀୟ ପ୍ରୟାସ

ଶଗଡା,୨୨।୮ (ସମିସ): ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଖମାଖିଆଲି ମନୋଭାବ ଯୋଗୁଁ ସରକାରୀ ଅର୍ଥର ଦୁରୁପଯୋଗ ହେବା ସହ ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯୋଗିନ୍ଦ୍ରପୁର ପଞ୍ଚାୟତ ବାନ୍ଧନଝୁଲି ଗ୍ରାମରେ। ଉକ୍ତ ଗ୍ରାମରେ ବନୀକରଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହେବା ପରେ ଏସିଏଫ ମିନାକ୍ଷୀ କୁମୁରା, ମନମୁଣ୍ଡା ରେଞ୍ଜର ଶ୍ରୀବତ୍ସ କୁମୁରା ଗ୍ରାମକୁ ଆସି ବନୀକରଣର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅନେକ ଶ୍ରମିକ ଟଙ୍କା ପାଇ ନ ଥିବା ନେଇ ଫରେଷ୍ଟର ଙ୍କ ନିକଟରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଏସିଏଫ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପରିବର୍ତ୍ତେ ଅବଶିଷ୍ଟ ଗଛ ସବୁ ଲଗାଇବାକୁ ଫରେଷ୍ଟରଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଦୁର୍ନୀତିର ତଦନ୍ତ ପରିବର୍ତ୍ତେ ଘଟଣାକୁ ଲୁଚାଇବାକୁ ଗଛ ଲଗାଇବାକୁ କହିବା ଏସିଏଫଙ୍କ ତଦନ୍ତର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ମହାଦୁର୍ନୀତିରେ ତଳୁ ଉପର ପର୍ଯ୍ୟନ୍ତ ସମ୍ପୃକ୍ତି ଥିବା ଏହି ତଦନ୍ତରୁ ସ୍ପଷ୍ଟ ହେଉଛି। ଗତବର୍ଷ ମନମୁଣ୍ଡା ଫରେଷ୍ଟ ସେକ୍ସନ ପକ୍ଷରୁ ମନରେଗା ଯୋଜନାରେ ବାନ୍ଧନଝୁଲି ଗ୍ରାମ୍ୟ ଜଙ୍ଗଲର ୫ଟି ସ୍ଥାନରେ ୨ ହେକ୍ଟର ଲେଖାଏଁ ମୋଟ ୧୦ ହେକ୍ଟରରେ ୫ ହଜାର ଲେଖାଏଁ ୨୫ ହଜାର ଚାରା ଲଗାଇବାର ନିର୍ଦ୍ଦେଶ ରହିଥିଲା। ୩ ବର୍ଷ ପର୍ଯ୍ୟନ୍ତ ଏହାର ତଦାରଖ ପାଇଁ ମୋଟ ୧ କୋଟି ୩ ଲକ୍ଷ ୭୪ ହଜାର ୯୫୦ ଟଙ୍କା ବ୍ୟୟ ବରାଦ ହୋଇଛି। ହେଲେ ବର୍ତ୍ତମାନ ଉକ୍ତ ବନୀକରଣ ଗୁଡିକ ଦେଖିଲେ ପାଖାପାଖି ୨୨୦୦ ଗଛ ରହିଥିବା ଦେଖିବାକୁ ମିଳିଛି। ଆଉ ବାକି ଗଛର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ଏହି ୧୦ ହେକ୍ଟରରେ ଚାରାରୋପଣ ପାଇଁ ମୋଟ ୨୨ ଲକ୍ଷ ୩୧ ହଜାର ୮୪୨ ଟଙ୍କା ବନ ବିଭାଗ ମଷ୍ଟରରୋଲ ଦ୍ୱାରା ଖର୍ଚ୍ଚ କରି ସାରିଲାଣି। ମନରେଗା ଯୋଜନାର ଗାଇଡ଼ଲାଇନ ଅନୁସାରେ ଗ୍ରାମସଭା କରି କାର୍ଯ୍ୟାରମ୍ଭ କରିବା କଥା, କିନ୍ତୁ ଆଇନକୁ ବେଖାତିର କରି ବିନା ଗ୍ରାମସଭାରେ ସ୍ଥାନୀୟ ଯୋଗୀନ୍ଦ୍ରପୁର ପଞ୍ଚାୟତର କୌଣସି ଗୋଟିଏ ବି ଶ୍ରମିକଙ୍କୁ ବନୀକରଣରେ ନିୟୋଜିତ କରି ନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯେଉଁମାନେ ଶ୍ରମିକ କାମ କରନ୍ତି ନାହିଁ ସେଭଳି ଲୋକ ତୁଣ୍ଡୁମାଲ, ରତାଖଣ୍ଡି, ଖଲିଆପାଲି, କାପାସିରା, ଦମାମୁଣ୍ଡା ଆଦି ଗ୍ରାମର ଲୋକଙ୍କ ନାମରେ ମନରେଗା ଯୋଜନା ଅର୍ଥ ଜମା ହୋଇଥିବା ସାଧାରଣ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗଛ ନ ଲଗାଇ ଏତେ ଟଙ୍କା କିଭଳି ଉଠାଣ ସମ୍ଭବ ହେଲା ତାହା ତଦନ୍ତ ସାପେକ୍ଷ। ତଦନ୍ତ ସମ୍ପର୍କରେ ଏସିଏଫ ମିନାକ୍ଷୀ କୁମୁରାଙ୍କୁ ଫୋନ କରିଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ। ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତଙ୍କୁ ପଚାରିବାରୁ ଏସିଏଫଙ୍କ ତଦନ୍ତ ରିପୋର୍ଟ ସନ୍ତୋଷଜନକ ନ ହେଲେ ମୁଁ ନିଜେ ତଦନ୍ତ କରିବି ବୋଲି କହିଥିଲେ।



# ଅଧିକ ଗଛ ଲଗାଇବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ




ବୌଦ୍ଧ,୨୨।୮ (ସମିସ): ବୌଦ୍ଧ ଜିଲ୍ଲାରେ ୧ ଲକ୍ଷ ୭୭ ହଜାର ୩୦୦ ଗଛ ଲଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ତେବେ ତାଠାରୁ ଅଧିକ ଗଛ ଲଗାଇବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ 'ଏକ୍ ପେଡ୍ ମା କି ନାମ ପର' କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏହି ସୂଚନା ଦେଇଛନ୍ତି। ଏହି ବୈଠକରେ ସେ ଚାରା ରୋପଣ କରି ଗ୍ରୀନ୍ ବୌଦ୍ଧ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସେପ୍ଟେମ୍ବର ୧୭ରେ ୧ ଲକ୍ଷ ୭୭ ହଜାର ୩୦୦ ଗଛ ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଉପ ଜିଲ୍ଲାପାଳ ବିନୟ ଭୋଇ, ସମସ୍ତ ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୫ ● ପାଉଣ୍ଡ ୧୧୭.୭
- ୟୁରୋ ୧୦୧.୬୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୧୫୦ (ଭୁବନେଶ୍ୱର)
- ରୁପା : ୧,୧୮,୪୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଅନ୍‌ଲାଇନ୍ ଗେମିଂରେ ତାଲା; ବନ୍ଦ ହେଲା ଫାଣ୍ଟାସୀ ଗେମ୍ସ




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ରିଅଲ୍ ମନି ଗେମିଂ ଅର୍ଥାତ୍ ଆରଜିଏମ୍‌କୁ ଡ୍ରଗ୍ସଠାରୁ ବି ଅଧିକ ହାନିକାରକ କୁହାଯାଉଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଏହାଦ୍ୱାରା ଦେଶରେ ଆମ୍ବହତ୍ୟା ବଢୁଛି ଓ ନିମ୍ନ ମଧ୍ୟବିତ୍ତ ପରିବାର ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ପ୍ରମୋସନ ଆଣ୍ଡ ରେଗୁଲେସନ୍ ଅଫ୍ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ଆସିବା ଭାରତର ରିଅଲ୍-ମନି ଗେମିଂ ଶିଳ୍ପରେ ହଇଚଇ ସୃଷ୍ଟି ହୋଇଛି। ବଡ଼ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକ ଟଙ୍କା ଲଗାଯାଉଥିବା ଖେଳଗୁଡିକୁ ବନ୍ଦ କରିଦେଇଛନ୍ତି । ତେବେ ଆପ୍ ଷ୍ଟୋର ଓ ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଏହି ଆପ୍‌ଗୁଡ଼ିକ ଉପଲବ୍ଧ। ଏହି ନୂଆ ବିଲ୍ ଆସିବା ପରେ ହଠାତ୍ ଏହି ଅନ୍‌ଲାଇନ୍ ଗେମିଂରେ ତାଲା ଲାଗିଯାଇଛି। ବନ୍ଦ ହୋଇଯାଇଛି ଫାଣ୍ଟାସି ଗେମ୍ସ। ଅନ୍‌ଲାଇନ୍ ଗେମିଂର ସବୁ ପ୍ଲାଟଫର୍ମଗୁଡିକ ନୂଆ ଜମା ଉପରେ ରୋକ୍ ଲଗାଇଛନ୍ତି। ଏଥିରେ କମ୍ପାନୀଗୁଡିକ ଜମାକାରୀଙ୍କୁ ସେମାନଙ୍କର ଟଙ୍କା ସୁରକ୍ଷିତ ଥିବା ଏବଂ ତାହା ଫେରସ୍ତ କରିବାର ଭରସା ଦେଇଛନ୍ତି।

ଏକ ଖବର ଅନୁଯାୟୀ, ଭାରତର ବଡ଼ ବଡ଼ ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଯେପରିକି ଡ୍ରିମ୍ ୧୧ର ମୂଳ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ, ଗେମ୍ସ କ୍ରାଫ୍ଟ,ମୋବାଇଲ ପ୍ରିମିୟର ଲିଗ୍(ଏମ୍‌ପିଏଲ) ,ଜୁପି ଏବଂ ପ୍ରୋବୋ ଭଳି କମ୍ପାନୀ ସେମାନଙ୍କ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ରିଅଲ ମନି ଗେମ୍‌ଗୁଡ଼ିକୁ ବନ୍ଦ କରିବା ଆରମ୍ଭ କରିଛନ୍ତି। ସଂସଦରେ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ଅନୁଯାୟୀ, ଏବେ ଯେ କୌଣସି ଖେଳ ଯେଉଁଥିରେ ଖେଳାଳି ଟଙ୍କା ଜମା କରନ୍ତି ଏବଂ ଜିତିବାକୁ ଆଶା କରନ୍ତି ତାହାକୁ ବେଆଇନ ବୋଲି ବିବେଚନା କରାଯିବ। ଡ୍ରିମ୍ ସ୍ପୋର୍ଟସ୍ ଏହାର ନୂତନ ଆପ୍ସ ଡ୍ରିମ୍ ପିକ୍ସ ଏବଂ ଡ୍ରିମ୍ ପ୍ଲେରେ ଚାଲୁଥିବା ସମସ୍ତ ପେ ଟୁ ପ୍ଲେ ପ୍ରତିଯୋଗିତାକୁ ବନ୍ଦ କରିଦେଇଛି। କମ୍ପାନୀ କହିଛି ଯେ ସମସ୍ତ ଖେଳାଳିଙ୍କ ଟଙ୍କା ସୁରକ୍ଷିତ ଅଛି ଏବଂ ଯେକୌଣସି ସମୟରେ ଡ୍ରିମ୍ ୧୧ ଆପ୍ ରୁ ଉଠାଯାଇପାରିବ। ଆଗାମୀ ସମୟରେ, ଡ୍ରିମ୍ ୧୧ ର ମୁଖ୍ୟ ଆପ୍ ଉପରେ ମଧ୍ୟ ଏହି ପ୍ରତିବନ୍ଧକ ଲଗାଯାଇପାରେ। ଜଣାପଡିଛି ଯେ ଆର୍ଥିକବର୍ଷ ୨୩ ରେ କମ୍ପାନୀ ୧୮୮ କୋଟି ଟଙ୍କା ଲାଭ ଏବଂ ୬,୩୮୪ କୋଟି ଟଙ୍କା ରାଜସ୍ୱ ପଞ୍ଜୀକୃତ କରିଥିଲା।

- ସବୁ ପ୍ଲାଟଫର୍ମ ନୂଆ ଜମା ଉପରେ ଲଗାଇଲେ ରୋକ୍
- ଟଙ୍କା ସୁରକ୍ଷିତ, ଫେରସ୍ତର ଭରସା ଦେଲେ କମ୍ପାନୀ
- ଆପ୍ ଷ୍ଟୋର, ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଗେମିଂ ଆପ୍ ଉପଲବ୍ଧ

ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ଲାଟ୍‌ଫର୍ମରେ ନିଜ ନିଜ ୱେବସାଇଟ୍‌ରେ ୟୁଜର୍ସଙ୍କ ପାଇଁ ବାର୍ତ୍ତ ଦେଇଛନ୍ତି । ସଂସ୍ଥାଗୁଡିକ ୱେବ୍‌ସାଇଟ୍‌ରେ ଲେଖିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ପରେ ଏବେ କାରବାର ବନ୍ଦ କରିବାକୁ ପଡୁଛି। ତେବେ କମ୍ପାନିଗୁଡିକ ୟୁଜର୍ସମାନଙ୍କୁ ସେମାନଙ୍କ ଟଙ୍କା ସୁରକ୍ଷିତ ଥିବା ଓ ଫେରସ୍ତ କରାଯିବ ବୋଲି ଭରସା ଦେଇଛନ୍ତି। ନୂଆ ଆଇନରେ ସ୍ପଷ୍ଟ କରାଯାଇଛି ଯେ କୌଣସି ପ୍ରକାର ରିୟଲ୍-ମନି ଗେମ୍‌ର ପ୍ରମୋସନ କିମ୍ବା ଟ୍ରାଞ୍ଜେକ୍ସନ ପାଇଁ ଏବେ ଅନୁମତି ଦିଆଯିବନାହିଁ । ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କ ବିରୋଧରେ କଠୋର ଆକ୍ସନ ନିଆଯିବ। ଏପରି କମ୍ପାନୀ ଉପରେ ଏକ କୋଟି ଟଙ୍କାର ଜରିମାନା ଓ ୩ ବର୍ଷ ଯାଏ ଜେଲ୍ ମଧ୍ୟ ହୋଇପାରେ। ଅନ୍ୟପଟେ ପ୍ରମୋଟର୍ସଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା ଓ ୨ବର୍ଷ ଯାଏ ଜେଲ୍ ଦଣ୍ଡ ପ୍ରାବଧାନ କରାଯାଇଛି। ସରକାର ଏହା ବି କହିଛନ୍ତି ଯେ ଇ-ସ୍ପୋର୍ଟ୍ସ ଓ ସୋସିଆଲ୍ ଗେମ୍ସକୁ ପ୍ରୋମୋଟ୍ କରାଯିବ। ଏଥିପାଇଁ ନ୍ୟାସନାଲ୍ ଗେମିଂ କମିଶନ ଗଠନ କରାଯିବ।

## ଅନ୍‌ଲାଇନ୍ ଗେମିଂ ବିଧେୟକ ଆଇନରେ ପରିଣତ

**ବିଲ୍‌କୁ ରାଷ୍ଟ୍ରପତି ଦେଲେ ମଞ୍ଜୁରୀ**

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପାଇବା ପରେ, ଅନଲାଇନ୍ ଗେମିଂ ବିଧେୟକ ଏବେ ଏକ ଆଇନରେ ପରିଣତ ହୋଇଛି। ଏବେ ରିଅଲ ମନି ଖେଳ ଉପରେ ପ୍ରତିବନ୍ଧକ ଲାଗିଯିବ। ସଂସଦରେ ଗୃହୀତ ହେବାର ଗୋଟିଏ ଦିନ ପରେ, ଅନଲାଇନ୍ ଗେମିଂ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଏବେ ଏହା ଏକ ଆଇନରେ ପରିଣତ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର କାର୍ଯ୍ୟକାରୀ ତାରିଖ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରାଯିବ। ଏହି ଆଇନ ଅନୁଯାୟୀ, ସମସ୍ତ ପ୍ରକାରର ଟଙ୍କା ଖେଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ, ଯେତେବେଳେ କି ସରକାର ଇ-କ୍ରୀଡା ଏବଂ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବେ। କେନ୍ଦ୍ର ସରକାର କହିଛନ୍ତି ଯେ ଅନଲାଇନ୍ ଟଙ୍କା ଖେଳ ଆଜି ଏକ ଗମ୍ଭୀର ସାମାଜିକ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଏଗୁଡ଼ିକ କେବଳ ଯୁବପିଢ଼ିଙ୍କ ମଧ୍ୟରେ ନିଶା ଏବଂ ଆର୍ଥିକ ନଷ୍ଟ ବୃଦ୍ଧି କରିନାହିଁ, ବରଂ ସମାଜ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନଲାଇନ୍ ଟଙ୍କା ଖେଳ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ପାଲଟିଛି। ପରିବାରର ସଞ୍ଚୟ ନଷ୍ଟ ହେଉଛି, ଅନେକ ଯୁବକ ମାନସିକ ବିକାର, ହିଂସାତ୍ମକ ଆଚରଣ ଏବଂ ବାଧ୍ୟତାମୂଳକ ଗେମିଂ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନିଶା ଦ୍ୱାରା ୪୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ଏଥିରେ ୨୦,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ବୋଲି ଆକଳନ କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି- ଏହା କେବଳ ନିଶା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ମନି ଲଣ୍ଡରିଂ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଣର ମାମଲା ମଧ୍ୟ ସାମ୍ନାକୁ ଆସିଛି। ସଂସଦରେ ବିଲ୍ ପାସ୍ ହେବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହି ଆଇନ ସମାଜକୁ ଅନଲାଇନ୍ ମନି ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ। ଏହା ଭାରତକୁ ଇ-କ୍ରୀଡା, ନବସୃଜନ ଏବଂ ସୃଜନଶୀଳତାର ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବାରେ ମଧ୍ୟ ସାହାଯ୍ୟ କରିବ। ମୋଦି କହିଥିଲେ, ସରକାର ଚାହାଁନ୍ତି ଯେ ଭାରତରେ ଗେମ୍ ବିକାଶ ଶିଳ୍ପକୁ ପ୍ରୋତ୍ସାହିତ କରାଯାଉ ଏବଂ ଯୁବପିଢ଼ିଙ୍କ ସୃଜନଶୀଳତାକୁ ଠିକ୍ ଦିଗରେ ବ୍ୟବହାର କରାଯାଉ।

# ଅଗଷ୍ଟ ୨୭ରେ 'ଭାରତ ପ୍ରତିଭା' ସମ୍ମାନ

କଟକ, ୨୨।୮ (ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି। ବାରଙ୍ଗ ରାମଦାସପୁରସ୍ଥିତ ଭାରତ ମସଲା ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାମାନଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ। ୧୯୭୧ରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରାଯିବ। ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଲବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ', ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ 'କଥା ଭାରତ', ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି ।ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଚି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତିଭାଧାରୀ ମାନଙ୍କୁ ନଗଦ ଅର୍ଥ ରାଶି ସହ ଉପଢ୍ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମନ୍ଥନ ପ୍ରମୁଖ ସହଯୋଗ କରିଥିଲେ ।




- ୨୬ ବର୍ଷରେ ଭାରତ ମସଲା
- କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ 'ଭାରତ ଗୌରବ' ସମ୍ମାନ

# ଟ୍ରମ୍ପ ଶୁଳ୍କକୁ ଚ୍ୟାଲେଞ୍ଜ: ମଜଭୁତ ହେଉଛି ଭାରତ-ବ୍ରାଜିଲ ତୈଳ ସମ୍ପର୍କ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ପରେ ଏହି ଘଟଣା ଭାରତ ଏବଂ ବ୍ରାଜିଲକୁ ତୈଳ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବାକୁ ପ୍ରେରଣା ଦେଉଛି। କାରଣ ନୂଆଦିଲ୍ଲୀ ସମ୍ପ୍ରତି ରୁଷୀୟ ତୈଳର ବିକଳ୍ପ ଖୋଜୁଛି। ଯେତେବେଳେ କି ବ୍ରାଜିଲ ଏହାର ବର୍ଦ୍ଧିତ ଅଶୋଧିତ ତୈଳ ଉତ୍ପାଦନ ପାଇଁ ନୂତନ ବଜାର ସନ୍ଧାନରେ ଅଛି। ଏସ୍‌ଆଣ୍ଡପି ଗ୍ଲୋବାଲ୍ କମୋଡିଟି ଇନସାଇଟ୍ସର ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଇତିମଧ୍ୟରେ ବ୍ରାଜିଲ୍‌ରୁ ଭାରତକୁ ତୈଳ ଆମଦାନୀରେ ୭୫% ବୃଦ୍ଧି ପରିଲକ୍ଷିତ ହୋଇଛି।

ଭାରତରେ ରୁଷୀୟ ତୈଳ ପ୍ରବାହ ଜାରି ରହିଛି, କିନ୍ତୁ ଭାରତୀୟ ରିଫାଇନାରୀମାନେ ସେମାନଙ୍କର ଉତ୍ସଗୁଡ଼ିକୁ ବିବିଧ କରି ସବୁଠାରୁ ତୈଳ ଆମଦାନୀ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏପରି ଏକ ପଦକ୍ଷେପ ଯାହା ଭାରତକୁ ବ୍ରାଜିଲୀୟ ଅଶୋଧିତ ତୈଳ ପ୍ରବାହକୁ ଖୁବ୍ ଉପରକୁ ନେଇଯାଇପାରେ, ଯାହା ୨୦୨୫ ର ପ୍ରଥମାର୍ଦ୍ଧରେ ସମସ୍ତ ଯୋଗାଣକାରୀଙ୍କ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏଥିରେ ଆହୁରି ବୃଦ୍ଧି ଘଟିଛି। ମାଲ ପରିବହନ, ମଧ୍ୟସ୍ଥତା ସୁଯୋଗ ଏବଂ ଅତିରିକ୍ତ କାର୍ଗୋର ଉପଲବ୍ଧତା ଭାରତୀୟ ବିଶୋଧନାକାରୀଙ୍କ ମଧ୍ୟରେ ବ୍ରାଜିଲୀୟ ଅଶୋଧିତ ତୈଳର ବାଣିଜ୍ୟିକ କାର୍ଯ୍ୟକ୍ଷମତା ନିର୍ଣ୍ଣୟ କରିବ, ଭାରତ ଏବଂ ବ୍ରାଜିଲ ସରକାରଙ୍କ ମଧ୍ୟରେ ବଢୁଥିବା କୂଟନୈତିକ ପ୍ରୟାସ ସକାରାତ୍ମକ ଫଳାଫଳ ଆଣିବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରାଜିଲିଆନ୍ ଅଶୋଧିତ ତୈଳର ପ୍ରାଥମିକ କ୍ରେତା ହୋଇଛନ୍ତି। ଭାରତ ଦକ୍ଷିଣ ଆମେରିକୀୟ ଦେଶରୁ ଅଶୋଧିତ ତୈଳ ଆମଦାନୀ କିପରି ବୃଦ୍ଧି କରିପାରିବ ଏବଂ ଅଫଶୋର ଗଭୀର ଏବଂ ଅତି-ଗଭୀର ଜଳ ଅନୁସନ୍ଧାନ ଏବଂ ଉତ୍ପାଦନ ପ୍ରକଳ୍ପରେ ସହଯୋଗ ପାଇଁ ସୁଯୋଗ ଅନୁସନ୍ଧାନ କରିପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିକଟରେ ବ୍ରାଜିଲ ଗସ୍ତ କରିଥିଲେ।

**ବ୍ରାଜିଲ୍‌ରୁ ତୈଳ ଆମଦାନୀ ୭୫% ବୃଦ୍ଧି**

# ବ୍ରିଟିଶ ଶିଳ୍ପପତି ଲର୍ଡ଼ ସ୍ୱରାଜ ପଲ୍‌ଙ୍କ ନିଧନ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ କିମ୍ବଦନ୍ତୀ ବ୍ରିଟିଶ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଦେହାନ୍ତ ଘଟିଛି। ୯୪ ବର୍ଷ ବୟସରେ ପଲ୍ ଦୀର୍ଘ ଅସୁସ୍ଥତାରେ ପୀଡିତ ଥିଲେ। ହାଉସ୍ ଅଫ୍ ଲର୍ଡସ୍ ସଦସ୍ୟ ସ୍ୱରାଜ ପଞ୍ଜାବର ଜଳନ୍ଧରର ବାସିନ୍ଦା। ପଲ୍ ବ୍ୟବସାୟ ଏବଂ ଅର୍ଥ କ୍ଷେତ୍ରରେ ସଫଳ ଥିଲେ, କିନ୍ତୁ ତାଙ୍କ ପରିବାର ସବୁବେଳେ ଦୁଃଖରେ ଘେରି ରହୁଥିଲା। ୨୦୧୫ ମସିହାରେ ତାଙ୍କ ପୁଅ ଅଙ୍ଗଦ ପଲ ୮ମ ମହଲାରୁ ପଡ଼ି ମୃତ୍ୟୁବରଣ କରିଥିଲେ। ୨୦୨୨ ମସିହାରେ ତାଙ୍କ ପତ୍ନୀ ଅରୁଣାଙ୍କ ମଧ୍ୟ ଦେହାନ୍ତ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସ୍ୱରାଜ ପଲ ୧୯୩୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ଲଣ୍ଡନ ଚାଲିଯାଇଥିଲେ। ସେଠାରେ କାପାରୋ ଗ୍ରୁପ୍ ଆରମ୍ଭ କରିଥିଲେ। ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ ଅନୁଯାୟୀ, ସେ ବ୍ରିଟେନର ଧନୀମାନଙ୍କ ତାଲିକାରେ ସାମିଲ ଅଛନ୍ତି। ଏହି ବର୍ଷ ସେ ଧନୀ ତାଲିକାର ୮୧ତମ ସ୍ଥାନ ହାସଲ କରିଛନ୍ତି। ୨ ବିଲିୟନ ପାଉଣ୍ଡ ଅର୍ଥାତ୍ ପ୍ରାୟ ୨୧୦୦୦ କୋଟି ଟଙ୍କାର ସମ୍ପତ୍ତି ସହିତ, ସେ ବ୍ରିଟେନ୍‌ରେ ନିଜର ଦବ୍‌ଦବା ଜାହିର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଜ ପଲଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ପୁରୀରେ ଭାରତୀୟ ଟୁର୍ ଅପରେଟର୍ ସଂଘ ସମ୍ମିଳନୀ ଆରମ୍ଭ

## ଯୋଗଦେଲେ ୧୭ ରାଜ୍ୟର ଏକହଜାର ଟୁର୍ ଅପରେଟର୍




ଭୁବନେଶ୍ୱର,୨୧।୮ (ସମିସ)

ପୁରୀରେ ଆରମ୍ଭ ହୋଇଛି ପର୍ଯ୍ୟଟନ ମହାକୁମ୍ଭ। ଭାରତୀୟ ଟୁର୍ ଅପରେଟର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୧୭ଟି ରାଜ୍ୟରୁ ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର, ଟୁରିଷ୍ଟ ଟ୍ରାନ୍ସପୋର୍ଟ ଅପରେଟର ପ୍ରମୁଖ ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗଦେଇଥିଲେ।

ଏଥିରେ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଡ. ଜେ.କେ ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଶା ଏପରି ଏକ ଭୂମି ଯାହାର କୌଣସି ପରିଚୟର ଆବଶ୍ୟକତାନାହିଁ। ଏହା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରକୃତି ନିର୍ବିଶେଷରେ ମିଶ୍ରିତ। ପୁରୀର ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଚମତ୍କାରଠାରୁ ଆରମ୍ଭ କରି ଖଣ୍ଡଗିରି ଏବଂ ଉଦୟଗିରିର ପ୍ରାଚୀନ ଗୁମ୍ଫା, ଏସିଆର ସର୍ବବୃହତ ଲୁଣିଆ ଜଳାଭୂମୀ ଚିଲିକା ହ୍ରଦଠାରୁ ଆରମ୍ଭ କରି ସିମିଳିପାଳ ଏବଂ ଭିତରକନିକାର ବନ୍ୟପ୍ରାଣୀ ସମ୍ପଦ ପର୍ଯ୍ୟନ୍ତ, ଓଡ଼ିଶା ଆକର୍ଷଣର ଏକ ଅତୁଳନୀୟ ବିବିଧତା ପ୍ରଦାନ କରେ। ପ୍ରକୃତରେ, ଓଡ଼ିଶା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଉଜ୍ଜ୍ୱଳ ଭାବରେ ଝଲସାଇବାକୁ ଅପେକ୍ଷା କରିଥିବା ଏକ ଲୁକ୍କାୟିତ ରତ୍ନ। ପୂର୍ବରୁ ଦୁଇଥର ଓଡ଼ିଶାରେ ଏହାର ସମ୍ମିଳନୀ ଆୟୋଜନ କରିଛି । ୨୦୦୮ ଏବଂ ପୁଣି ୨୦୧୭ରେ। ଉଭୟ ଥର, ରାଜ୍ୟକୁ ପ୍ରଚଣ୍ଡ ଦୃଶ୍ୟମାନତା, ନିବେଶ ଏବଂ ଆନ୍ତର୍ଜାତୀୟ ଦୃଷ୍ଟି ମିଳିଥିଲା। ଆଜି ତୃତୀୟ ଥର ପାଇଁ, ଓଡ଼ିଶା ଆପଣମାନଙ୍କୁ ସମସ୍ତଙ୍କୁ ଆତିଥ୍ୟ କରିବାର ଗୌରବ ପାଇଛି, ଏବଂ ଆମେ ନିଶ୍ଚିତ ଯେ ଏହି ୪୦ତମ ସମ୍ମିଳନୀ ନୂତନ ମାନଦଣ୍ଡ ସ୍ଥାପନ କରିବ ଏବଂ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ସାଧାରଣ ଜନତାଙ୍କ ସ୍ୱର ସାଜିଛି ଗୋଷ୍ଠୀ ବେତାର

# ଲୋକାଲ୍ ରେଡିଓ ୮୮.୮ ଏଫ୍‌ଏମ୍ ଲୋକାର୍ପିତ

ଭୁବନେଶ୍ୱର,୨୨।୮ (ସମିସ)




ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗ ଇଣ୍ଡିଆ ପକ୍ଷରୁ ଗୋଷ୍ଠୀ ବେତାର କେନ୍ଦ୍ର 'ଲୋକାଲ ରେଡ଼ିଓ' ୮୮.୮ ଏଫ୍.ଏମ.ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ ଇଣ୍ଡିଆ ପକ୍ଷରୁ ଗତ ୨୦୧୦ ମସିହାରେ କୋଣାର୍କରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର ପ୍ରତିଷ୍ଠା କରାଯାଇଥିଲା। ୟଙ୍ଗ ଇଣ୍ଡିଆର ଏହା ଦ୍ୱିତୀୟ ପଦକ୍ଷେପ। 'ଲୋକାଲ ରେଡ଼ିଓ' ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀର ସାଧାରଣ ଜନତାଙ୍କ ସ୍ୱର ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲୋକାର୍ପଣ ଉତ୍ସବର ପ୍ରଥମ ଅଧିବେଶନରେ ପିରାମଲ୍ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ବି.ଏନ୍.ଦୁର୍ଗାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଆକ୍ସନ୍‌ଏଡ଼୍‌ର ସହନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ସାଧାରଣ ଜନତାଙ୍କ ସ୍ୱର ସାଜିଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାରର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସଂପ୍ରତି ଗୋଷ୍ଠୀ ବେତାର କେନ୍ଦ୍ରର ସାମାଜିକ ପ୍ରଭାବ ସୁଦୂରପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ୟଙ୍ଗ ଇଣ୍ଡିଆ ଓ ରେଡ଼ିଓ ନମସ୍କାରର ପ୍ରତିଷ୍ଠାତା ଏନ୍.ଏ.ଶାହଃ ଅନସାରୀ ଦ୍ୱୈତ ନଗରୀବାସୀଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ 'ଲୋକାଲ ରେଡ଼ିଓ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ରେଡ଼ିଓ ନମସ୍କାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିପୁଣ ଓଡ଼ିଶା ଅଭିଯାନ'ର ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନିପୁଣ ଓଡ଼ିଶା ଅଭିଯାନର ସଫଳ ରୂପାୟନ ସଂପର୍କରେ ଯୁବ ଗବେଷକ ଅନ୍ଦାଜ ଆରନ୍ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କମ୍ୟୁନିଟି ରେଡ଼ିଓ ଅଫ୍ ଓଡ଼ିଶାର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଏସ୍.ଏ.ସଫିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡି.ଏନ୍. ଜେନା, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିବେଶୀ ରେଡ଼ିଓ ସାଥୀ 'ରେଡ଼ିଓ ଆଉଟ୍ ରିଚ୍', 'ରେଡ଼ିଓ ଜୁହାର', 'ରେଡ଼ିଓ ସମ୍ପର୍କ', 'ରେଡ଼ିଓ ମହକ', 'ରେଡ଼ିଓ ଗାର୍ଡେନ', 'ରେଡ଼ିଓ ସ୍ୱରାଜ' ଓ 'ରେଡ଼ିଓ ନମସ୍କାର'କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ସମାଜସେବୀ କୁମୁଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଲୋକାଲ ରେଡ଼ିଓର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, ଏସ୍. କାଜଲ, ଏମ୍. ନିୟାଜ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ନିହାର ରଞ୍ଜନ ବେଉରା ଓ ଜ୍ଞାନ ରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୨-ସ୍ପେନ୍ ବିପକ୍ଷରେ ମରକ୍କୋରେ ବିଦ୍ରୋହ।
- ୧୯୪୭- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶର ଉପ ପ୍ରଧାନମନ୍ତ୍ରୀ ହେଲେ।
- ୧୯୭୬- ଚୀନ୍‌ରେ ଭୂମିକମ୍ପ ଯୋଗୁଁ ହଜାରେ ଲୋକଙ୍କ ମୃତ୍ୟୁ।
- ୧୯୯୫- ଦେଶର ପ୍ରଥମ ସେଲୁଲାର ଫୋନ୍‌କୁ କଲିକତାରେ ବ୍ୟବସାୟିକ ପ୍ରବେଶ କରାଗଲା।
- ୨୦୦୮ - ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ନିଜ ପଦବୀରୁ ଇସ୍ତଫା ଦେଲେ।

## ଆଜି ବାହୁଡ଼ିଥିଲେ
# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ




ସ୍ୱାଧୀନତା ପାଇଁ ଯେତେବେଳେ ବ୍ରିଟିଶମାନଙ୍କ ସହ ଭାରତୀୟମାନେ ଲଢୁଥିଲେ ସେହି ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ। ଏକାଧାରରେ ସେ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବୀ। ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା। ଜାତିଆଣ ଭାବ ଓ ବାଲ୍ୟବିବାହ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ପେସାରେ ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଲେଖାଲେଖିରେ ତାଙ୍କର ଗଭୀର ରୁଚି ଥିଲା। ଓଡ଼ିଶାର ସେ ପ୍ରଥମ ମହିଳା ଡାକ୍ତର ଥିଲେ। ସ୍ୱଳ୍ପ ଅବଧିର ଜୀବନ କାଳରେ ସେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ। ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଗତ ବାଛବିଚାର ବିରୋଧରେ ସେ ଲେଖୁଥିଲେ। ଏହାଛଡ଼ା ବିଧବା ବିବାହ ଓ ନାରୀ ସଶକ୍ତୀକରଣ ନିମନ୍ତେ ସେ କାମ କରୁଥିଲେ। ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା। ତାଙ୍କ ଚର୍ଚ୍ଚିତ କବିତାଗୁଡ଼ିକ ମଧ୍ୟରେ ଥିଲା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଆହ୍ୱାନ', 'ଅଭିଶପ୍ତର ଅଭିମାନ', 'ପୂଜା' ଏବଂ 'ଶେଫାଳି ପ୍ରତି'। କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ ଦିଲ୍ଲୀରେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ। ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା। ୧୯୦୧ ମସିହା ଫେବୃଆରୀ ୮ ତାରିଖରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର(ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ। ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ। ଶୈଶବ ଓ କୈଶୋର ତାଙ୍କର କଟିଥିଲା ବର୍ମାର ଅଣଓଡ଼ିଆ ପରିବେଶରେ। ତେଣୁ ସେ ଆରମ୍ଭରୁ ହିନ୍ଦୀ ଭାଷା ସହିତ ପରିଚିତ ହେଲେ। ତେବେ ଘରୋଇ ଉଦ୍ୟମରେ 'ମଧୁ ବର୍ଣ୍ଣବୋଧ', 'ଶିଶୁପାଠ', 'ସାହିତ୍ୟ କୁସୁମ', 'ସାହିତ୍ୟ ତରଙ୍ଗ' ଆଦିର ସହାୟତାରେ ସେ ଓଡ଼ିଆ ଶିଖିଲେ। ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ। ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ। ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରିଣୀ କୁନ୍ତଳା କୁମାରୀଙ୍କର ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ସୂର୍ଯ୍ୟକିରଣ ଓ ଟେକ୍ନୋଲୋଜିଠୁ ଦୂରରେ
# ପାତାଳକୋଟ



ପ୍ରାଚୀନ ଗ୍ରନ୍ଥଓ ପୁରାଣଗୁଡ଼ିକରେ ପାତାଳକୁ ଏକ ରହସ୍ୟମୟ ଏବଂ ଆଶ୍ଚର୍ଯ୍ୟଜନକ ଦୁନିଆ ଭାବରେ ବର୍ଣ୍ଣନା କରାଯାଇଛି। ଏହା ପୃଥିବୀ ତଳେ ଅବସ୍ଥିତ ବୋଲି କୁହାଯାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ଛିନ୍ଦୱାଡା ଜିଲ୍ଲାର ଏକ ସ୍ଥାନ ପାତାଳ ଲୋକଠାରୁ କିଛି କମ୍ ନୁହେଁ। ଏହାର ନାଁ ପାତାଳକୋଟ। ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ପାତାଳ ଲୋକ ନାଁରେ ଜାଣନ୍ତି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୧୨୦୦ରୁ ୧୫୦୦ ଫୁଟ ତଳେ ଅବସ୍ଥିତ। ଆଜିକାଲିର ୫ଜି ଯୁଗରେ ବି ଏଠାକାର ଲୋକେ ଟେକ୍ନୋଲୋଜିଠାରୁ ବହୁ ଦୂରରେ। ଏବେ ବି ସେମାନେ ସେମାନଙ୍କର ପରମ୍ପରା ଏବଂ ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରୁଛନ୍ତି। ତେବେ ପାତାଳକୋଟରେ ୧୨ଟି ଛୋଟ ଛୋଟ ଗାଁ ରହିଛି। ତନ୍ମଧ୍ୟରୁ ୩ଟି ଗାଁ ଏମିତି ରହିଛି ଯେଉଁଠି ସକାଳ ବି ସଂଧ୍ୟା ଭଳି ଲାଗିଥାଏ। କାରଣ ଏହି ଗାଁଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ମୁଖ୍ୟତଃ ପାତାଳକୋଟରେ ଗୋଣ୍ଡ ଏବଂ ଭାରିୟା ଜନଜାତିର ଲୋକେ ବସବାସ କରନ୍ତି। ଏଠାକାର କିଛି ଲୋକ ଚାଷ କାମ କରି ଜୀବନ ନିର୍ବାହ କରୁଥିବାବେଳେ ଆଉ କିଛି ଲୋକେ ଜଙ୍ଗଲଜାତ ଜିନିଷ ଓ ଜଡ଼ିବୁଟି ବିକ୍ରିକରି ଦୁଇ ପଇସା ଉପାର୍ଜନ କରିଥାନ୍ତି। ସବୁଠୁ ଭଲ କଥା ହେଉଛି, ପେଟ ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉ କି ଶର୍କରା ସମସ୍ୟା, ସମସ୍ତ ରୋଗର ଉପଶମ ପାଇଁ ଏମାନଙ୍କ ପାଖେ ଜଡ଼ିବୁଟି ରହିଛି। ଏହାବାଦ୍ ପାତାଳକୋଟରେ ଏକ ସୁନ୍ଦର ଝରଣା ରହିଛି। ଏହି ଝରଣାର ପାଣିକୁ ହିଁ ଏଠାକାର ଲୋକେ ପିଇବା ଓ ଖାଦ୍ୟ ରାନ୍ଧିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ୧୨ଟି ଗାଁର ଲୋକଙ୍କର ବାହାର ଦୁନିଆ ସହିତ ଏତେଟା ସମ୍ପର୍କ ନ ଥିବାରୁ କରୋନା ମହାମାରୀ ସମୟରେ ଏଠାରେ ଗୋଟିଏ ବି କୋଭିଡ୍ ମାମଲା ଦେଖିବାକୁ ମିଳି ନଥିଲା।

# ସୁଗ୍ରୀବ ଭୂମିକାରେ ଅମିତ



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ନୀତେଶ ତିୱାରୀଙ୍କ 'ରାମାୟଣ'। 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ୍, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେଓଲ, କୈକେୟୀଙ୍କ ଭୂମିକାରେ ଲାରା ଦତ୍ତା ନଜର ଆସିବେ। ନମିତ ମଲହୋତ୍ରା ଓ ଯଶ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏବେ 'ରାମାୟଣ'ରେ ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି। 'ମହାରାନୀ' ୱେବ୍ ସିରିଜ୍, ଅଜୟ ଦେବଗନଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରେଡ୍-୨' ରେ ଅଭିନୟ କରିଥିବା ଅମିତ ସିୟାଲ ଏବେ 'ରାମାୟଣ'ରେ ସୁଗ୍ରୀବଙ୍କ ଭୂମିକାରେ ଦେଖାଯିବେ। ଦିନକୁ ଦିନ 'ରାମାୟଣ'ରେ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ନିୟମିତ ବ୍ୟବଧାନରେ ନୂଆ ନୂଆ କଳାକାରମାନଙ୍କ ଏଣ୍ଟ୍ରି ହେଉଛି। ତେବେ ୨୦୨୬ ଦୀପାବଳିରେ 'ରାମାୟଣ'ର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଏହାର ଦ୍ୱିତୀୟ ପାର୍ଟ ଆସିବ।

## ଆସ ପ୍ରଭୁ ଗଣନାଥ



ଭୋଦୁଅ ମାସର ଚତୁର୍ଥୀ ତିଥିରେ
ଆସ ପ୍ରଭୁ ଗଣନାଥ,
ଜାତି ଜାତି ଫୁଲ ଚାହିଁ ବସିଛନ୍ତି
ତୁମ ଆସିବାର ପଥ ।
ଶୁଖି ଯାଇଅଛି ମାଟିର ସଡ଼କ
ନାହିଁ ଓଦା ପଚା ସଢ଼ା,
ତୁମ ଆସିବାର ଆଗମନ ଜାଣି
ତୋରଣ ହେଲାଣି ଗଢ଼ା।
ଆଲୋକ ମାଳାରେ ସଜା ହୋଇଲାଣି
ସହର ବଜାର ଗାଆଁ,
ପୂରୁବ ଦିଗରେ ସୂରୁଜ ଦେବତା
ଉଇଁଲେଣି ଛାଆଁ ଛାଆଁ ।
ପୂଜା ମଣ୍ଡପକୁ ସଜଉଛୁ ଆମେ
ବିବିଧ ରଙ୍ଗରେ ମାଖି,
ଦେଖି ଦେଲେ ଥରେ ନୂଆ ବାଟୋଇର
ଝଲସି ଉଠିବ ଆଖି ।
ସୁନାରେ, ଚାନ୍ଦିରେ ମେଢ଼ ଗଢୁଅଛି
ଶିଳିପି ନ ଶୋଇ ରାତି,
ଜାତି ଜାତି ଫୁଲ କାନରେ କହୁଛି
ଭଅଁର ସକାଳୁ ନିତି ।
ଧୂପ, ଦୀପ, ଲଡୁ, କଦଳୀ, ନଡ଼ିଆ
ସଜ ହୋଇଲାଣୀ ଯେତେ,
ଚନ୍ଦନ, କର୍ପୂର ମନ୍ଦାର ମାଳକୁ
ଯୋଗାଡ଼ କରିଛି କେତେ ।
ପାଦ ଦିଅ ଥରେ ମରତ ମାଟିରେ
ମରତର ହେଉ ଶୁଭ,
ସକଳ ପ୍ରାଣୀକୁ ଦିଅ ବୁଦ୍ଧି ବିଦ୍ୟା
ଦିଅ ମନେ ଭକ୍ତି ଭାବ ।■



ତପନ କୁମାର ସ୍ୱାଇଁ
ଅଇଳି, ତିର୍ତ୍ତୋଲ
ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

## ଆସୁଛି ଗଣେଶ ପୂଜା



ରାମଚନ୍ଦ୍ର ବେହେରା

ଭୋଦୁଅ ଶୁକଳ ପୂଣ୍ୟ ଚତୁର୍ଥୀରେ
ଆସୁଛି ଗଣେଶ ପୂଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା।
ସ୍କୁଲ ଫାଟକରୁ ଶ୍ରେଣୀଗୃହ ତକ
ଦିଶେ ସ୍ୱଚ୍ଛ ଶୋଭାବନ
ରଙ୍ଗୀନ ଜରୀର ଅପୂର୍ବ ତୋରଣ
କିଣିନିଏ ସର୍ବ ମନ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ପିନ୍ଧିବେ ଗଜରା ମାଳ
ନାନା ଜାତି ଫଳ ରାଶିଲଡୁ ଭୋଗ
ଲଗାଇବେ ଛାତ୍ରଗଣ।
ନୂଆ ବସନରେ ସଭିଏଁ ଆସିବେ
ଗାଇବେ ଗଣେଶ ସ୍ତୁତି
ପୁଷ୍ପାଞ୍ଜଳି ଦେଇ ପ୍ରଣତି କରିବେ
ବିଦ୍ୟା ଦେବେ ବିଦ୍ୟାପତି।
ଶିଶୁ ଭକ୍ତି ଦେଖି ଖୁସିହେବେ ପ୍ରଭୁ
ଢାଳିବେ କରୁଣା ବାରି
ଅଜ୍ଞାନ ତିମିର ଦୂରକରି ପ୍ରଭୁ
ଦିବ୍ୟଜ୍ଞାନ ଦେବେ ଭରି।
କୋମଳ ଶିଶୁଙ୍କ କୋମଳ ପରାଣେ
ଭରିବେ ଧର୍ମ ବିଚାର
ଜ୍ଞାନଦାତାଙ୍କର ଜ୍ଞାନ ଆଲୋକରେ
ହସିବ ସାରା ସଂସାର।■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୪୫୫୬୩୪୨୪୬

## ନୂଆଁଖାଇ





ସୁଧାକର ରାଉତ

ଭାଦରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇ ପର୍ବ ଆସି
ବରଷାରେ ଭିଜି ଡାକଇ ଦୁଆରେ
ବାଣ୍ଟିବାକୁ ତା'ର ଖୁସି ।
ତା'ର ସୁଗନ୍ଧେ ପଶ୍ଚିମ ଓଡ଼ିଶାର
ପଲ୍ଲୀଠୁ ସହର ହସେ
ମା'ଙ୍କର ଅପାର କରୁଣାରୁ ସିଏ
ମହମହ ହୋଇବାସେ ।
ମା' ସମଲେଇଙ୍କୁ ଭକ୍ତି ଭରେ ସର୍ବେ
ନବାନ୍ନ ସମର୍ପି ଦେଇ
ପ୍ରଫୁଲ୍ଲ ଚିତ୍ତରେ କରନ୍ତି ଭୋଜନ
ଦୁଃଖ ଶୋକ ଭୁଲି ଯାଇ ।
ଆବାଳ ବୃଦ୍ଧ ବନିତା ଏ ପରବେ
ନୂତନ ବସନ ପିନ୍ଧି
ପରସ୍ପରେ ଆଜି ଜୁହାର ହୁଅନ୍ତି
ସ୍ନେହ ପ୍ରେମ ଡୋରେ ବାନ୍ଧି ।
ଭୁଲନ୍ତି ସଭିଏଁ ଭେଦ ଭାବ ଯେତେ
ଅବା ହିଂସା ରାଗ ରୋଷ
ପ୍ରଣତି ଜଣାନ୍ତି ମା'ଙ୍କ ପଦ୍ମପାଦେ
ପୂର୍ଣ୍ଣ କରିବାକୁ ଆଶ ।
ଅତି ନିଆରା ଏ ଗଣ ପରବଟି
ଓଡ଼ିଶା ରାଇଜେ ଆମ
ଗରବ ଗୌରବ ଗାଥା ଗାଇ ତା'ର
ରଖିଛି ସ୍ୱତନ୍ତ୍ର ନାମ ।■

ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୮୨୯

# ସୁମନ

## ସହନଶୀଳତା




ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ । ସେ ଶ୍ରେଣୀରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି। ସ୍କୁଲରେ ସମସ୍ତଙ୍କ ସହିତ ତା'ର ଉତ୍ତମ ସମ୍ପର୍କ। ମନକୁ ତା'ର ଯାହା ଆସେ ତାହା କରି ପକାଏ ଯେତେ ବୁଝାଇଲେ ମଧ ସେ କାହା କଥା ଶୁଣେନାହିଁ। ସେ ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁ ଲୋକଙ୍କୁ ଗୋଟେ ଆମ୍ବଗଛ ମୂଳରେ ବସିଥିବାର ଦେଖେ। ଖରାଦିନ ହୋଇ ଥିବାରୁ ପାକଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁ ଲୋକ ଜଣଙ୍କ ମନଖୁସିରେ ନେଇ ତାକୁ ଖାଇ ଦିଅନ୍ତି । ଚିନୁ ଏ ସବୁ ଦେଖି ତା' ମନରେ ଈର୍ଷା ଜାତ ହେଲା। ସେ ଭାବିଲା- ବିନା କାରଣରେ ସାଧୁ ଜଣକ ଏଠାରେ ଖାଲି ବସି ରହୁଛନ୍ତି ଓ ଆମ୍ବ ନେଇ ଖାଇ ଦେଉଛନ୍ତି । ସେ ମନେମନେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଆମ୍ବ ଖାଇବେ। ରବିବାର ଛୁଟି ଦିନ ହୋଇଥିବାରୁ ଚିନୁ ସାଙ୍ଗମାନଙ୍କୁ ନେଇ ଆମ୍ବ ଗଛ ମୂଳରେ ପହଞ୍ଚିଲା । ଆଗଭଳି ସାଧୁ ଜଣଙ୍କ ସେଠାରେ ବସି ରହିଥିଲେ । ଚିନୁ ଓ ତାର ସାଙ୍ଗମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ପକାଇବା ପାଇଁ ପ୍ରସ୍ତୁତ ହେଲା ବେଳେ ସେ ଏପରି କରିବାକୁ ମନା କଲେ। ଚିନୁ ସାଧୁ ଜଣଙ୍କୁ ଆପଣଙ୍କର କ'ଣ ଅସୁବିଧା ହେଉଛି ବୋଲି ରାଗିକି ପଚାରିଲା। ସେ ନମ୍ର ହୋଇ ସମସ୍ତଙ୍କୁ ଗୋଟିଏ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ଆଉ ଅଟକାଇ ବି ନାହିଁ ବୋଲି ହସି ଦେଇ କହିଲେ। ସମସ୍ତେ ଭାବିଲେ ସାଧୁଙ୍କ କଥା ଶୁଣି ସାରିବା ପରେ ଆମ୍ବ ଗଛକୁ ଟେକା ପକାଇବେ। ସାଧୁ ଜଣଙ୍କ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା' ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ । ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ । ଆମ୍ବ ଗଛଟିର ଡାଳରେ ଅନେକ ଆମ୍ବ ଭରି ରହିଛି ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି। ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ। ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ସୁଝାଇ ତା' ଠାରୁ ଭଲ ଗୁଣ ଗ୍ରହଣ ଉଚିତ। ଏମିତି ହେଲେ ଜଣେ ଉତ୍ତମ ଚରିତ୍ରର ମଣିଷ ହୋଇ ସମାଜର ମଙ୍ଗଳ କରିପାରିବ। ଚିନୁ ଆଉ ତା ସାଙ୍ଗମାନେ ନିଜ ନିଜର ଭୁଲ ବୁଝି ପାରି ଜୀବନରେ ଆଉ କେବେ ଏପରି କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ ।■



ସତ୍ୟନାରାୟଣ ପ୍ରଧାନ
ଜେନାପୁର, ଯାଜପୁର
ମୋ - ୯୧୭୮୩୧୩୬୪୪

## ଚିତ୍ର ଗ୍ୟାଲେରୀ











**ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର



**ସିଦ୍ଧ ମନୀଷ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଢୁମୁଢୁମା, ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ୍
କାଟ୍ରା, ଜମ୍ମୁ କାଶ୍ମୀର

## ଚୟନ କମିଟିରେ ସାମିଲ ହେବେ ପ୍ରଜ୍ଞାନ; ଶିବଙ୍କୁ ନେଇ ଅନିଶ୍ଚିତତା



ମୁମ୍ବଇ, ୨୨।୮ (ଏଜେନ୍ସି): ଭାରତୀୟ ଦଳର ଚୟନ କମିଟିରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏଥିଲାଗି ଜାତୀୟ ପୁରୁଷ ଓ ମହିଳା ଦଳ ଚୟନ କମିଟିର ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଯେଉଁଥିରେ ପୁରୁଷ ଚୟନ କମିଟିରେ ୨ଜଣ ଓ ମହିଳା ଚୟନ କମିଟିରେ ୪ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ଅତିକମ୍‌ରେ ୧୦ଟି ଏକଦିବସୀୟ, ୭ଟି ଟେଷ୍ଟ କିମ୍ବା ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ସେ ୫ ବର୍ଷ ତଳୁ ଅବସର ନେଇଥିବେ ଓ ବିସିସିଆଇର କୌଣସି ଚୟନ କମିଟିରେ କ୍ରମାଗତ ୫ବର୍ଷ ଧରି ରହି ନ ଥିବେ। ପୁରୁଷ ଚୟନ କମିଟିର କେଉଁ ଜୋନରୁ ପ୍ରାର୍ଥୀଙ୍କୁ ବଦଳାଯିବ କିମ୍ବା କେଉଁ ଜୋନରୁ ନୂତନ ପ୍ରାର୍ଥୀ ଆସିବେ ସେ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତଥାପି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଦୁଇ ନୂଆ ସଦସ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନରୁ ଆସିବେ। ଦକ୍ଷିଣ ଜୋନ୍‌ର ଏସ୍. ଶରତ ତାଙ୍କ କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ପୂର୍ବତନ ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ତାଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ରୀୟ ଜୋନରୁ କାହାକୁ ନିଆଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟ ଜଣାପଡ଼ିନି। ବର୍ତ୍ତମାନର ଚୟନ କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ କେନ୍ଦ୍ରୀୟ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ସ୍ଥାନରେ ନୂଆ ସଦସ୍ୟଙ୍କୁ ନେବାକୁ ବିସିସିଆଇ ଚିନ୍ତା କରୁଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଚୟନ କମିଟିରେ ପଶ୍ଚିମ ଜୋନ ଓ ଉତ୍ତର ଜୋନର ସଦସ୍ୟଙ୍କ କାର୍ଯ୍ୟକାଳ ବଢ଼ିବା ନିଶ୍ଚିତ ହୋଇଛି। ପଶ୍ଚିମ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଅଗରକରଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବଢ଼ିଥିବା ରିପୋର୍ଟ ଗତ ୨ ଦିନ ତଳେ ପ୍ରକାଶ ପାଇଥିଲା। ସେହିଭଳି ଉତ୍ତର ଜୋନର ଅଜୟ ରାତ୍ରାଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ପୂର୍ବ ଜୋନରୁ ସୁବ୍ରତ ବାନାର୍ଜୀ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଛନ୍ତି।

## ଗୋଟିଏ ସପ୍ତାହରେ ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଆଇଏସ୍‌ଏଲ୍ ବିବାଦ




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶର ସର୍ବବୃହତ ଫୁଟବଲ ଲିଗ୍‌ର ମାନ୍ୟତା ପାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଚାଲିଥିବା ବିବାଦ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିକ୍ରମରେ କୋର୍ଟ ସମାଧାନ ବାହାର କରିବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଆୟୋଜନକାରୀ କମ୍ପାନୀ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପିଏସ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଏକାଠି ବସି ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ (ଏମ୍‌ଆରଏ)ର ନବୀକରଣ ନେଇ ଦୁଇ ସଂସ୍ଥା ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ୨୦୧୦ରେ ଏହି ଦୁଇ ସଂସ୍ଥା ମଧ୍ୟରେ ୧୫ ବର୍ଷ ପାଇଁ ଏମ୍‌ଆରଏ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁସାରେ ଏଫ୍‌ଏସ୍‌ଡିଏଲ୍ ପ୍ରତିବର୍ଷ ଏଆଇଏଫ୍‌ଏଫ୍‌କୁ ୫୦ କୋଟି ଟଙ୍କା ପ୍ରଦାନ କରିଥାଏ। ବଦଳରେ ଏଫ୍‌ଏସ୍‌ଡିଏଲ୍‌କୁ ଭାରତୀୟ ଜାତୀୟ ଫୁଟବଲ ଦଳ ସହିତ ଆଇଏସଏଲ୍‌ର ପ୍ରସାରଣ, ପ୍ରବନ୍ଧନ ଓ ପ୍ରଚାର ଅଧିକାର ପ୍ରାପ୍ତ ହୋଇଥାଏ। ବର୍ତ୍ତମାନ ଚୁକ୍ତି ଅବଧି ଶେଷ ହୋଇଛି। ବିଭିନ୍ନ କାରଣରୁ ଏମ୍‌ଆରଏ ଚୁକ୍ତିର ନବୀକରଣ ହୋଇ ନଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେଣୁ ସମାଧାନ ବାହାର କରିବାକୁ ଏବେ ସମୟ ଉପନୀତ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

### ଅନ୍‌ଲାଇନ୍ ଗେମିଂ ବିଲ୍‌ର ପ୍ରଭାବ

# ଏସିଆ କପ୍ ପୂର୍ବରୁ ମୁଖ୍ୟ ପ୍ରାୟୋଜକ ହରାଇବ ଭାରତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):




ଅନ୍‌ଲାଇନ୍ ମନି ଗେମିଂ ବିଲ୍ ଉପରେ ଲାଗିଛି ପ୍ରତିବନ୍ଧକ। ସଂସଦର ଉଭୟ ଗୃହରେ ଏହା ପାରିତ ହେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଏହି ବିଲ୍ ଉପରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ବିଲ୍ ନୂତନ ଆଇନରେ ପରିଣତ ହୋଇଛି। ଏବେ ଏହାର ସିଧାସଳଖ ପ୍ରଭାବ ଭାରତୀୟ କ୍ରିକେଟ୍ ଦଳ ଉପରେ ପଡ଼ିଛି। ଭାରତୀୟ କ୍ରିକେଟ୍ ଦଳ ଏହାର ଜର୍ସି ତଥା ମୁଖ୍ୟ ପ୍ରାୟୋଜକ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଯାହା ଫଳରେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବିନା ଲୋଗୋରେ ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇପାରେ।

ଅନ୍‌ଲାଇନ ଫାଣ୍ଟାସି କ୍ରୀଡ଼ା 'ଡ୍ରିମ ୧୧' ଜୁଲାଇ ୨୦୨୩ରେ ତିନି ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ରିପୋର୍ଟ ମୁତାବକ ୩୫୮ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଥିଲା। ଏହାପରେ 'ବାୟଜୁସ'ର ସ୍ଥାନରେ 'ଡ୍ରିମ ୧୧' ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିଥିଲା। ସେବେଠାରୁ ଭାରତର ପୁରୁଷ, ମହିଳା, ଜୁନିଅର ଆଦି ଦଳର ଖେଳାଳିଙ୍କ ଜର୍ସିରେ ଏହାର ଲୋଗୋ ରହୁଥିଲା। କିନ୍ତୁ ଏବେ ଅନ୍‌ଲାଇନ ଗେମିଂ ବିଲ୍ ଆସିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବିସିସିଆଇ କିମ୍ବା 'ଡ୍ରିମ ୧୧' ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ତଥାପି ବିସିସିଆଇର ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ବିସିସିଆଇ ଦେଶର ଆଇନକୁ ସମ୍ମାନ କରେ ଏବଂ ଏହାକୁ ପାଳନ କରିବ।

ଉଲ୍ଲେଖଯୋଗ୍ୟ ଡ୍ରିମ ୧୧' ଏକମାତ୍ର କମ୍ପାନୀ ନୁହେଁ ଯାହାର ଭାଗ୍ୟ ବିସିସିଆଇ ସହ ଜଡ଼ିତ ହେବାପରେ କ୍ଷତିଗ୍ରସ୍ତ ହୋଇଛି। ଏଥିପୂର୍ବରୁ ବିସିସିଆଇର ମୁଖ୍ୟ ପ୍ରାୟୋଜକ ରହିଥିବା ବିଭିନ୍ନ କମ୍ପାନୀ ଯଥା ସାହାରା, ଷ୍ଟାର୍ ଇଣ୍ଡିଆ, ଓପୋ, ବାୟଜୁସ୍ ବିସିସିଆଇର ପ୍ରାୟୋଜକ ରହି ପ୍ରଚୁର ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

● ଆଜି ଡୁରାଣ୍ଡ କପ୍ ଫାଇନାଲ୍

## ଟାଇଟଲ୍ ପାଇଁ ଲଢ଼ିବେ ନର୍ଥଇଷ୍ଟ-ଡାଏମଣ୍ଡ ହାର୍ବର୍

କୋଲକାତା, ୨୨।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ



ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ୍ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଓ ପଦାର୍ପଣକାରୀ ଡାଏମଣ୍ଡ ହାର୍ବର୍ ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୫ଟା ୩୦ରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ନର୍ଥଇଷ୍ଟ ଚାମ୍ପିଅନ ହୋଇଥିବାରୁ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଡାଏମଣ୍ଡ ହାର୍ବର୍ ଦଳ ପ୍ରଥମଥର ଲାଗି ଡୁରାଣ୍ଡ କପ୍ ଖେଳୁଛି। ପଦାର୍ପଣରେ ଦଳ ସେମିଫାଇନାଲରେ ୧୬ଥରର ଚାମ୍ପିଅନ ଇଷ୍ଟବେଙ୍ଗଲକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ମଧ୍ୟ ଡାଏମଣ୍ଡ ହର୍ବର୍ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି।

**ଫାଇନାଲ ମ୍ୟାଚ୍**
ଆରମ୍ଭ : ସନ୍ଧ୍ୟା ୫ଟା ୩୦
ପ୍ରସାରଣ : ସୋନୀ ଟେନ୍-୨

## ବୁଚି ବାବୁ କ୍ରିକେଟ: ଓଡ଼ିଶା ୨୨୨/୧୦

କଟକ,୨୨।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୂର୍ବତଟ ରେଳବାଇକୁ ଭେଟିଛି ଓଡ଼ିଶା। ଶୁକ୍ରବାରଠାରୁ ଚେନ୍ନାଇର ଏସ୍‌ଆରଏମସି ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ୍ ୨୨୨ ରନରେ ସୀମିତ ରହିଯାଇଛି। ଏହାପରେ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ବିନା ୱିକେଟରେ ୧୯ ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୱିକେଟକିପର ରାଜେଶ ଧୂପରଙ୍କ ୪୩, ସମ୍ବିତ ବରଲାଙ୍କ ୩୭, ବାଦଲ ବିଶ୍ୱାଳଙ୍କ ୩୪ ଓ ଅଧିନାୟକ ସ୍ୱସ୍ତିକଙ୍କ ୩୩ ରନ ବଳରେ ଦଳ ସମ୍ମାନଜନକ ରନ ସଂଗ୍ରହ କରିଥିଲା। ଅନ୍ୟସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ରେଳବାଇର ବାମହାତୀ ସ୍ପିନର ରାଜ ଚୌଧୁରୀ ୧୦୪ରନ ବ୍ୟୟ କରିବା ସତ୍ତ୍ୱେ ୬ଟି ୱିକେଟ ଦଖଲ କରିଥିଲେ। ଆକାଶ ପାଣ୍ଡେ ଓ ବିଶାଲ ହର୍ଷ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସ୍ପିନରଙ୍କ ସହଯୋଗରେ ୧୦ଟି ଯାକ ୱିକେଟ ରେଳବାଇ ହାସଲ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରେଳବାଇ ୪ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୯ ରନ କରିଛି। ମୃଣାଳ ଦେବଧର ୬ ଏବଂ ଆଶିଷ ସିଂହ ୧୨ ରନରେ ଅପରାଜିତ ଅଛନ୍ତି।

## ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଓଡ଼ିଶାକୁ ଆଉ ଦୁଇ ରୌପ୍ୟ

କଟକ,୨୨।୮ (ସମିସ): ଶ୍ରୀନଗରରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ଆଉ ଦୁଇ ରୌପ୍ୟ ପଦକ ଜିତିଛି। ଏଥିସହିତ ଓଡ଼ିଶାର ପଦକ ସଂଖ୍ୟା ମୋଟ ୪ରେ ପହଞ୍ଚିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ରହିଛି। ଆଜି ପୁରୁଷ କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ନାଓରାମ ଜମେଶ ଓ ସନ୍ତୋଷଙ୍କ ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ଓନିମା ବିଦ୍ୟାଦେବୀ ଓ ଶ୍ରୁତି ଚୌଗୁଲଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ବିଜୟୀ ହୋଇଛି।

## ନେସନ୍ସ କପ୍: ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ଆକାଶ



ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଦୃଷ୍ଟିବାଧିତ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ନେସନ୍ସ କପ୍ ଓ ଏସିଆ ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିହୀନ ଫୁଟବଲ୍ ମହାସଂଘ ପକ୍ଷରୁ ଶୁକ୍ରବାର ଦଳ ଘୋଷଣା କରାଯାଇଛି। ଓଡ଼ିଶାର ଆକାଶ ପଡ଼ିଆମୀ ଗୋଲ୍‌କିପର ଭାବେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର କୋଚିଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର 'ବ୍ଲୁ ଆଇ' ସଂଗଠନ ପକ୍ଷରୁ ଆଶିଷ ସାହୁ ଓ ଆକାଶ ପଡ଼ିଆମୀ ଭାଗନେଇଥିଲେ। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ଆକାଶ ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ 'ବ୍ଲୁଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଅନ୍ୟ କର୍ମକର୍ତ୍ତା ଆକାଶଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

### ମହିଳା ଦିନିକିଆ ବିଶ୍ୱକପ୍

## ଚିନ୍ନାସ୍ୱାମୀରୁ ଡିୱାଇ ପାଟିଲକୁ ସ୍ଥାନାନ୍ତରିତ ହେଲା ମ୍ୟାଚ୍

ମୁମ୍ବାଇ, ୨୨।୮: ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଭାରତ ଏହି ମେଗା ଟୁର୍ଣ୍ଣାମେଣ୍ଟର ଏଥର ଆୟୋଜକ ରହିଥିବାବେଳେ ପାକିସ୍ତାନ ଦଳ ଏହାର ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ତେବେ ଏଥିପୂର୍ବରୁ ଭେନ୍ୟୁ ପରିବର୍ତ୍ତନକୁ ନେଇ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକୁ ନବୀ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି। ଆଇସିସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ଗତ ଆଇପିଏଲ୍‌ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଚିନ୍ନାସ୍ୱାମୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜଷ୍ଟିସ ଜନ ମାଇକେଲ ଡି'କୁନା କମିଶନ ଏହାର ରିପୋର୍ଟରେ ଦର୍ଶାଇଥିଲା କି ଚିନ୍ନାସ୍ୱାମୀ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ। ଯେଉଁଥିପାଇଁ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ଅଧିକାରୀଙ୍କ ନିକଟରୁ ଅନୁମତି ମିଳିପାରି ନ ଥିଲା। ଯେଉଁଥିପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଶେଷ ମୁହୂର୍ତ୍ତରେ ଭେନ୍ୟୁ ତାଲିକାରୁ ବାଦ୍ ଦେବାକୁ ବିସିସିଆଇ ବାଧ୍ୟ ହୋଇଥିଲା। ଚିନ୍ନାସ୍ୱାମୀ ଏବେ ଉଦ୍‌ଘାଟନୀ ଓ ଫାଇନାଲ ସମେତ ୫ଟି ମ୍ୟାଚ୍ ଆୟୋଜନ ଅଧିକାର ହରାଇଛି। ଅପରପକ୍ଷରେ ନବୀ ମୁମ୍ବଇ ଏବେ ବିଶ୍ୱକପ୍ ଆୟୋଜନର ୫ ଭେନ୍ୟୁ ତାଲିକାରେ ଯୋଡ଼ି ହୋଇଛି।

**ବିଶ୍ୱକପ୍‌ର କେଉଁ କେଉଁ ମ୍ୟାଚ୍ ହରାଇଲା ଚିନ୍ନାସ୍ୱାମୀ**

| | |
|---|---|
| ସେପ୍ଟେମ୍ବର ୩୦ | ଭାରତ-ଶ୍ରୀଲଙ୍କା |
| ଅକ୍ଟୋବର ୩ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା |
| ଅକ୍ଟୋବର ୨୬ | ଭାରତ-ବାଂଲାଦେଶ |
| ଅକ୍ଟୋବର ୩୦ | ଦ୍ୱିତୀୟ ସେମିଫାଇନାଲ |
| ନଭେମ୍ବର ୨ | ଫାଇନାଲ |

### ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍

## ସନ୍ନି ଏକ୍ସପ୍ରେସ୍ ଚାମ୍ପିଅନ



ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦୁଝରର ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍)ର ସିଏସ୍‌ଆର୍ ପଦକ୍ଷେପ 'ଉଡାନ' ମାଧ୍ୟମରେ ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ପ୍ରାୟୋଜକ ଭୂମିକା ନିର୍ବାହ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ୨୪୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ୍ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଫାଇନାଲରେ ସନ୍ନି ଏକ୍ସପ୍ରେସ ୧-୦ ଗୋଲରେ ଖୁସି-୧୧'କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକକଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସିଏସ୍‌ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶିବ ମୁଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ଅଜୟ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ଅବିନାଶ ମୁଣ୍ଡା ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷରେ ଦ. ଆଫ୍ରିକାର କ୍ରମାଗତ ୫ମ ସିରିଜ୍ ବିଜୟ

ମାକୟ, ୨୨।୮ (ଏଜେନ୍ସି)



ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮୪ ରନରେ ଶୋଚନୀୟ ଭାବେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟବରଣ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୯୮ ରନରେ ଜିତିଥିଲା। ଫଳରେ ସିରିଜର ଗୋଟିଏ ମ୍ୟାଚ୍ ବଳକା ଥାଇ ଭ୍ରମଣକାରୀ ଦଳ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା କମ୍ରାଗତ ୫ମ ଦିନିକିଆ ସିରିଜ ବିଜୟ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଶେଷ ୮ଟି ଦିନିକିଆ ସିରିଜରୁ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଜିତିବାରେ ସମର୍ଥ ହୋଇଛି।

ଦ୍ୱିତୀୟ ଦିନିକିଆରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ ମାର୍କରମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୨୩ ରନ ମଧ୍ୟରେ ଦଳ ଦୁଇ ଓପନର୍ ର୍‌ୟାନ ରିକ୍ଲେଟନ (୮) ଓ ଅଧିନାୟକ ମାର୍କରମ (୦)ଙ୍କ ୱିକେଟ୍ ହରାଇଥିଲା। ଜାଭିଅର ବାର୍ଟଲେଟ୍ ଏହି ଦୁଇଟି ୱିକେଟ୍ ନେଇ ଘରୋଇ ଦଳକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ମଧ୍ୟକ୍ରମରେ ମାଥ୍ୟୁ ବ୍ରିଜକେ (୮୮ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୪୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆର ଆଦାମ ଜାମ୍ପା ୩ ଏବଂ ବାର୍ଟଲେଟ, ନାଥନ ଏଲିସ୍ ଓ ମାର୍ନସ ଲାବୁଶେନ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶଙ୍କ ୮୭ ରନ ସତ୍ତ୍ୱେ ୩୭.୪ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ପହଞ୍ଚାଇଥିବା ଦ୍ରୁତ ବୋଲର ଲୁନଗି ଏନଗିଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଖେଳାଯିବ। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜକେ ଏହି ଅର୍ଦ୍ଧଶତକୀୟ ପାଳିରେ ଏକ ବିଶ୍ୱରେକର୍ଡ କରିଛନ୍ତି। ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ପ୍ରଥମ ଖେଳାଳି ଭାବେ ସେ ପଦାର୍ପଣ ପରେ କ୍ରମାଗତ ୪ଟି ଅର୍ଦ୍ଧଶତକ ମାରିଛନ୍ତି। ବ୍ରିଜକେ ଏଥିପୂର୍ବରୁ ପାକିସ୍ତାନ ବିପକ୍ଷ ପଦାର୍ପଣ ମ୍ୟାଚରେ ୧୫୦ ରନ, ପରେ ସେହି ଦଳ ବିପକ୍ଷରେ ୮୩ ଏବଂ ଅଷ୍ଟ୍ରେଲିଆ ସହ ପ୍ରଥମ ମ୍ୟାଚରେ ୫୭ ରନ କରିଥିଲେ। ଭାରତର ନବଜୋତ୍ ସିଂହ ସିଦ୍ଧୁ ପଦାର୍ପଣ ପରେ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS